

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୩ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 13 NOVEMBER 2021

Vol.No. 32 ■ No. 289 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର୍ ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆରବିଆଇର ଦୁଇଟି ଅଭିନବ ଗ୍ରାହକ କୈନ୍ଦ୍ରିକ ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୨/୧୧: "ଅଭିଯୋଗ ସମାଧାନ ବ୍ୟବସ୍ଥା ଏକ ଗଣତନ୍ତ୍ରର ସବୁଠୁ ବଡ଼ ସାମର୍ଥ୍ୟ। ସମନ୍ୱିତ ଲୋକପାଳ ଯୋଜନା ଏହି ଉଦ୍ଦେଶ୍ୟକୁ ପୂରଣ କରିବା ଦିଗରେ ଦୀର୍ଘଦିନ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ" ନୂଆଦିଲ୍ଲୀ, ୧୨ ନଭେମ୍ବର - ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଦୁଇଟି ଅଭିନବ ଗ୍ରାହକ କୈନ୍ଦ୍ରିକ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଦୁଇଟି ଯୋଜନା ହେଲା- ରିଟେଲ୍ ଡାଇରେକ୍ଟ ଯୋଜନା ଏବଂ ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଲୋକପାଳ ଯୋଜନା। ପ୍ରଧାନମନ୍ତ୍ରୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଜନା ଦୁଇଟିର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଏବଂ



ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶ୍ରୀ ଶକ୍ତିକାନ୍ତ ଦାସ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଏହି ସମାରୋହରେ ଉଦବୋଧନ ଦେଇ ମହାମାରୀ ସମୟରେ ଅର୍ଥ ମନ୍ତ୍ରଣାଳୟ ଏବଂ ଆରବିଆଇ ଭଳି ସଂସ୍ଥାନର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, "ଅମୃତ ମହୋତ୍ସବର ଏହି ସମୟ, ଏକବିଂଶ ଶତାବ୍ଦୀର ଏ ଦଶନ୍ଧି ଦେଶର ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଳଖଣ୍ଡ। ଏଭଳି ପରିସ୍ଥିତିରେ ଆରବିଆଇର ଭୂମିକା ସୁବୁଠୁ ମହତ୍ୱପୂର୍ଣ୍ଣ। ଆରବିଆଇର ସମ୍ପୂର୍ଣ୍ଣ ଟିମ୍ ଦେଶବାସୀଙ୍କ ଆଶାଆକାଂକ୍ଷା ପୂରଣ କରିବାରେ ସଫଳ ହୋଇପାରିବ ବୋଲି ମୋର ବିଶ୍ୱାସ ରହିଛି।" ଆଜି ଶୁଭାରମ୍ଭ ହୋଇଥିବା ଦୁଇଟି ଯୋଜନା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ଯୋଜନାଗୁଡ଼ିକ ଦେଶରେ ନିବେଶର ପରିସର ବୃଦ୍ଧି କରିବ ଏବଂ ପୁଞ୍ଜି ବଜାରକୁ ନିବେଶକମାନଙ୍କ ପାଇଁ ଅଧିକ ସହଜ ଓ ନିରାପଦ କରିବ। ରିଟେଲ ଡାଇରେକ୍ଟ ଯୋଜନା ସରକାରୀ ସିକ୍ୟୁରିଟିଜ ବା ପ୍ରତିଭୂତିରେ ନିବେଶ ଲାଗି ଦେଶର ଛୋଟ ନିବେଶକମାନଙ୍କୁ ଏକ ସରଳ ଓ ସୁରକ୍ଷିତ ମାଧ୍ୟମ ଯୋଗାଇ ଦେବ । ଅନୁରୂପ ଭାବେ, ଆଜି ଶୁଭାରମ୍ଭ ହୋଇଥିବା ସମନ୍ୱିତ ଲୋକପାଳ ଯୋଜନା ଦେଶର ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଏକ ରାଷ୍ଟ୍ର, ଏକ ଲୋକପାଳ ବ୍ୟବସ୍ଥାକୁ ସାକାର ରୂପ ଦେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏସବୁ ଯୋଜନାର ଗ୍ରାହକ କୈନ୍ଦ୍ରିକ ବୈଶିଷ୍ଟ୍ୟ ବିଷୟରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଅଭିଯୋଗ ସମାଧାନ ବ୍ୟବସ୍ଥା ଏକ ଗଣତନ୍ତ୍ରର ସବୁଠୁ ବଡ଼ ସାମର୍ଥ୍ୟ। ସମନ୍ୱିତ ଲୋକପାଳ ଯୋଜନା ଏହି ଉଦ୍ଦେଶ୍ୟକୁ ପୂରଣ କରିବା ଦିଗରେ ଦୀର୍ଘଦିନ ▶▶ପୃଷ୍ଠା ୭

## ବିବାଦୀୟ ବୟାନ ପରେ ଅଡୁଆରେ ଅଭିନେତ୍ରୀ କଙ୍ଗନା

- ପ୍ରତିବାଦ ସହ ଗିରଫ ପାଇଁ ଦାବି କଲା ଏନସିପି
- ପଦ୍ମଶ୍ରୀ ଫେରାଇ ନେବାକୁ ଉଠିଲା ସ୍ୱର

ନୂଆଦିଲ୍ଲୀ,୧୨/୧୧: ବିବାଦୀୟ ମନ୍ତବ୍ୟ ଦେଇ ଅଡୁଆରେ ବଲିଉଡ ଅଭିନେତ୍ରି କଙ୍ଗନା ରଣାଓ୍ୱତ । ୧୯୪୭ ରେ ମିଳିଥିବ ସ୍ୱାଧୀନତା ଭିକ୍ଷାରେ ମିଳିଥିଲା ବୋଲି କହି ଅଡୁଆରେ କଙ୍ଗନା ରଣାଓ୍ୱତ । ପୁଣେରେ ଏନସିପି କାର୍ଯ୍ୟକର୍ତା ମାନେ କଙ୍ଗନାଙ୍କ ବୟାନ କୁ ନେଇ ବିରୋଧ ପ୍ରର୍ଦଶନ କରିବା ସହ ତାଙ୍କୁ ଗିରଫ କରିବା ପାଇଁ ଦାବୀ କରିଛନ୍ତି । ଅନ୍ୟପଟେ କଙ୍ଗନାଙ୍କ ପଦ୍ମଶ୍ରୀ ସମ୍ମାନ କୁ କେନ୍ଦ୍ର ସରକାର ଫେରାଇ ନିଅନ୍ତୁ ବୋଲି କହିଛନ୍ତି ମହାରାଷ୍ଟ୍ର ମନ୍ତ୍ରୀ ନଓ୍ୱାନ ମଲ୍ଲିକ । ମହଙ୍ଗା ପଡିଲା ବିବାଦୀୟ ବୟାନ । ଦେଶର ସ୍ୱାଧିନତାକୁ ନେଇ ବିବାଦୀୟ ବୟାନ ଦେବା ପରେ ଏବେ କଙ୍ଗନାକୁ ବିଭିନ୍ନ ମହଲରେ କରାଯାଉଛି ସମାଲୋଚନା । ଏହାସହ ଦେଶର ବିଭିନ୍ନ ସ୍ଥାନରେ କଙ୍ଗନାଙ୍କ ବିରୋଧରେ କରାଯାଉଛି ନାରାବାଜୀ ।



କଙ୍ଗନାଙ୍କ ମନ୍ତବ୍ୟକୁ ବିରୋଧ କରି ପୁଣେରେ ବଡ ଧରଣର ବିରୋଧ ଦେଖିବାକୁ ମିଳିଛି । ନ୍ୟାସନାଲ କଂଗ୍ରେସ ପାର୍ଟିର କର୍ମକର୍ତାମାନେ କଙ୍ଗନାଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଭିନେତ୍ରୀଙ୍କୁ ଗିରଫ କରିବାପାଇଁ ଦାବି କରିଛନ୍ତି । ସେପଟେ ମହାରାଷ୍ଟ୍ର ମନ୍ତ୍ରୀ ନଓ୍ୱାବ ମଲ୍ଲିକ ମଧ କଙ୍ଗନାକୁ କଡା ସମାଲୋଚନା କିଁଛନ୍ତି । ୧୯୪୭ ରେ ମିଳିଥିବା ସ୍ୱାଧୀନତା କୁ ଭିକ୍ଷା ରେ ମିଳିଥିଲା ବୋଲି କହି କଙ୍ଗାନା ମହାନ ସ୍ୱାଧୀନତା ସଂଗାମୀଙ୍କୁ ଅସମ୍ମାନ କରିଥିବା କହିଛନ୍ତି ମହାରାଷ୍ଟ୍ର ମନ୍ତ୍ରୀ । କଙ୍ଗନା ବୋଧେ ମଲାନା କ୍ରିମ ର ଅଧିକ ଡୋଜ ନେଇ ଯାଇଛନ୍ତି ବୋଲି କହିଛନ୍ତି ଏନସିପି ନେତା । ସେହିପରି କେନ୍ଦ୍ର ସରକାର ଅଭିନେତ୍ରୀଙ୍କ ପଦ୍ମଶ୍ରୀ ସମ୍ମାନକୁ ଫେରାଇ ନିଅନ୍ତୁ ବୋଲି କହିଛନ୍ତି ନଓ୍ୱାବ ମଲ୍ଲିକ ।

## ଓଡିଶାରେ ୪ କୋଟି ଟପିଲା ଟିକାକରଣ

ଭୁବନେଶ୍ୱର,୧୨/୧୧ (ନି.ପ୍ର): କରୋନା ଟିକାକରଣରେ ଆଉ ଏକ ମାଇଲଖୁଂଟ ଅତିକ୍ରମ କରିଛି ଓଡ଼ିଶା । ଓଡ଼ିଶାରେ କରୋନା ଟିକାକକରଣ ୪କୋଟି ଟପିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏନେଇ ଟୁଇଟ କରି ସ୍ୱାସ୍ଥ୍ୟକର୍ମୀ ଓ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଟୁଇଟ୍ କରି ଖୁସି ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ସଫଳତା ପାଇଁ ରାଜ୍ୟର ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୨ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୨/୧୧ (ନି.ପ୍ର): ଥାଇଲାଣ୍ଡ ଉପକୂଳରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପରେ ଦକ୍ଷିଣ ଆଣ୍ଡାମାନ ସାଗର ଆଡ଼କୁ ଗତି କରିବ। ଏହା ପ୍ରଭାବରେ ଆସନ୍ତାକାଲି ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ୧୫ ତାରିଖ ବେଳକୁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ତତ୍ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଅଂଚଳରେ ଏହା ଅବପାତର ରୂପ ନେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୧୬ ଓ ୧୭ ତାରିଖରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଉଛି ବୋଲି ଭୁବେନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ୯ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, ପୁରୀ, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର ଓ କେନ୍ଦ୍ରପଡା ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ବି ଜାରି କରାଯାଇଛି। ସେହିପରି ନଭେମ୍ବର ୧୩ରୁ ୧୪ ତାରିଖ ମଧ୍ୟରେ ଗଞ୍ଜାମ, ଗଜପତି, ରାୟଗଡ଼ା ଓ କନ୍ଧମାଳ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

## ଶାନ୍ତିପୂର୍ଣ୍ଣ ଭାବେ ସରିଲା କଂଗ୍ରେସର ୬ ଘଣ୍ଟିଆ ହରତାଳ

ଭୁବନେଶ୍ୱର,୧୨/୧୧(ନି.ପ୍ର): ମମିତା ମେହେରଙ୍କୁ ନ୍ୟାୟ ଓ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ରାଜ୍ୟର ବିଭିନ୍ନ ସ୍ଥାନରେ ୬ ଘଣ୍ଟିଆ ହରତାଳ କରିଛି କଂଗ୍ରେସ । ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରି କଂଗ୍ରେସ କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବେ ହରତାଳ କରିଥିଲେ । ହରତାଳର ଯୋଗୁଁ ରାସ୍ତାରେ ଗାଡି ଚଳାଚଳ କମ୍ ରହିଥିବା ଦେଖିବାକୁ ମିଳିଥିଲା । ହାଇକୋର୍ଟଙ୍କ ତାଗିଦ ପରେ, ବନ୍ଦକୁ କିଭଳି ଅଧିକରୁ ଅଧିକ ଜନ ସମର୍ଥନ ମିଳିବ ସେଥିପାଇଁ ନିଆରା ଢ଼ଙ୍ଗରେ ପ୍ରତିବାଦ କରିଥିଲେ କଂଗ୍ରେସ କର୍ମୀ । ବନ୍ଦକୁ ସମର୍ଥନ କରିବାକୁ ରାସ୍ତାରେ ଯାଉଥିବା ସାଧାରଣ ଲୋକଙ୍କୁ ଚକୋଲେଟ୍ ଦେଇ ଅନୁରୋଧ କରିଥିଲେ । ସେହିପରି ନବରଙ୍ଗପୁରରେ ମୁଣ୍ଡନ ହୋଇ ପ୍ରତିବାଦ ଜଣାଇଥିଲେ କଂଗ୍ରେସ କର୍ମୀ । ଏଭଳି ପ୍ରତିବାଦକୁ ସମର୍ଥନ ବି ମିଳିଥିଲା । ହରତାଳ ଶେଷ ହେବା ପରେ ବନ୍ଦକୁ ନେଇ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଆରମ୍ଭ ହୋଇଛି ବୟାନବାଜି । ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବାରୁ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛି କଂଗ୍ରେସ । ତେବେ କଂଗ୍ରେସର ବନ୍ଦ ଡାକରାକୁ ଭଣ୍ଡୁର କରିବା ପାଇଁ ବିଜେଡି ଯେଉଁ ଉଦ୍ୟମ କରିଥିଲା ତାହା ଭଣ୍ଡୁର ହୋଇଯାଇଛି ବୋଲି ଅଭିଯୋଗ କରିଛନ୍ତି ଦଳର ବରିଷ୍ଠ ନେତା । ଅନ୍ୟପଟେ ବିଜେଡି କହିଛି, ମମିତାଙ୍କ ପ୍ରସଙ୍ଗରେ ରାଜନୀତି କରୁଛନ୍ତି ବିରୋଧୀ । ସାଧାରଣ ଲୋକେ ଏହି ଆନ୍ଦୋଳନକୁ ବରଖାସ୍ତ କରିଛନ୍ତି । କଂଗ୍ରେସ , ବିଜେପି ଦ୍ୱାରା ପ୍ରାୟୋଜିତ ହୋଇ ହରତାଳ କରିଥିଲା । ତେଣେ ବିଜେପି କହିଛି, କେବଳ ମମିତା ନୁହଁନ୍ତି, ବିଜେଡି ଶାସନରେ ଓଡିଶାରେ ବିପଦରେ ମହିଳା । ସବୁପରେ ଆଜିର ବନ୍ଦ ପାଳନ ଏକ ନୂଆ ସନ୍ଦେଶ ଦେଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆଗାମୀ ଦିନରେ ବି ରାଜ୍ୟରେ ଆଉ କୌଣସି ରାଜନୈତିକ ଦଳ ସମ୍ପୂର୍ଣ୍ଣ ବନ୍ଦ ପାଳନ କରିପାରିବେ ନାହିଁ । କେବଳ ହରତାଳ କରିପାରିବେ । ଯାହାକି ସାଧାରଣ ଜୀବନ ଯାତ୍ରାରେ ବାଧା ସୃଷ୍ଟି କରିବ ନାହିଁ କିନ୍ତୁ ପ୍ରତିବାଦ ଜଣାଇପାରିବେ ।

## ଆମ୍ ଆଦମୀ ପାର୍ଟି ପଂଜାବ ବିଧାନ ସଭା ନିର୍ବାଚନ ପାଇଁ ପ୍ରଥମେ ଜାରିକଲା ପ୍ରାର୍ଥୀ ତାଲିକା

ଚଂଡିଗଡ, ୧୨/୧୧ (ନି.ପ୍ର): ଆମ୍ ଆଦମୀ ପାର୍ଟି ପଂଜାବ ବିଧାନ ସଭା ନିର୍ବାଚନରେ ପ୍ରାର୍ଥୀ ମାନଙ୍କ ସୁଚନା ପ୍ରଥମ ଜାରି କରିଛନ୍ତି । ଅକାଳି ପରେ ଆମ୍ ଆଦମୀ ଦଳ ଯିଏକି ତାଙ୍କ ପ୍ରାଥି ମାନଙ୍କ ଚିଠା ଜାରି କରିଛନ୍ତି । ଆପର ଏହି ପ୍ରଥମ ସୁଚୀରେ ୧୦ ଜଣ ପ୍ରାର୍ଥିଙ୍କର ନାମ ଓ ଏମାନେ ସମସ୍ତେ ବର୍ତମାନ ମଧ ପଂଜାବ ବିଧାନ ସଭାର ସଦସ୍ୟ ଅଛନ୍ତି । ଏଥିମଧରେ ଅଛନ୍ତି ହରପାଲ ଚିମା ଯିଏକି ବର୍ତମାନ ବିଧାନ ସଭା ରେ ଦଳର ନେତା ଅଛନ୍ତି । ଗଡସଂକର ବିଧାନ ସଭା କ୍ଷତ୍ରରୁ ଜୟ କୃଷ୍ଣ ରେଡି, ଜଗରାଓଁରୁ ସରସ ଜିନ କୌର ମାନୁକେ , ନିହାଲ ସିଂହ ଓାଲାରୁ ମନଜିତ ବିଳାସପୁର, କୋଟକପୁରା ରୁ କୁଲତାର ସିଂହ ସଂଧବା, ବୁଢଲାଡାରୁ ପ୍ରିନସି ପାଲ ବୁଧରାମ, ତଲବୋଡି ସାବୋର ବଲଜିନ୍ଦର କୌର , ବରନାଲାରୁ ଗୁରୁମିତ ସିଂହ, ମିତ ହେୟର ଓ ମହଲ କଲାରୁ କୁଲବନ୍ତ ପଣ୍ଡୋରିଙ୍କ ନାମ ଶାମିଲ ଅଛି ।

## ରାମଚନ୍ଦ୍ରଙ୍କ ସମେତ ୮ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର



ଭୁବନେଶ୍ୱର,୧୨/୧୧(ନି.ପ୍ର): ଓଏଏସ ରାମଚନ୍ଦ୍ର ଜେନା, ଗୌରାଙ୍ଗ ଚରଣ ମହାନ୍ତି, ଇଂଜିନିୟର ଶ୍ରୀବିଧାନ ଚନ୍ଦ୍ର ସାହୁ । ଦୁର୍ନୀତି କରି ଧରାପଡିଥିବା ଏଭଳି ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି ରାଜ୍ୟ ସରକାର । ଜନତାଙ୍କୁ ସେବା ସହାୟତା କରିବା ପାଇଁ ଲାଞ୍ଚ ନେଇ ଧରାପଡିଥିବା ଏଭଳି ୮ ଜଣ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି । ଏହାକୁ ମିଶାଇ ବର୍ତମାନ ସୁଦ୍ଧା ୧୩୦ ଜଣ ଅଧିକାରୀଙ୍କୁ ବାଧ୍ୟତା ମୂଳକ ଅବସର ଦିଆଗଲାଣି । କୁହାଯାଏ, ଟୋକେଇର ଗୋଟିଏ ପଚା ଆମ୍ବ, ସବୁ ଆମ୍ବକୁ ଖରାପ କରିଦିଏ । ତେଣୁ ଖରାପ ଆମ୍ବକୁ ବାହାର କଲା ଭଳି ଦୁର୍ନୀତିଗ୍ରସ୍ତ, ଅପାରଗ ଅଧିକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଆପଣେଇ ରାଜ୍ୟ ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି ରାଜ୍ୟ ସରକାର । ବାଧ୍ୟତାମୂଳକ ଅବସର ଦେଇଥିବା ୮ ଅଧିକାରୀଙ୍କ ତାଲିକାରେ ଅଛନ୍ତି ନିମାପଡାର ପୂର୍ବତନ ତହସିଲଦାର ରାମଚନ୍ଦ୍ର ଜେନା- ତାଙ୍କ ନାଁରେ ରହିଛି, ୩ଟି ଦୁର୍ନୀତି ଅଭିଯୋଗ । ଭିଜିଲାନ୍ସ ଚଢାଉ ବେଳେ ତାଙ୍କ ପାଖରୁ ୫ଟି ପାନକାର୍ଡ ଓ ୫ ଲକ୍ଷ ଟଙ୍କା ଜବତ ପରେ ନିଲମ୍ବନ ▶▶ପୃଷ୍ଠା ୭

## ମନି ଲଣ୍ଡରିଂ : ଅନିଲ ଦେଶମୁଖଙ୍କ ଇଡି କଷ୍ଟଡି ୧୫ ପର୍ଯ୍ୟନ୍ତ ବଢ଼ିଲା

ମୁମ୍ବାଇ,୧୨/୧୧ (ନି.ପ୍ର): ମୁମ୍ବାଇର ସ୍ପେଶାଲ କୋର୍ଟ ଅବୈଧ ଆଦାୟ ଏବଂ ମନି ଲଣ୍ଡରିଂ ମାମଲାରେ ମହାରାଷ୍ଟ୍ରର ପୂର୍ବ ଗୃହମନ୍ତ୍ରୀ ଏବଂ ରାକାମ୍ପା ନେତା ଅନୀଲ ଦେଶମୁଖଙ୍କ ଇଡି କଷ୍ଟଡିକୁ ୧୫ ନଭେମ୍ବର ପର୍ଯ୍ୟନ୍ତ ବଢ଼ାଇବାର ଆଦେଶ ଦେଇଛନ୍ତି। ଅନିଲ ଦେଶମୁଖଙ୍କ ଇଡି କଷ୍ଟଡି ଶୁକ୍ରବାର ଦିନ ଶେଷ ହୋଇଥିଲା, ଯେଉଁଥିପାଇଁ ତାଙ୍କୁ ସ୍ପେଶାଲ କୋର୍ଟରେ ହାଜିର କରାଯାଇଥିଲା। ଅନିଲ ଦେଶମୁଖ କୋର୍ଟକୁ ପତ୍ର ପଠାଇ କହିଛନ୍ତି ଯେ ଗତ ୧୦ଦିନରେ ଇଡି ପକ୍ଷରୁ ୨୦୦ ପ୍ରଶ୍ନ ପଚରା ଯାଇଛି ଏବଂ ସେଗୁଡ଼ିକର ଉତର ସେ ଦେଇଛନ୍ତି। ଏଥିପାଇଁ ଏବେ ତାଙ୍କ ପାଖରେ କହିବା ପାଇଁ କିଛି ବି ନାହିଁ। ଅନିଲ ଦେଶମୁଖ ଇଡି ଉପରେ ମାନସିକ ରୂପରେ ପ୍ରତାରିତ କରିବାର ଅଭିଯୋଗ କରିଛନ୍ତି। ଏହାପରେ ଇଡିର ଓକିଲ କହିଛନ୍ତି ଯେ ଅନିଲ ଦେଶମୁଖ ଏବଂ ପୂର୍ବ ପୋଲିସ୍ ଅଧିକାରୀ ସଚିନ୍ ବାଝେଙ୍କୁ ସାମ୍ନାରେ ବସାଇ ପଚରାଉଚୁରା କରିବାର ଥିଲା। ଏହାସହିତ ନାଗପୁରର ଜଣେ ବ୍ୟକ୍ତି ଅନିଲ ଦେଶମୁଖଙ୍କ ବିରୁଦ୍ଧରେ ଅତିରିକ୍ତ ସୂଚନା ଦେଇଛନ୍ତି। ଏହି ମାମଲାରେ ମଧ୍ୟ ପଚରାଉଚୁରା ଦେଶମୁଖଙ୍କୁ ସେହି ବ୍ୟକ୍ତିଙ୍କ ସାମ୍ନାରେ କରିବାର ଥିଲା। ଏହି କାରଣରୁ ଅନିଲ ଦେଶମୁଖଙ୍କ ଇଡି କଷ୍ଟଡି ତିନିଦିନ ପର୍ଯ୍ୟନ୍ତ ବଢ଼ାଇବାର ଆବଶ୍ୟକ ଅଛି।

## ଝାଡଖଣ୍ଡରୁ ଗିରଫ ହେଲେ ଟପ୍ ମାଓ ଦମ୍ପତି

ରାଞ୍ଚି,୧୨/୧୧ (ନି.ପ୍ର): କୁଖ୍ୟାତ ମାଓବାଦୀ ନେତା ପ୍ରଶାନ୍ତ ବୋଷ ଓରଫ କିଶନ ଦାଙ୍କୁ ଶେଷରେ ଗିରଫ କରିଛି ଝାରଖଣ୍ଡ ପୁଲିସ୍ । କିଶନ ଦା'ଙ୍କ ବ୍ୟତୀତ ତାଙ୍କ ପତ୍ନୀ ଶିଲା ମାରାଣ୍ଡି ମଧ ବନ୍ଧା ହୋଇଛନ୍ତି। ୭୫ ବର୍ଷୀୟ କିଶନ ଦାଙ୍କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ କୋଟିଏ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଦୀର୍ଘ ଦିନ ଧରି ସେ ଫେରାର ହେବାକୁ ସଫଳ ହୋଇଥିଲେ ହେଁ ଶେଷରେ ପୁଲିସ୍ ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି। ଏ



ସମ୍ପର୍କରେ ଝାରଖଣ୍ଡ ପୁଲିସ୍‌ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କିଶନ ଦା' ଏବେ ସିପିଆଇ ମାଓବାଦୀ ସେଣ୍ଟ୍ରାଲ କମିଟିର ସଦସ୍ୟ, ପଲିଟବ୍ୟୁରୋ, ସେଣ୍ଟ୍ରାଲ ମିଲିଟାରୀ କମିଶନ ଓ ଇଷ୍ଟର୍ଣ୍ଣ ରିଜୋନାଲ ବ୍ୟୁରୋ (ଇଆରବି)ର ▶▶ପୃଷ୍ଠା ୭

## କୋଟି କୋଟି ଟଙ୍କା କେଉଁଠୁ ପାଉଛନ୍ତି ରାଜନୈତିକ ଦଳ ?

ନୂଆଦିଲ୍ଲୀ, ୧୨/୧୧: ରାଜନୈତିକ ଦଳମାନଙ୍କୁ ମିଳୁଥିବା ଟଙ୍କାକୁ ନେଇ ଗୁରୁବାର ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ଏକ ରିପୋର୍ଟ ଜାରି କରିଛି । ଯେଉଁଥିରେ ରାଜନୈତିକ ଦଳମାନଙ୍କୁ ମିଳୁଥିବା ଟଙ୍କା କେଉଁଠୁ ଆସୁଛି, ଏହାର ପରିମାଣ କେତେ ସେନେଇ ବିସ୍ତୃତ ତଥ୍ୟ ଦିଆଯାଇଛି । ଆଉ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ, ରାଜନୈତିକ ଦଳମାନଙ୍କୁ ମିଳୁଥିବା ଟଙ୍କାର ପ୍ରାୟ ଅଧାରୁ ଅଧିକ ଟଙ୍କା 'ଅଜ୍ଞାତ ସ୍ରୋତ'ରୁ ଦଳମାନଙ୍କୁ ମିଳିଛି । ଅର୍ଥାତ, ଏହି ଟଙ୍କା କେଉଁଠୁ ଆସିଛି ଏବଂ କିଏ ଦେଇଛି ସେନେଇ କୌଣସି ବି ସୂଚନା ନାହିଁ । ଏଡିଆର ରିପୋର୍ଟ ମୁତାବକ ୨୦୧୯-୨୦ ବର୍ଷରେ ୨୫ଟି ଆଞ୍ଚଳିକ ଦଳ ମୋଟ ୮୦୩.୨୪ କୋଟି ଟଙ୍କା ଚାନ୍ଦା ଆକାରରେ ଅନୁଦାନ ପାଇଛନ୍ତି । ଯେଉଁଥିରୁ ୪୪୫.୭ କୋଟି ଟଙ୍କା ଅଜ୍ଞାତ ସ୍ରୋତରୁ ଆସିଛ. ଅର୍ଥାତ ଏହି ଟଙ୍କା କିଏ ଦେଇଛି ସେନେଇ କୌଣସି ସୂଚନା ନାହିଁ । ସେହିପରି ଦେଶର ୬ଟି ରାଷ୍ଟ୍ରୀୟ ରାଜନୈତିକ ଦଳମାନଙ୍କୁ ୨୦୧୯-୨୦ ବର୍ଷରେ ମୋଟ ୩୩୭୧.୪୧ କୋଟି ଟଙ୍କାର ଚାନ୍ଦା ବା ଅନୁଦାନ ମିଳିଛି । ଯେଉଁଥିରୁ ପାଖାପାଖି ୭୦ ପ୍ରତିଶତ ଟଙ୍କା ଅଜ୍ଞାତ ସ୍ରୋତରୁ ଆସିଛି । ଏଠାରେ ଜାଣି ରଖିବା ଉଚିତ୍ ଯେ, ରାଜନୈତିକ ଦଳମାନଙ୍କୁ ବିଭିନ୍ନ ପ୍ରକାରରେ ଅନୁଦାନ ମିଳିଥାଏ । ଯେଉଁ ଟଙ୍କାରେ ରାଜନୈତିକ ଦଳମାନେ ନିଜର ନିର୍ବାଚନୀ ଖର୍ଚ୍ଚ ତୁଲାଇବା ସହିତ ଅନେକ କାମ କରିଥାନ୍ତି । ତେବେ ଏହି ଅନୁଦାନ ବା ଚାନ୍ଦା ଚେକ୍ ଆକାରରେ ବା ନଗଦ ଟଙ୍କା ▶▶ପୃଷ୍ଠା ୭

## ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟର ଡିପ୍ଲୋମାଟିକ୍ କନକ୍ଲେଭ

### ଭାରତର ଶିକ୍ଷା ବ୍ୟବସ୍ଥାକୁ ନୂତନ ଶିଖରରେ ପହଁଚାଇବା ପାଇଁ ଆମେ ବଦ୍ଧପରିକର : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୨/୧୧ (ନି.ପ୍ର): ନୂଆ ଜାତୀୟ ଶିକ୍ଷା ନୀତି -୨୦୨୦ ସମେତ ବିଭିନ୍ନ ପଦକ୍ଷେପ ଦ୍ୱାରା ଭାରତର ଶିକ୍ଷା ବ୍ୟବସ୍ଥାକୁ ନୂତନ ଶିଖରରେ ପହଁଚାଇବା ପାଇଁ ଭାରତ ସରକାର ବଦ୍ଧପରିକର ବୋଲି ଶୁକ୍ରବାର ନୂଆଦିଲ୍ଲୀ ଠାରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଡିପ୍ଲୋମାଟିକ୍ କନକ୍ଲେଭରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି କନକ୍ଲେଭରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଭାରତର ଶିକ୍ଷା ବ୍ୟବସ୍ଥା ନେଇ ଭାରତ ସରକାରଙ୍କ ଥିବା




କଳ୍ପନା ଉପରେ ଅଭିଭାଷଣ ପ୍ରଦାନ କରିଛନ୍ତି। ଭାରତର ଶିକ୍ଷା ବ୍ୟବସ୍ଥାକୁ ନୂତନ ଶିଖରରେ ପହଁଚିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଜାତୀୟ ଶିକ୍ଷା ନୀତି ୨୦୨୦ (ଏନଇପି) ଆଧାରରେ ଥିବା ନୀତି ସରଂଚନାକୁ ସକ୍ରିୟ କରାଗଲେ ଶିକ୍ଷା ବ୍ୟବସ୍ଥାରେ ସକରାତ୍ମକ ପରିବର୍ତନ ଆସିବ । ସେହିପରି ଗୁଣାତ୍ମକ ଶିକ୍ଷାନୁଷ୍ଠାନ, ବିବିଧ ସଂସ୍କୃତି ସହିତ ସାମାଜିକ ଅନ୍ତର୍ଭୂକ୍ତିକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହାସହ ଶିକ୍ଷା କ୍ଷେତ୍ରରେ ନବସୃଜନ, ଉଦ୍ୟୋଗୀ ଏବଂ ଆନ୍ତର୍ଜାତୀୟକରଣ ▶▶ପୃଷ୍ଠା ୭

# ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ୍ ପ୍ରସବ ପରୀକ୍ଷଣ ପଦ୍ଧତି ବୈଠକ

ପୁରୀ,୧୨/୧୧ (ନି.ପ୍ର): ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ଗର୍ଭଧାରଣା ଏବଂ ପ୍ରାକ୍ ପ୍ରସବ ପରୀକ୍ଷଣ ପଦ୍ଧତି ସଂକ୍ରାନ୍ତୀୟ ଉପଦେଷ୍ଟା କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଗର୍ଭଧାରଣ ପୂର୍ବରୁ ବା ପରେ ଲିଙ୍ଗ ନିରୂପଣ ପଦ୍ଧତି ଗର୍ଭପାତ କରୁଥିବା ଡ଼ାକ୍ତରୀ ସଂସ୍ଥା, କ୍ଲିନକ୍ କିମ୍ବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ସଂକ୍ରାନ୍ତରେ ବୈଠକରେ ଆଲୋଚନା ହୋଇଛି । ଏ ସଂକ୍ରାନ୍ତୀୟ ଅଭିଯୋଗ ଆସିବା ମାତ୍ରେ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ନିମାପଡ଼ା ଅଂଚଳରେ ଏଭଳି ବେଆଇନ କାର୍ଯ୍ୟରେ ସମ୍ପୃକ୍ତି ଅଭିଯୋଗରେ ପ୍ରସୂତି ବିଭାଗର ଡ଼ଃ. ବାଚସ୍ପତି ଦାଶଙ୍କୁ ଗତ ଜୁନ ମାସରେ ଚାକିରିରୁ ବହିଷ୍କାର କରାଯାଇଛି । ଗତବର୍ଷ ଜିଲ୍ଲାରେ ଏକ ହଜାର ପୁଅଙ୍କ ତୁଳନାରେ ୯୪୯ ଜଣ ଜନ୍ମ ଗହଣ କରିଛନ୍ତି । ଲିଙ୍ଗ ଅନୁପାତ କମ୍ ରହୁଥିବା ଉକ୍ତ କେନ୍ଦ୍ର ଅଂଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ସୁଜାତା ମିଶ୍ର,ଏଡ଼ିଏମଓ ଡ଼ାକ୍ତର ପ୍ରଣବ ଶଙ୍କର ଦାଶ, ଡ଼ାକ୍ତର ଦେବୀ ପ୍ରସାଦ ମିଶ୍ର, ରୋଟାରୀ କ୍ଲବର ନାରାୟଣ ଦାଶ, ସମାଜସେବୀ ସିଦ୍ଧାର୍ଥ ରାୟ, ଆଇନଜୀବୀ ରମାଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରହ୍ମବରଦାରେ ଚଢ଼ା ଦରରେ ବିକ୍ରୀ ହେଉଛି ସାର ଓ କୀଟନାଶକ ଔଷଧ: ଚାଷୀ ମହଲରେ ଅସନ୍ତୋଷ

ଧର୍ମଶାଳା,୧୨/୧୧ (ନି.ପ୍ର): ରାଜ୍ୟରେ ମରୁଡି ସାଂଗକୁ ଲଗାଣ ବର୍ଷାକୁ ନେଇ ଚାଷୀକୂଳ ହତାସ ହେବା ସହ ବହୁ ଅଂଚଳରେ ଚାଷୀ ଆତ୍ମହତ୍ୟା କରୁଥିବା ବେଳେ ସମ୍ପ୍ରତି ପରିସ୍ଥିତିରେ ଲୋଭଖୋର ବେଆଇନ ଭାବେ ସାର ଦୋକାନ କରି ଚାଷୀମାନଙ୍କୁ ନକଲି ସାର ଦେଇ ଦୁଇ ଗୁଣା ଅର୍ଥ ଲୁଟୁଥିବା ଅଭିଯୋଗ ହୋଇଛି । ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ବଜାରରେ ନକଲି ସାର ବିକ୍ରୀ କରାଯାଉଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ବଡବାଲିକୁଦା ପଂଚାୟତସ୍ଥ ଜନକ,ବ୍ରହ୍ମବରଦା, ବନ୍ଧଡିହ, ମଙ୍ଗରାଜପୁର, ଅର୍ଥଙ୍ଗା ଓ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅରାବଳ, ମଙ୍ଗଳପୁର ଓ ଦେଓଦା ଆଦି ପଂଚରାୟତର ହାଜାହଜାର ସଂଖ୍ୟକ ଚାଷୀ କୃଷି ଉପରେ ନିର୍ଭର କରିଥାନ୍ତି । ସୋମନେ ବ୍ରହ୍ମବରଦା ବଜାର ଉପରେ ନିର୍ଭର କରି ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ହୋଇଛି । ନକଲି ସାର ଓ କୀଟ ନାଶକ ଓଷଧ ସାଂଗକୁ ସାର ଉପରେ ୨ଗୁଣା ଲାଭ ନେଉଥିବା ଦେଖିବାକୁ ମିଳିଛି । ବ୍ରହ୍ମବରଦା ଅଂଚଳର ଜଣେ ଅଗ୍ରଣୀ ଚିନାବାଦାମ ଚାଷୀ ଏକ ସବୁଜ ସାର ବାଲଟିଟିକୁ ୧ହଜାର ଟଙ୍କାରେ କିଣିଥିଲେ । ଉକ୍ତ ଚାଷୀ ଜଣକ ଜାରକା ଅଂଚଳକୁ ଯାଇ ସାର ଦୋକାନରେ ଏହାକୁ ଦେଖା ସାର ଆଣିଥିଲେ । ସେଠାରେ ଏହାର ଉପଯୁକ୍ତ ମୂଲ୍ୟ ୫ଶହ ଟଙ୍କା ବୋଲି ଜଣାପଡିଥିଲା । ଫଳରେ ଏହି ଘଟଣା ଜଣାପଡିବା ପରେ ଶତାଧିକା ଚାଷୀ ଦୋକାନୀଙ୍କ ନିକଟକୁ ଯାଇ ଅଭିଯୋଗ କରିଥିଲେ । ଉକ୍ତ ଦୋକାନୀ ଜଣକ ସାର ନେଇଯିବା ସହ ନେଇଥିବା ଟଙ୍କାକୁ ଫେରସ୍ତ କରିଥିଲେ । ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଥାଉକି ଗ୍ରାମର ଶତାଧିକ ଅଗ୍ରଣୀ ଚାଷୀ ଚିନା ବାଦାମ କ୍ଷେତରେ ସାର ପ୍ରୟୋଗ ନିମନ୍ତେ ବ୍ରହ୍ମବରଦାରୁ ସାର ବସ୍ତା ସମେତ ଅଣୁସାର କିଣି ଘରକୁ ଫେରିଥିଲେ । ଦୋକାନୀ ଅତ୍ୟଧିକ ଲାଭବାନ ଆଶାରେ ଚାଷୀମାନଙ୍କୁ ଭଲ ସାର କହି ଧରଣୀ ଗୋଲ୍ଡ କମ୍ପାନୀର ସାର ଦେଇଥିଲେ । ବିଲରେ ଅଣୁସାର ବାଲଟି ଖୋଲିବା ହାତକୁ ଏହି ସାର ଓଜନିଆ ଲାଗିବାରୁ ଚାଷୀଙ୍କ ସନ୍ଦେହ ହେବାରୁ ଏହି ସାରକୁ ପାଣିରେ ପକାଇଥିଲେ । ମାତ୍ର କିଛି କ୍ଷଣପରେ ରଂଗ ପାଣିରେ ଭାସିବା ସହ ଏହା ବାଲୁରୀ ପଥର ବୋଲି ଜଣାପଡିବା ପରେ ଅଂଚଳରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା । ସଂଗେ ସଂଗେ ଏହି ଖବର ପ୍ରଚାରିତ ହେବା ପରେ ଶତାଧିକ ଚାଷୀ ଦୋକାନୀମାନଙ୍କୁ ଏ ସମ୍ପର୍କ ଜଣାଇଥିଲେ, ହେଲେ ଦୋକାନୀ କିଛି କରିପାରିବେ ନାହିଁ ବୋଲି ରୋକଠୋକ ବାଣୀ ଶୁଣାଇଥିଲେ । ଶେଷରେ ଚାଷୀମାନେ ସ୍ଥାନୀୟ କୃଷି ଅଧିକାରୀଙ୍କ ଜଣାଇଥିଲେ ମଧ୍ୟ କିଛି ଫଳ ମିଳି ନ ଥିବା ଅଭିଯୋଗ ହୋଇଛି ।

# ଛଅ ମାସ ଓ ୫ ବର୍ଷର ଛୁଆଙ୍କ ଲାଗି ହେଲମେଟ ମିଳିବ କେଉଁଠି ?

## ରାଉରକେଲାରେ ହେଲମେଟ ଚେକ୍ ନାମରେ ଜରିମାନା

ରାଉରକେଲା,୧୨/୧୧ (ନି.ପ୍ର): ରାଉରକେଲା ପୁଲିସ ଜିଲ୍ଲାରେ ଲୋକଙ୍କ ଠାରୁ ହେଲମେଟ ପିନ୍ଧିବା ନେଇ ବିଭିନ୍ନ ଛକରେ ଫଟୋ ଉଠାଇ ଭୟଭିତ କରିବା ସହ ସେହି ବାବଦରେ ରାଜସ୍ୱ ଆଦାୟ କରି ପ୍ରତିଦିନ ସାଧାରଣ ଜନତାଙ୍କୁ ଘାଂଟୁଥିବା ବେଳେ ଏହି ଆଇନକୁ କିଛି ମାତ୍ରାରେ ପାଳନ କରୁଥିବା ଲୋକେ ଏବେ ସରକାର ଓ ପୁଲିସକୁ କରିଛନ୍ତି ଅନେକ ପ୍ରଶ୍ନ । ସେମାନଙ୍କ କହିବା କଥା, ସହରରେ ଲୋକଙ୍କୁ ସିଂଗିଲ ହେଲମେଟ ପିନ୍ଧିବା ଲାଗି ପୁଲିସି ଅଭ୍ୟସ୍ତ କରିବାରେ ବିଫଳ ହୋଇଛି । ଗୋଟାଏ ଦୁଇ ଚକିଆରେ ୩/୪ ଜଣ ବିନା ହେଲମେଟରେ ଯାଉଛନ୍ତି କିନ୍ତୁ ପୁଲିସ ନୀରବ । ଯଦି ଗୋଟିଏ ୨ଚକିଆରେ ଦୁଇଜଣ ହେଲମେଟ ପିନ୍ଧି ଜିବେ ସେମାନଙ୍କର ୬ମାସିଆ ଛୁଆ କିମ୍ବା ୫ବର୍ଷର ଛୁଆ ଲାଗି ସେମାନେ ହେଲମେଟ ଆଣିବେ କେଉଁଠୁ ? କାରଣ ବିନା ହେଲମେଟରେ ଜିବା ମନା, ତେଣୁ ସହରର ପୁଲିସ ବିଭିନ୍ନ ଛକରେ କନେଷ୍ଟବଳ ମାନଙ୍କ ଦ୍ୱାରା ଫଟୋ ଉଠାଇବାରେ ବ୍ୟସ୍ତ । ତେଣୁ ଏହି ବୟସର ପିଲାଙ୍କ ଲାଗି ସେମାନେ ହେଲମେଟ ଆଣିବେ କେଉଁଠୁ ? ଦୋକାନରେ ମିଳୁନି,ସେମାନେ କହୁଛନ୍ତି କଂପାନୀ ତିଆରି କରିନି ଯଦି ପୁଲିସି ଧରୁଛି ତାଙ୍କୁ କୁହନ୍ତୁ ସେମାନେ ଆଣିଦେବେ । ସେହିଭଳି ସାଧାରଣ ପରିବାର ନେଇ ରହୁଥିବା ଲୋକ ଅନେକ ସମୟରେ ବସଷ୍ଟାଣ୍ଡ, ରେଳ ଷ୍ଟେସନରୁ ନିଜ ସମ୍ପର୍କୀୟ କିମ୍ବା ବନ୍ଧୁଙ୍କୁ ଆଣିବାକୁ ଯାଇଥାନ୍ତି, ଅନେକ ଲୋକ ରାସ୍ତାରେ ଲିଫ୍ଟ ମଧ ଦେଇଥାନ୍ତି, ପିଲାଙ୍କୁ ସ୍କୁଲ ଆଣିବା ନେବା କରିବାକୁ ପଡିଥାଏ ସେମାନେ ଆସୁଥିବା ବେଳେ ଯଦି ପୁଲିସି ଧରିଲା କିମ୍ବା ଫଟୋ ଉଠାଇଲା ତେବେ ଫାଇନ ଦେବାକୁ ପଡିବ, ଏଥିଲାଗି ଲୋକେ କରିବେ କଣ ? ତା ମାନେ ଏଠିଏଇଆ ବୁଝିବା ଲାଗି ପଡିବ ନିଜେ ହେଲମେଟ ପିନ୍ଧିବା ସହ ଘରୁ ବାହାରିବା ବେଳେ ସାଙ୍ଗରେ ଆଉ ଏକ ହେଲମେଟ ଧରି ବାହାରିବାକୁ ପଡିବ ନଚେତ ପୁଲିସି ବାଲା ଫଟୋ ଉଠାଉଦେବେ । ଖାଲି ଏତିକି ନୁହେଁ ,ସହରରେ ଚୋରୀ ଡକାୟତି ତ ନିତି ଦିନିଆ ଘଟଣା ହୋଇଗଲାଣି, ମହିଳା ମାନଙ୍କୁ ରାସ୍ତାରେ କଂମେଟ ମାରିବା, ବିଭିନ୍ନ ଛକରେ ବଦମାସ ପିଲା ମାନଙ୍କର ଆଡ୍ଡା ବାଜି ବଢି ଚାଲିଛି । ତାକୁ ପୁଲିସି ରୋକି ପାରୁନଥିବା ଅଯଥାରେ ଏପରି କରି ପୋଲିସ ସାଧାରଣ ଜନତାଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି । ସହରରେ ଟ୍ରାଫିକ କୁ ନେଇ ସୁବ୍ୟବସ୍ଥା କରାଯାଉ ତାହା ନିଶ୍ଚୟ ସ୍ୱାଗତ ଯୋଗ୍ୟ ,କିନ୍ତୁ ଡ୍ୟୁଟି ନାମରେ ରାସ୍ତାରେ ଏଭଳି ଫଟୋ ଉଠାଇ ଲୋକଙ୍କୁ ଭୟଭିତ ଆତଙ୍କିତ କରାନଯାଉ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକଙ୍କ ଆମରଣ ଅନଶନ

ମାଲକାନଗିରି,୧୨/୧୧ (ନି.ପ୍ର): ଦୀର୍ଘ ଦିନରୁ ଚାକିରିରେ ସ୍ଥାୟୀତ୍ୱ ତଥା ପଦୋନ୍ନତି ପାଇଁ ଦାବୀ କରି ଆସୁଥିବା ବେଳେ କୌଣସି ସୁଫଳ ମିଳୁନଥିବାରୁ ଆଜି ବାଧ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି ଶିକ୍ଷକ । ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଂଚଳର ଯୋଡାମ୍ବ ବିଦ୍ୟାଳୟରେ ୨୦୧୧ ମସିହାରୁ ମନୋଜ କୁମାର ସାମଲ ଶିକ୍ଷକ ପଦବୀରେ କାର୍ଯ୍ୟ ଆରମ୍ଭ କରିଥିଲେ । ତେବେ ସେ ଚିତ୍ରକୋଣ୍ଡା ବ୍ଲକ ଜୋଡାମ୍ବ ପଚାଂୟତରେ ପ୍ରାଥମିକ ଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ଆଜକୁ ପ୍ରାୟ ୧୧ ବର୍ଷ ହେବ ସେ କନିଷ୍ଠ ଶିକ୍ଷକ ରୂପେହିଁ କାର୍ଯ୍ୟ କରୁଛନ୍ତି । କିନ୍ତୁ ସରକାରୀ ନିୟମ ଅନୁଯାୟୀ, ଆଜକୁ ପ୍ରାୟ ୨ ବର୍ଷ ପୂର୍ବେ ସେ ରେଗୁଲାର ତଥା ସ୍ଥାୟୀ ଶିକ୍ଷକ ହେବା କଥା । କିନ୍ତୁ, ନିୟମ ଥିଲେ ବି ସେ ରେଗୁଲାର ଶିକ୍ଷକ ହୋଇ ପାରୁନାହାନ୍ତି । ଏ ସମ୍ବନ୍ଧରେ ସେ ବାରମ୍ବାର ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଜଣାଇଲେ ସୁଦ୍ଧା କେହିବି କର୍ଣ୍ଣପାତ କରୁ ନଥିବା ସେ ଅଭିଯୋଗ କରିଛନ୍ତି । ତେବେ ଏହାର ସମାଧାନ ପାଇଁ ଆଜି ବାଧ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସେ ଧାରଣା ଆମରଣ ଅନଶନ କରିଥିବା ପ୍ରକାଶ କରିଛନ୍ତି । ଏହି ଘଟଣା ଜିଲ୍ଲା ଶିକ୍ଷା ଅଧିକାରୀ ଜାଣିବା ପରେ ତାଙ୍କ ସମସ୍ୟାର ସମାଧାନ କରିବେ ବୋଲି ତାଙ୍କୁ ପ୍ରତିଶୃତି ଦେବା ସହ ବୁଝାସୁଝା କରିବା ପରେ ସେ ଅନଶନରୁ ଓହରି ଥିଲେ ।

# ହରିଚନ୍ଦନପୁର ବିଜେପି ପକ୍ଷରୁ ବ୍ଲକ ଘେରାଉ

ହରିଚନ୍ଦନପୁର,୧୨/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବିଜେପି ପକ୍ଷରୁ ଗୁରୁବାର ଦିନ ସ୍ଥାନୀୟ ବ୍ଲକ ଘେରାଉ କରାଯିବା ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଆଇନମନ୍ତ୍ରୀ ପ୍ରତାପ ଜେନା ଓ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ବହୁ ଚର୍ଚ୍ଚିତ କଳାହାଣ୍ଡି ମହାଲିଙ୍ଗ ସନ ସାଇନ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେରଙ୍କ ଅପହରଣ ସହ ହତ୍ୟା ଘଟଣାକୁ ନେଇ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ଓ ସୁରକ୍ଷା ଦେଉଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି । ଏଥିସହ ସଦର ବିଧାୟକ ମୋହନ ଚରଣ ମାଝୀଙ୍କ ଗାଡି ଉପରକୁ ବୋମା ମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତକୁ ତୁରନ୍ତ ଗିରଫ ପାଇଁ ଦାବି ହୋଇଛି । ଦଳୀୟ ନେତା ଓ କର୍ମୀମାନେ ମମିତା ମେହେରଙ୍କ ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ସହ ଇସ୍ତଫା ଦାବି କରିବା ସହ କୁଶପୁତଳିକା ଦାହ କରିଥିଲେ । ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ବ୍ଲକ ବିଜେପି କାର୍ଯ୍ୟାଳୟରୁ ଶତାଧିକ ବିଜେପି କର୍ମୀ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ମନ୍ତ୍ରୀଙ୍କ ଗିରଫ ଦାବିରେ ହରିଚନ୍ଦନପୁର ଥାନା ଅଧିକାରିଣୀ ସସ୍ମିତା ଦେବତାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପ୍ରତିବାଦ ସଭା କରି ବ୍ଲକ ଘେରାଉ କରାଯାଇଥିଲା ।

ଏଥିରେ ଜିଲ୍ଲା ସଭାପତି ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିବା ସହିତ ବିଜେଡ଼ି ସରକାର ସମୟରେ ମା'' ମାନେ ଅସୁରକ୍ଷିତ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଶିକ୍ଷାନୁଷ୍ଠାନ ଭଳି ପବିତ୍ର ସ୍ଥାନରେ କୁକର୍ମ କରିଥିବା ଅଭିଯୁକ୍ତ ମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ମୁଖ୍ୟମନ୍ତ୍ରୀ ନୈତିକତା ଭୁଲି ସେମାନଙ୍କୁ ସୁରକ୍ଷା ଯୋଗାଉଛନ୍ତି । ଏଣୁ ଯଥାଶୀଘ୍ର ମନ୍ତ୍ରୀ ଦିବ୍ୟ ଶଙ୍କରଙ୍କୁ ବହିଷ୍କାର ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କର୍ମକର୍ତାମାନେ ଦାବି କରିଥିଲେ । ଏହି ବ୍ଲକ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅନନ୍ତ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ମହିଳା ମୋର୍ଚ୍ଚା ମମତା ସିଂ, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସବିର ଦାସ, ଜିଲ୍ଲା ସମ୍ପାଦକ ଦୀପକ ଜେନା, ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ମାନସ ନାଏକ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ କୈଳାଶ ନାଏକ, ମଣ୍ଡଳ ସଭାପତି ଅଶୋକ କୁମାର ବେହେରା, ଜୟକୃଷ୍ଣ ମହାନ୍ତ, ହୃଷିକେଶ ମହାନ୍ତ, ପ୍ରତାପ ସାହୁ, ପଙ୍କଜ ସାହୁ, ଚତୁର୍ଭୁଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେପିରେ ମିଶିଲେ ଶତାଧିକ ବିଜେଡି କର୍ମୀ

କେନ୍ଦ୍ରାପଡ଼ା,୧୨/୧୧ (ନି.ପ୍ର): କେନ୍ଦ୍ରାପଡା ବିଜେପିର ଏକ ମିଶ୍ରଣ ପର୍ବ ସ୍ଥାନୀୟ ଦୁହୁରିଆ ସ୍ଥିତ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ପୌରହିତ୍ୟ ରେ ମହାକାଳପଡା ନିର୍ବାଚନ ମଣ୍ଡଳୀର ୨୧ନଂ ଜୋନ ଅନ୍ତର୍ଗତ ଅମୟିପାଳ ପଂଚାୟତର ପୂର୍ବତନ ସରପଂଚ ଅଖିଳ ମଲ୍ଲଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ବିଜେପିର ନୀତି ଆଦର୍ଶ, ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା , ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ଓ ମହାକାଳପଡା ବିଧାନସଭା କ୍ଷେତ୍ରର ନେତା ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବିଜେପି ଯୋଗ ଦେଇଛନ୍ତି ।

# ସମୁଦ୍ରକୂଳ ରାସ୍ତା ପାର୍ଶ୍ୱ ଉଠାଦୋକାନୀଙ୍କୁ ଉଚ୍ଛେଦ : ଥଇଥାନ ଦାବିରେ ଦୁଇ ଘଣ୍ଟା ରାସ୍ତାରୋକ

ପୁରୀ,୧୨/୧୧ (ନି.ପ୍ର): ସମୁଦ୍ରକୂଳକୁ ଅବରୋଧମୁକ୍ତ, ପରିଷ୍କାର ପରିଚ୍ଛନ୍ନ ରଖିବା ସହ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଆଜିଠୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ବେଳାଭୂମି ଓ ରାସ୍ତାର ଦୁଇପାର୍ଶ୍ୱରେ ଥିବା ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି । ଦିଗବାରିଣୀ ଛକରୁ ହୋଟେଲ ସି ଗଲ ହାଇମାଷ୍ଟ ଲାଇଟ ଛକ ପର୍ଯ୍ୟନ୍ତ ଏହି ଉଚ୍ଛେଦ କରାଯାଇଛି । ତେବେ ଥଇଥାନ ନକରି ତରବରିଆ ଭାବେ ଉଚ୍ଛେଦ କରାଯାଇଥିବାରୁ ଏହାର ବିରୋଧ କରି ଉଠା ଦୋକାନୀମାନେ ପୁରୀ ହୋଟେଲ ନିକଟରେ ଦୁଇଘଣ୍ଟା ଧରି ରାସ୍ତାରୋକ କରିଥିଲେ ।

ଦିଗବାରିଣୀ ଛକରୁ ହୋଟେଲ ହନ୍ସ କୋକୋ ପାମ ପର୍ଯ୍ୟନ୍ତ ବେଳାଭୂମି ତଥା ବେଳାଭୂମି ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଉଠା ଦୋକାନ ରହିଛି । ବ୍ଲୁ ଫ୍ଲାଗ ବିଚ୍ ହେବା ପରେ ଅନେକ ଉଠା ଦୋକାନୀ ସେମାନଙ୍କ ଜୀବିକା ହରାଇଛନ୍ତି । ଗତ ଦୁଇବର୍ଷ ଧରି କରୋନା ମହାମାରୀ ଯୋଗୁଁ ପୁରୀ ସହର ଏକ ପ୍ରକାର ପର୍ଯ୍ୟଟକ ଶୂନ୍ୟ ହୋଇଯିବାରୁ ସେମାନଙ୍କ ଅଣ୍ଟା ଭାଙ୍ଗି ଯାଇଛି । ପରିସ୍ଥିତି ସାମାନ୍ୟ ସ୍ୱାଭାବିକ ହେବା ପରେ ଉଠା ଦୋକାନୀ ପୁଣିଥରେ ବେଳାଭୂମିରେ ପସରା ମେଲାଇ ନିଜ ବେପାର ଆରମ୍ଭ କରିଥିଲେ । ଦି ପଇସା ରୋଜଗାର ଆରମ୍ଭ କରି ପରିବାର ମୁହଁରେ ହସ ଫୁଟାଇବା ବେଳକୁ ପ୍ରଶାସନ କଠୋର ନିଷ୍ପତି ନେଇଛି । ଉଠା ଦୋକାନୀଙ୍କୁ ନୋଟିସ କରାଯାଇ ଆଜି ଉଚ୍ଛେଦ କରାଯାଇଛି । ବର୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ହଠାତ୍ ତରବରିଆ ଭାବେ ଉଠାଦୋକାନୀଙ୍କୁ ବେଳାଭୂମିରୁ ହଟାଯିବା ନେଇ ଅସନ୍ତେଷ ପ୍ରକାଶ ପାଇଛି । ପ୍ରଥମ ପର୍ଯ୍ୟାୟରେ ଦିଗବାରିଣୀ ଛକରୁ ହୋଟେଲ ସି ଗଲ ହାଇମାଷ୍ଟ ଲାଇଟ ଛକ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଛି । ଥଇଥାନ ନକରି ଉଚ୍ଛେଦ କରାଯାଇଥିବାରୁ ଉଠାଦୋକାନୀ ମାନେ ଦୀର୍ଘ ସମୟ ଧରି ନୂଆ ମାରାଇନ ଡ୍ରାଇଭ ରାସ୍ତାକୁ ଅବରୋଧ କରିଥିଲେ । ଘଟଣାସ୍ଥଳରେ ପୌର ଏନଫୋର୍ସମେଣ୍ଟ ଅଧିକାରୀ, ଅତିରିକ୍ତ ଏସପି, ସିଟି ଡ଼ିଏସପି ଓ ସମୁଦ୍ରକୂଳ ଥାନା ଅଧିକାରୀଙ୍କ ସହ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ବେଳାଭୂମିରେ ଉଠାଦୋକାନ କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ଉଠାଦୋକାନୀଙ୍କୁ ଥଇଥାନ ନକରି ଏଭଳି ଉଚ୍ଛେଦକୁ ସହଜରେ ଗ୍ରହଣ କରିହେଉନାହିଁ । ଅନ୍ୟପଟେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଅନ୍ୟତ୍ର ଥଇଥାନ କରାଯିବ ବୋଲି ପୌରସଂସ୍ଥା ପକ୍ଷରୁ କୁହାଯାଇଛି । ବାରମ୍ବାର ପୁରୀ ବେଳାଭୂମିରୁ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଉଛି । ଏଯାଏଁ ଏହାର ସ୍ଥାୟୀ ପ୍ରତିକାର ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ । ତେବେ ପ୍ରଶାସନ କେବେ ଓ କିଭଳି ଉଠା ଦୋକାନୀଙ୍କୁ ଥଇଥାନ କରୁଛି ତାହା ଦେଖିବାର କଥା । ନଚେତ ଉଠାଦୋକାନୀଙ୍କ ପୁଞ୍ଜିଭୂତ ଅସନ୍ତେଷ ଉଗ୍ର ରୂପ ନେବାର ସମ୍ଭାବନା ରହିଛି ।

# ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତାର ଉନ୍ନତିକରଣ ପାଇଁ ଭିତିପ୍ରସ୍ତର ସ୍ଥାପନ

ଗଞ୍ଜାମ,୧୨/୧୧ (ନି.ପ୍ର): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଦିଗାପଡା ପଚାଂୟତର ଏସ୍ ୩୦ ଠାରୁ ଲାଠୁଳି, ରଘୁନାଥପୁର ଭାୟା ଦିଗାପଡା, ଫାଶି ରାସ୍ତାର ଉନ୍ନତିକରଣ ପାଇଁ ଗତକାଲି ସଂନ୍ଧ୍ୟାରେ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଏଥି ସହିତ ଖଜାପଲ୍ଲୀ ଠାରୁ ବେଲଝରୀ ଭାୟା ଜାଗିଲିପଦର, ଯୋଗୀଆଗୁଳ, ଦିଗି ରାସ୍ତାର ଉନ୍ନତିକରଣ ପାଇଁ ମଧ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଆସିକା ସାଂସଦ ପ୍ରମିଳା ବିଷୋୟୀ ଓ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଉପସ୍ଥିତ ରହି ଏହି ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଆନୁକୂଲ୍ୟରେ ଉଭୟ ରାସ୍ତାର ଉନ୍ନତିକରଣ କରାଯିବ । ରାସ୍ତା ନିର୍ମାଣ ଯଥା ଶୀଘ୍ର ଶେଷ କରିବା ପାଇଁ ବିଧାୟିକା ପରାମର୍ଶ ଦେଇଛନ୍ତି । ଉଭୟ ରାସ୍ତା ନିର୍ମାଣ ହେବା ପରେ ପାଖାପାଖି ୫ ଟି ପଚାଂୟତର ଜନସାଧାରଣ ଉପକୃତ ହେବେ । ଏହି ଅବସରରେ ବ୍ଲକ ଅଧକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ଜିଲ୍ଲା ପରିଷଦ ସଦସ୍ୟ ମନୋଜ କୁମାର ପାଣ୍ଡି, ସ୍ଥାନୀୟ ସରପଚଂ, ସରକାରୀ କର୍ମଚାରୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

# ଗୋପାଷ୍ଟମୀ ଉତ୍ସବରେ ବଲାଙ୍ଗୀର ଗୋଶାଳାରେ ପୂଜା

ବଲାଙ୍ଗିର,୧୨/୧୧ (ନି.ପ୍ର): ବଲାଙ୍ଗିର ଠିକାଦାର ପଡା ଠାରେ ଥିବା ୧୦୦ ବର୍ଷ ଅତିକ୍ରମ କରିଥିବା ସର୍ବ ପୁରାତନ ପୃଥିବୀ ରାଜ ଗୋଶାଳା ଠାରେ ଆଜି ଗୋପାଷ୍ଟମୀ ଉପଲକ୍ଷେ ଗୋସେବା ଓ ଗୋରୁଗାଈ ମାନଙ୍କୁ ପୂଜା କରିବା ସହିତ ପୂଜା କର୍ମ ଅନୁଷ୍ଠିତ ହୋଇଥିଲା । ସକାଳୁ ସକାଳୁ ଏଠାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ପୂଜାର୍ଚ୍ଚନା ସହିତ ସେମାନେ ଯଥାଶକ୍ତି ଦାନଧର୍ମ କରିଛନ୍ତି ଗୋଶାଳା ପରିଚାଳନା ପାଇଁ । ଗୋଶାଳା ପରିଚାଳନା କମିଟିର ସଭାପତି ନରେନ୍ଦ୍ର ଜୈନ ପ୍ରକାଶ କରିଛନ୍ତି ଯେ, କୋଭିଡ୍-୧୯ ର ପ୍ରକୋପ ଜାରି ଥିବାବେଳେ କଟକଣା ଯୋଗୁଁ ଉତ୍ସବକୁ ନିରାଡମ୍ବର କରାଯାଇଛି ।

# ନାବାଳିକାକୁ ଦୁଷ୍କର୍ମ ମାମଲାର ରାୟ: ଯୁବକକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର ,୧୨/୧୧ (ନି.ପ୍ର): ୧୫ ବର୍ଷର ନାବାଳିକାକୁ ଦୁଷ୍କର୍ମ ମାମଲା ଜୟପୁର ସ୍ଥିତ ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପକ୍ସୋ କୋର୍ଟ ରେ ଆଜି ରାୟ ଶୁଣାଣି ହୋଇଛି । ଜଜ ପ୍ରଦିପ କୁମାର ସାସମଲ ଏହାର ଶୁଣାଣୀ କରି ରାୟ ଦେଇଛନ୍ତି । ଦଣ୍ଡିତ ଯୁବକ ହେଲା କୋରାପୁଟ ଟାଉନ ଥାନା ଅନ୍ତର୍ଗତ ବଦଲିଗୁଡାର ବିପିନ ସୁନା (୨୩) । କୋର୍ଟ ତାଙ୍କ ରାୟରେ ବିପିନକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଆର୍ଥିକ ଜୋରିମାନା ରେ ଦଣ୍ଡିତ କରିଛନ୍ତି । ଅର୍ଥ ଅନାଦୟ ହେଲେ ଅଧିକା ୬ ମାସ ଜେଲ ଦଣ୍ଡ ଭୋଗିବାକୁ ତାଙ୍କ ରାୟରେ ଶୁଣାଣି କରିଛନ୍ତି । ମାମଲା ବିବରଣୀରୁ ପ୍ରକାଶ ଯେ ଗତ ୧୦.୨.୨୦୧୯ ତାରିଖରେ ଜଣେ (୧୫) ବର୍ଷିଆ ନାବାଳିକା ଡ୍ରେସ କିଣିବାକୁ କୋରାପୁଟ ଆସୁଥିବା ବେଳେ ଅଭିଯୁକ୍ତ ବିପିନ ସୁନା ତାଙ୍କୁ ନେଇ ନିକଟସ୍ଥ ସୁକିଆ ଡଙ୍ଗର ପାହାଡରେ ଇଛା ବିରୁଦ୍ଧରେ ବଳାତ୍କାର କରିଥିଲେ । ଏନେଇ ନାବାଳିକା ତାଙ୍କ ପରିବାର କୁ ଜାଣାଇବାରୁ ପିଡିତା ଗତ ୧୪.୨.୨୦୧୯ ରେ କୋରାପୁଟ ଟାଉନ ଥାନା ରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ କୋରାପୁଟ ଟାଉନ ପୋଲିସ ମାମଲା ରୁଜୁ କରି ବିପିନ ସୁନା କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାରେ ୭ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ । ସମସ୍ତ ସାକ୍ଷ୍ୟ ପ୍ରମାଣ କୁ ଭିତି କରି ଜଜ ଏହି ରାୟର ଶୁଣାଣି କରିଛନ୍ତି । କୋର୍ଟ ଯେଉଁ ଆର୍ଥିକ ଜୋରିମାନା କରିଛନ୍ତି ଅଭିଯୁକ୍ତ ଫୈଠ କରିବା ପରେ ପିଡିତା ନାବାଳିକାକୁ ପ୍ରଦାନ କରାଯିବ ବୋଲି କୋର୍ଟ ସୁତ୍ରରୁ ସୁଚନା ଦିଆଯାଇଛି । ଏହା ସହ ପିଡିତାକୁ ୧ ଲକ୍ଷ ଟଙ୍କା ଆର୍ଥିକ ସାହାଯ୍ୟ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ କୁ ରାୟ ରେ ଉଲ୍ଲେଖ କରିଛନ୍ତି । ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ସୁଧିର ତ୍ରିପାଠି ପରିଚାଳନା କରିଥିଲେ ।

# କାଳିଆ ଯୋଜନାରେ ପୁନଃ ପଞ୍ଜିକରଣ ନେଇ ହରିଲୁଟ

ଧର୍ମଶାଳା,୧୨/୧୧ (ନି.ପ୍ର): ସରକାର କାଳିଆ ଯୋଜନା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ପଠାଉଛନ୍ତି । ଯାହାକି ହିତାଧିକାରୀମାନେ ବିଶେଷଭାବେ ଉପକୃତ ହୋଇପାରୁଛନ୍ତି । ତେବେ ଏହାର ସୁଯୋଗ ନେଇ କିଛି ମୁଷ୍ଟିମେୟ ବ୍ୟକ୍ତି କାଳିଆ ଯୋଜନାରେ ପୁନଃ ପଞ୍ଜିକରଣ ନିମନ୍ତେ ହିତାଧିକାରୀମାନଙ୍କୁ ଭୁଆଁ ବୁଲାଇ ଅର୍ଥ ହରି ଲୁଟ କରିଥିବା ନେଇ ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ହୋଇଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତରେ । ଏହି ପଂଚାୟତରେ ବହୁ ଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରେ ସାମିଲ ହୋଇଛନ୍ତି । ସେମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସୁଛି । ତେବେ ଏହାର ସୁଯୋଗ ନେଇ ଏହି ପଂଚାୟତର କୃଷକ ସାଥୀ ହିତାଧିକାରୀଙ୍କ ନିକଟକୁ ଯାଇ ସେମାନଙ୍କଠାରୁ କାଳିଆ ଯୋଜନାରେ ପୁନଃ ପଞ୍ଜିକୃତ ନିମନ୍ତେ ଆଧାରକାର୍ଡ ନକଲ,ବ୍ୟାଙ୍କ ପାସବୁକ ନକଲ ସଂଗ୍ରହ କରୁଛନ୍ତି । ଏବଂ ଏହା ସାଙ୍ଗକୁ ଶହେ ଟଙ୍କା ଆଦାୟ କରୁଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି । କାଳିଆ ଯୋଜନାରୁ ବଂଚିତ ହେବା ଆଶଙ୍କା କରି ସେମାନେ ଟଙ୍କା ସହ ସେମାନଙ୍କ ନକଲ ପ୍ରମାଣ ପତ୍ର ଦେବାକୁ ବାଧ୍ୟ ହେଉଛନ୍ତି । ଏହାକୁ ନେଇ କୋଠଡିହ, ନୁଆକୁଳ, ମଙ୍ଗଳପୁର ଆଦି ଗ୍ରାମରେ କାଳିଆ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀମାନଙ୍କଠାରୁ ରିନୁଆଲ ନାଁରେ ଟଙ୍କା ଲୁଟ କରୁଥିବା ଜଣାପଡିଛି । ଏନେଇ ଧର୍ମଶାଳା ବ୍ଲକ ଉନ୍ନୟନ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ କୌଣସି ମୁହଁ ଖୋଲୁ ନ ଥିବା ଜଣାପଡିଛି । ତେବେ ଏହି ଘଟଣାକୁ ଯାଜପୁର ଜିଲାପାଳ ତୁରନ୍ତ ଦୃଷ୍ଟି ଦେଇ ଏ ଭଳି ବେଆଇନ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

# ରାଷ୍ଟ୍ରଋଷି ଦତପନ୍ତ ଠେଙ୍ଗଡ଼ିଜୀଙ୍କ ଜୟନ୍ତୀ

ପୁର,୧୨/୧୧ (ନି.ପ୍ର): ବୁଧବାର ରାଷ୍ଟ୍ରଋଷି ଦତପନ୍ତ ଠେଙ୍ଗଡ଼ିଜୀଙ୍କ ଜୟନ୍ତୀ ଉପଲକ୍ଷେ ସ୍ୱଦେଶୀ ଜାଗରଣ ମଂଚ ପୁରୀ ତରଫରୁ ଏକ ଆଲୋଚନାଚକ୍ର ବଡ଼ଦାଣ୍ଡ ସ୍ଥିତ ଗୋଏଙ୍କା ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଛି । ନଗର ସଂଯୋଜକ ମନୋଜ କୁମାର ଅଗ୍ରୱାଲ ସଭା କାର୍ଯ୍ୟ ପରିଚାଳନା କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଭାରତମାତା ଓ ଠେଙ୍ଗଡ଼ିଜୀଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ । ରାଷ୍ଟ୍ରର ବିକାଶରେ ସ୍ୱଦେଶୀର ବ୍ୟବାହର ଏକାନ୍ତ ଆବଶ୍ୟକ ବିଷୟରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘର ବିଭାଗ ସଂଘ ଚାଳକ ମନୋରଞ୍ଜନ ସାହୁ ଓ ମୁଖ୍ୟବକ୍ତା ଭାବେ ପୁରୀ ସୁରଜମଲ ସାହା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କାର୍ତିକ ଚନ୍ଦ୍ର ଦାଶ ଯୋଗଦେଇ ମତପ୍ରକାଶ କରିଥିଲେ । ସମ୍ମାନିତ ବକ୍ତା ଭାବେ ସ୍ୱଦେଶୀ ଜାଗରଣ ମଂଚର ରାଜ୍ୟ ସଂଘର୍ଷ ବାହିନୀ ପ୍ରମୁଖ ସଚୀନନ୍ଦନ ଦାଶ ଯୋଗ ଦେଇଥିଲେ । ଏହି ଆଲୋଚନାରେ ଅନ୍ୟମାନଙ୍କ ବିଶ୍ୱନାଥ ପଣ୍ଡା, ବାମଦେବ ନାୟକ, କମଳିନୀ ମହାପାତ୍ର, ଶୋଭାନା ଦାସ, ଉପେନ୍ଦ୍ର ବିଶୋଇ, ଜଗନ୍ନାଥ ଷଡ଼ଙ୍ଗୀ ଓ ପୂର୍ଣ୍ଣଚନ୍ଦ୍ର ମିଶ୍ର ଅଂଶ କରିଥିଲେ । ପୂର୍ଣ୍ଣଚନ୍ଦ୍ର ଦାସ, ଅକ୍ଷୟ ଦାସ, ବିଚିତ୍ର ରଞ୍ଜନ ସାହୁ, ସବିତା ବିଶୋଇ, କବିତା ପ୍ରଧାନ, ଜଗନ୍ନାଥ କୁଣ୍ଟୁ, ସୁରେନ୍ଦ୍ର ମହାପାତ୍ର, ପ୍ରିୟଙ୍କା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଅଶୋକ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

ଦେଶ ବିଦେଶର ଜଣାଅଜଣା

# ବିବିଧ ବିଶ୍ୱ

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଶନିବାର, ନଭେମ୍ବର ୧୩, ୨୦୨୧

## ମେଥି ଶାଗ ପରଟା

ମେଥି ସ୍ୱାସ୍ଥ୍ୟ ପାଇଁ ଯେତିକି ଗୁଣକାରୀ ଏଥିରେ ପ୍ରସ୍ତୁତ ଖାଦ୍ୟ ମଧ ଖୁବ୍ ପାଟିସୁଆଦିଆ । ମେଥି ଶାଗଠାରୁ ଆରମ୍ଭ କରି ମେଥି ପରଟା, ମେଥି ପନିର ଆଦି ବିଭିନ୍ନ ଖାଦ୍ୟ ମେଥିରୁ ପ୍ରସ୍ତୁତ କରାଯାଇଥାଏ ।




**ପ୍ରସ୍ତୁତ ପ୍ରଣାଳୀ:**

ମେଥି ଡେମ୍ଫରୁ ଶାଗକୁ ଅଲଗା କରି ବାହାର କରି ଦିଅନ୍ତୁ । ଏହାକୁ ଭଲ ଭାବରେ ପାଣିରେ ଧୋଇ ଛାଣି ଚୂନା ଚୂନା କରି କାଟି ଦିଅନ୍ତୁ । ପରେ ଶାଗକୁ କଡ଼ାଇରେ ଅଳ୍ପ ପାଣି ଓ ଲୁଣ ଦେଇ ସିଝାଇ ଦିଅନ୍ତୁ । ପାଣି ମରିଗଲେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଏକ ପାତ୍ରରେ ଅଟା, ବେସନ, ଲାଲ ଲଙ୍କା ପାଉଡର, ଲୁଣ, ଦହି, ଚିମୁଟାଏ ହେଙ୍ଗୁ ଆଦି ପକାଇ ପାଣିଦେଇ ଚକଟି ଦିଅନ୍ତୁ । ଏବେ ଏହାକୁ ଗୋଲା କରି ଏହା ମଧରେ ଅଳ୍ପ ଶାଗ ଦେଇ ବେଲଣା ପଟାରେ ବେଲି ପରଟାରେ ସେପ୍ ଦିଅନ୍ତୁ । ତାୱା ଗରମ କରି ପରଟା ପକାନ୍ତୁ । ପରଟା ଭଲ ଭାବରେ ହୋଇ ଗଲେ ଏଥିରେ ରିଫାଇନ ତେଲ ଦେଇ ପରଟା ଲାଲ ପଡ଼ିବା ପରେ ପ୍ଲେଟକୁ କାଢ଼ି ଆଣନ୍ତୁ । ଏହାକୁ ଚିଲି କିମ୍ବା ଟମାଟୋ ସସ୍ ଦେଇ ଖାଆନ୍ତୁ ଖୁବ୍ ସୁଆଦିଆ ଲାଗିବ ।

**ସାମଗ୍ରୀ:**

୨୫୦ ଗ୍ରାମ୍ ଅଟା, ଅଧାକପ୍ ବେସନ, ୧ କପ୍ ମେଥି ପତ୍ର, ଅଧା ଟିସ୍ପୁନ୍ ଜିରା, ଦେଢ଼ ଟିସ୍ପୁନ କଞ୍ଚା ଲଙ୍କା ପେଷ୍ଟ । ୧ ଛୋଟ ଚାମଚ ଶୁଖିଲା ଲଙ୍କା ପାଉଡର, ୨ ଛୋଟ ଚାମଚ ଦହି, ୧ ଟେବୁଲ ଚାମଚ ତେଲ, (ପରଟା ସେକିବା ପାଇଁ), ଲୁଣର ସ୍ୱାଦ ଅନୁସାରେ ।




## ସ୍ମରଣୀୟେଷୁ 'ଶ୍ରୀ ଭାଗିରଥି ପାତ୍ର'

ପ୍ରତାପ ଚନ୍ଦ୍ର ସାହୁ

ଉପାନ୍ତ ନବରଙ୍ଗପୁର ଅଞ୍ଚଳ ରନବରଙ୍ଗପୁର ସହରସ୍ଥିତ ନୂଆଁ ବନ୍ଧ ସାହି ଏହି ବରେନ୍ୟ ସୁସହିତ୍ୟିକ ଗବେଷକ ଶିକ୍ଷାବିତ୍ତ ଶ୍ରୀ ଭାଗିରଥି ପାତ୍ରଙ୍କର ଜନ୍ମ। ୧୯୩୯ ମସିହା ନଭେମ୍ବର ମାସ ୧୨ ତାରିରେ ପିତା ଶ୍ରୀ ବଚ୍ଛ ପାତ୍ର ଏବଂ ମାତା ଶ୍ରୀମତୀ ହିରାମଣି ପାତ୍ରଙ୍କର କୋଳମଣ୍ଡନ କରିଥିଲେ, ଭାଗିରଥି ପାତ୍ର। ନବରଙ୍ଗପୁର ତଥା ଅଭିବକ୍ତ କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାର ଜଣେ ସାରସ୍ୱତ ସାହିତ୍ୟ ସାଧକ, ସୁସଙ୍ଗଠକ ଭାବେ ଜଣାଶୁଣା ଏହି ବ୍ୟକ୍ତିଙ୍କର ଯେତେ ଗୁଣଗାନ କଲେ ବି କମ ହେବ। ଶ୍ରୀ ଭାଗିରଥି ପାତ୍ର ମହୋଦୟଙ୍କର କୌଣସି ଅନୁଷ୍ଠାନିକ ଶିକ୍ଷାଗତ ଯୋଗ୍ୟତା ଥିଲେ ବି ସେ ଥିଲେ ଜ୍ଞାନ ର ଭଣ୍ଡାର। ଏକ ନୈଷ୍ଠିକ୍ ବ୍ରମ୍ହନ୍ ପରିବାର ରେ ଜନ୍ମ ଗ୍ରହଣ କରିଥିଲେ ବି ସବୁ ବର୍ଗର ଲୋକଙ୍କୁ ହୃଦୟତାର ସହ ଭଲ ପାଉଥିଲେ। କମ ବୟସରେ ନିଜର ପିତାଙ୍କୁ ହରାଇ ପ୍ରଥମେ ଭାଗିରଥି ବାବୁ ଭାଙ୍ଗି ପଡ଼ିଥିଲେ, ପରବର୍ତ୍ତୀ ସମୟରେ ନିଜକୁ ସମ୍ଭାଳି ନେଇ ପରିବାରର ଦାୟିତ୍ୱ ସୁଚାରୁ ରୂପେ ନିର୍ବହ କରିବା ସାଙ୍ଗେ ସାଙ୍ଗେ ସାହିତ୍ୟ ସାଧନା, ସାମାଜିକ ସେବା, ଧର୍ମ ପ୍ରଚାର ଓ ପ୍ରସାର କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ।

ସେ ଥିଲେ ଏକ ଧାରାରେ କବି, ଗବେଷକ୍, ସଂଗଠକ, ସମାଜ ସେବି, ପ୍ରବନ୍ଧିକ୍, ଗଳ୍ପିକ୍ ଏବଂ ଅଧ୍ୟମ୍ ବଦ୍ଧି ବ୍ୟକ୍ତି। ଅନ୍ଧବିଶ୍ୱାସ ବିରୋଧରେ ଏବଂ ସାହିତ୍ୟ ପ୍ରତି ଆକୃଷ୍ଟ କରିବା ଉଦସ୍ୟରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ହାତ ଲେଖା ପତ୍ର ଇକା (patrika)ର ସୁଭାରମ୍ଭ କରିଥିଲେ। ସେଇ ହାତ ଲେଖା ପେପରର ନାଁ ଥିଲା 'ସୈସବ'। ଏହା ଥିଲା ଏକ ସୁଚନା ଧର୍ମୀ ପେପର। ଲୋକ ଙ୍କ ମନରେ ସଚେତନ୍ ତା ସୃଷ୍ଟି କରିବା ଥିଲା ତାଙ୍କର ଉଦେଶ୍ୟ। ୧୯୫୯ ମସିହାରେ ଏହି ପେପର ର ଜନ୍ମ। ଏହା ଲୋକମାନଙ୍କ ମଧରେ ବେଶ ଅଦ୍ଭୁତି ଲାଭ କରିଥିଲା। ସେ ନିଜେ ଏକ ସାହିତ୍ୟ ଅନୁଷ୍ଠାନ ଗଢି ଥିଲେ ଯାର ନାଁ ଥିଲା 'ନବ ଜାଗରଣ ସାହିତ୍ୟ ସାଂସଦ'। ଶେଷ ପର୍ଯ୍ୟନ୍ତ ସେ ଏହି ସଂସ୍ଥାକୁ ନିଜ ଖର୍ଚ୍ଚରେ ଚଲେଇ ଆସିଥିଲେ। ସେ ଥିଲେ ଅତ୍ୟନ୍ତ ସ୍ୱାଭିମାନୀ। ସାହିତ୍ୟ ଅନୁଷ୍ଠାନର ଖର୍ଚ୍ଚ ତୁଲାଇ ବା ପାଇଁ ଶେଷ ପର୍ଯ୍ୟନ୍ତ କାହା ପାଖରେ ହାତ ପତାଇ ନଥିଲେ। ତାଙ୍କୁ ବହୁତ କଷ୍ଟ କରିବାକୁ ପଡିଥିଲା, ଏହି ଅନୁଷ୍ଠାନର ସ୍ଥାୟିତ୍ୱ ନେଇ। ଏହା ସହ ସ୍ଥାନୀୟ ଛାତ୍ର ଛାତ୍ରୀ ତଥା ଯୁବ ବର୍ଗଙ୍କ ପାଇଁ ନିଜସ୍ୱ ଖର୍ଚ୍ଚରେ ଏକ ପାଠାଗାର ଗଠନ କରିଥିଲେ। ବାସ୍ତବରେ ଅନେକ ଛାତ୍ର ଛାତ୍ରୀ ଏହି ପାଠାଗାରୁ ଉପକୃତ ହୋଇଛନ୍ତି। ଭାଗିରଥି ପାତ୍ର ହେଉଛନ୍ତି ଏ ମାଟିର ଦାୟାଦ।ତାଙ୍କର ସୃଷ୍ଟି ଅନେକ ପ୍ରବନ୍ଧ, ଉପନ୍ୟସ, କବିତା, ଗଳ୍ପ, ଏକଙ୍କିକା ଅତି ଉଚ୍ଚ କୋଟିର। ଏପରିକି କିଛି ପ୍ରବନ୍ଧ ଗବେଷନା ଯୋଗ୍ୟ। ତାଙ୍କର ଶେଷ ପ୍ରବନ୍ଧ 'ମା ଭଣ୍ଡାର ଘରଣୀ'। ତାଙ୍କର ପ୍ରତ୍ୟେକ ଲେଖା ସୁଚନା ଧର୍ମୀ, ସମୟୋପି ଯୋଗୀ। ଦୁଃଖର ବିଷୟ ଏ ପର୍ଯ୍ୟନ୍ତ ସାରଙ୍କର କିଛି ଲେଖା ଅପ୍ରକାସିତ ହୋଇ ରହିଯାଇଛି। ସେଗୁଡିକ ଅଦ୍ୟାବଧି ପାଣ୍ଡୁଲିପି ଆକାର ରେ ଅଛି ବୋଲି ଅନୁମେୟ। ତାଙ୍କର ଅନେକ ଲେଖା ବିଭିନ୍ନ ପତ୍ର ପତ୍ରିକା ରେ ମଧ ପ୍ରକାଶ ପାଇଛି । ସ୍ୱର୍ଗତ ପାତ୍ର ସାହିତ୍ୟ ସେବା ମାଧମରେ ସମାଜ ରେ ଏକ ସାଂସ୍କୃତିକ ପରିବେଶ ସୃଷ୍ଟି କରିଥିଲେ। ସେ ଥିଲେ ଅତ୍ୟନ୍ତ ସରଳ, ଶାନ୍ତ, ନିଷ୍କପଟ ଏବଂ ଆମାୟିକ । ସେ ଥିଲେ ମେଳାପି, ମିଷ୍ଟ ଭାସି ଏବଂ ବନ୍ଧୁ ପ୍ରିୟ।ଧର୍ମ ବିଶ୍ୱାସ, ପର୍ବପର୍ବନି, ସଂସ୍କୃତି, ଭାଷା ସାହିତ୍ୟ, ଆଦିବାସୀ ସଂସ୍କୃତି ଓ ଦେବା ଦେବି ପୀଠ ଆଦି ବିଷୟ ରେ ଅନେକ ପ୍ରବନ୍ଧ ଲେଖି ଓଡିଶା ଏବଂ ଓଡିଶା ବାହାରର ପାଠକ ପାଠିକାମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ପାରିଥିଲେ । କବିତା ଉପନ୍ୟସ ବ୍ୟତୀତ ଜୀବନି ଏବଂ ସଂସ୍କାର ମୂଳକ ଲେଖା ମନ ବିଭିନ୍ନ ପତ୍ର ପତ୍ରିକା ଓ ମେଗାଜିନ୍‌ରେ ପ୍ରକାଶିତ ହୋଇଛି। ତାଙ୍କର ଏକଙ୍କିକା ମଧ ରେ 'ଶିକ୍ଷକ ଜୀବନ' ଅନ୍ୟତମ । କହିବାକୁ ଗଲେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଗଳ୍ପ, ଏକଙ୍କିକା, ଉପନ୍ୟସ୍ ପ୍ରବନ୍ଧ ଜୀବନୀ ଓ କବିତା ପ୍ରକାଶିତ ହୋଇଛି ଏବଂ କିଛି ପ୍ରକାଶିତ ଅପେକ୍ଷାରେ ରହିଛି। ସେ ଏତେ ଜ୍ଞାନର ଅଧିକାରୀ ଥିଲେ ବି ତାଙ୍କ ମନରେ ଆଦୌ ଗର୍ବ କି ଅହଂକାରୀ ଥିଲା। ଯିଏ ଯେତେବେଳେ ଚାହିଁଲେ ବି ତାଙ୍କ ପାଖକୁ ଯାଇ ବୁଝି ସନ୍ଦେହ ଦୂର କରି ଆସି ପରୁଥିଲେ। ସମସ୍ତଙ୍କ ପାଇଁ ତାଙ୍କର ବ୍ୟବହାର ଥିଲା ଖୁବ ଭଲ। ସମ୍ବର୍ଦ୍ଧନା ହେବା କି ପୁରସ୍କୃତ ହେବା ଦୌଡରେ ସେ ନଥିଲେ । ସେ ଏ ସବୁର ଘୋର ବିରୋଧ କରୁଥିଲେ। ନିଜର ଲେଖା ପ୍ରକାଶିତ ନିମନ୍ତେ କାହା ଆଗେ ଲବି ବି କରି ନାହାନ୍ତି। କୌଣସି ଧାର୍ମିକ ସଭା ହେଉ ଅବା ସାହିତ୍ୟ ଅସାର ହେଉ କି କବିତା ପାଠ ଉଛବରେ ଛୋଟ ବଡ ନ ବିଚରି ଯୋଗ ଦେଉ ଥିଲେ। ଯଦିଓ ସେତେ ବେଳେ ଗମନା ଗମନର ସୁବିଧା ନଥିଲା ତଥାପି ସେ ଯେମିତି ହେଲେ ଦେଇ ଥିବା କଥା ଅନୁଯାଇ ଠିକ ସମୟ ପୂର୍ବରୁ ଯାଇ ପହଂଚି ଯାଇଥାନ୍ତି। ସେ ଥିଲେ ସମୟନୁବର୍ତ୍ତିର ଅନୁଗାମୀ। ସାହିତ୍ୟ କହିଲେ ତାଙ୍କର ଜୀବନ।ଏଥିରୁ ଅନୁମେୟ ସେ ସାହିତ୍ୟକୁ ସତରେ କେତେ ଭଲ ନ ପାଉଥିଲେ! ସେ ବ୍ୟକ୍ତି ବିଶେଷ ନଥିଲେ ସେ ଥିଲେ ଗୋଟିଏ ଅନୁଷ୍ଠାନ। ସେହି ସାହିତ୍ୟ ଆକାଶ ଭଗିରଥ 'ଭାଗିରଥି ପାତ୍ର'ଙ୍କର ଜୀବନ ଦୀପ ଟି ୨୦୦୨ମସିହ ନଭେମ୍ବର୍ ମାସ (କାର୍ତ୍ତିକ ଅଁଳା ନବମୀ) ୧୨/୧୧/୨୦୨୧ ରେ ସବୁଦିନ ପାଇଁ ଲିଭିଗଲା। ତାଙ୍କର ଆତ୍ମିୟତା ଓ ହୃଦୟରୁ ଭଲ ପାଇବା ଯୋଗୁ ଆଜି ସେ ମରିବି ଅମର। ଆଜିର ଦିନରେ ସେଇ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି।

+ ନବରଙ୍ଗପୁର
(ମୋ) ୯୪୩୭୬୮୮୮୬୦

## ଘରେ ମୂଷାଙ୍କ ପ୍ରାଦୁର୍ଭାବ ବଢୁଥିଲେ ଆପଣାନ୍ତୁ ଏହି ଘରୋଇ ଉପାୟ: ଆପେ ଆପେ ବାହାରିଯିବେ ମୂଷା



ଘରକୁ ମୂଷା ଆସିବା ପରେ ଲୋକମାନେ ସେମାନଙ୍କୁ ଘରୁ କିପରି ବାହାର କରିବେ ସେ ନେଇ ଚିନ୍ତାରେ ପଡ଼ି ଯାଆନ୍ତି। କାରଣ ମୂଷା ଘରେ ଥିବା ସବୁ ଜିନିଷକୁ ନଷ୍ଟ କରି ଦେଇଥାନ୍ତି । ଔଷଧର ପ୍ରଭାବ ସରିବା ପରେ ମୂଷାମାନେ ପୁଣି ଘରେ ଜିନିଷ ନଷ୍ଟ କରିବାରେ ଲାଗି ଯାଇଥାନ୍ତି । ଆସନ୍ତୁ ଜାଣିବା ଏହି ସମସ୍ୟାରୁ ରକ୍ଷା ପାଇବାର କିଛି ଘରୋଇ ଉପାୟ।

୧. ମୂଷାକୁ ଘରୁ ବାହାର କରିବା ପାଇଁ ପିଆଜ ବ୍ୟବହାର କରନ୍ତୁ । ମୂଷାମାନଙ୍କୁ ପିଆଜର ଗନ୍ଧ ପସନ୍ଦ ହୋଇ ନଥାଏ। ଘରର ଯେଉଁଠି ମୂଷା ଥିବା ଦେଖୁଛନ୍ତି ସେଠାରେ ପିଆଜର ଏକ ଖଣ୍ଡ ରଖିଦିଅନ୍ତୁ । କିଛି ଦିନ ପରେ ପ୍ରଭାବ ଜାଣି ପାରିବେ ।

୨. ଘରର ଯେଉଁଠି ମୂଷା ଦେଖୁଛନ୍ତି ସେଠାରେ ଗୋବର ରଖନ୍ତୁ । ଗୋବରକୁ ଖାଇବା ପରେ ମୂଷା ପେଟରେ ସଂକ୍ରମଣ ହେବା ସହ ସେ ମରି ଯାଇଥାଏ ।

## ଟିସାର୍ଟ ଡ୍ରେସ୍

ସବୁଦିନ ଏକା ପ୍ରକାର ଷ୍ଟାଇଲ୍ ଭଲ ଲାଗେନି । ଷ୍ଟାଇଲ ବଦଳାଇବା ପାଇଁ ଡିଜାଇନ୍‌ର ଆଉଟଫିଟ୍ ଆବଶ୍ୟକ ହୁଏ । ହେଲେ କେଉଁ ଆଉଟଫିଟ୍ ଭଲ ମାନିବ ଅନେକେ ଜାଣିପାରନ୍ତି ନାହିଁ । ଆପଣ ଯଦି ଷ୍ଟାଇଲରେ କିଛି ନୂଆ ଚେଞ୍ଜ ଆଣିବାକୁ ଚାହୁଛନ୍ତି, କ୍ୟାରି କରନ୍ତୁ ଟିସାର୍ଟ ଡ୍ରେସ୍ । ତେବେ ଟିସାର୍ଟ ଡ୍ରେସ୍‌ରେ କେମିତି ଷ୍ଟାଇଲ କରିବେ ଜାଣିବା ପାଇଁ କିଛି ଟିପ୍ସ ।

**ସ୍ନିକର୍ସ ସହିତ:**

ଟିସାର୍ଟ ଡ୍ରେସ ସହିତ ସ୍ୟାଣ୍ଡେଲ ସୁଜ୍ ସବୁ ଭଲ ମାନିଥାଏ । ହେଲେ ସ୍ନିକର୍ସ ଗେମ୍ ଚେଞ୍ଜର ପରି କାମ କରିଥାଏ । ହ୍ୱାଇଟ୍ ପରିବର୍ତ୍ତେ ଆପଣ ଗୋଲ୍ଡେନ, ଅରେଞ୍ଜ, ପିଙ୍କ୍, ବ୍ଲୁ ପରି କଲର ବାଛି ପାରିବେ । ଆପଣଙ୍କୁ ଟିସାର୍ଟ ଡ୍ରେସ୍ ଷ୍ଟାଇଲ କରିବାକୁ ପଡ଼ିବ ନାହିଁ । ସ୍ନିକର୍ସ ଆପଣଙ୍କୁ ଷ୍ଟାଇଲିଶ ଲୁକ ଦେବ ।



**କ୍ୟାରି କରନ୍ତୁ ବ୍ୟାଗ:**

ଟିସାର୍ଟ ଡ୍ରେସ ପିନ୍ଧୁଥିଲେ ଆକ୍ସେସରିଜରେ ବ୍ୟାଗଟିଏ କ୍ୟାରି କରନ୍ତୁ । ଆପଣଙ୍କ ଷ୍ଟାଇଲକୁ ଏହା ଅଧିକ ପରିମାର୍ଜିତ କରିଥାଏ । ଟିସାର୍ଟ ଡ୍ରେସ୍ ସହିତ କ୍ରସ୍ ବଡି ବ୍ୟାଗ ଓ ସ୍ଲିଙ୍ଗ୍ ବ୍ୟାଙ୍ଗ୍ ଭଲ ମାନିଥାଏ । ଡ୍ରେସ୍ ସହିତ ମ୍ୟାଚ କରି ଏହାକୁ କ୍ୟାରି କରିପାରିବେ ।

**ବେଲ୍ଟରେ ଷ୍ଟାଇଲ:**




ଟିସାର୍ଟ ଡ୍ରେସ୍‌ରେ ବେଲ୍ଟ ଭଲ ଆଇଡିଆ । କାରଣ ଟିସାର୍ଟ ଡ୍ରେସ୍ ଢିଲା ଥାଏ । ତେଣୁ ବେଲ୍ଟ ପିନ୍ଧିଲେ ଆଦୌ ଖରାପ ଲାଗେ ନାହିଁ । ଯେକୌଣସି ବେଲ୍ଟରେ ଡ୍ରେସ୍‌କୁ ଷ୍ଟାଇଲିଶ କରିପାରିବେ । ତେବେ ଡ୍ରେସ୍‌ର ରଙ୍ଗ, ଷ୍ଟାଇଲକୁ ଦେଖି ବେଲ୍ଟ ବାଛିବା ଦରକାରୀ ।

**ସ୍କର୍ଟ ବି ଆସିବ କାମରେ:**

କିଛି ଏକ୍ସପେରିମେଣ୍ଟ କରିବାକୁ ଚାହୁଁଥିଲେ ଟିସାର୍ଟ ଡ୍ରେସ୍‌ରେ ସ୍କର୍ଟ ସାମିଲ କରନ୍ତୁ । ଟିସାର୍ଟ ସହିତ ନେଟ୍ ଏବଂ ଏଲାଇନ ସ୍କର୍ଟ ସୁନ୍ଦର ଲାଗିଥାଏ । ଆପଣ ଚାହିଁଲେ ଟିସାର୍ଟ ଡ୍ରେସ୍‌ରେ ନଟ୍ ବାନ୍ଧି ଜିନ୍ସ କ୍ୟାରି କରିପାରିବେ ।

**ଜ୍ୟାକେଟ:**

ଟିସାର୍ଟ ଡ୍ରେସ୍‌ରେ ଜ୍ୟାକେଟ କ୍ୟାରି କରି ସହଜରେ ଷ୍ଟାଇଲିଶ ଲୁକ ପାଇପାରିବେ । ଆପଣ ଟିସାର୍ଟ ଡ୍ରେସ୍‌ରେ

## କେଉଁ ଖାଦ୍ୟ ଖାଇଲେ ରାତିରେ ଭଲ ନିଦ ହୁଏ ?

କିଛି ଲୋକ ଏମିତି ଅଛନ୍ତି ଯେଉଁମାନଙ୍କୁ ରାତିରେ ଠିକ୍‌ରେ ନିଦ ହୁଏ ନାହିଁ । ବିଳମ୍ବରେ ନିଦ ହେବା ବା ଅଧ ରାତି ନିଦ ଭାଙ୍ଗିଯିବା ଭଳି ସମସ୍ୟା ଏବେ ପ୍ରାୟ ସମସ୍ତଙ୍କଠାରେ ଦେଖିବାକୁ ମିଳୁଛି । ଯଦି ଆପଣ ଏଭଳି ସମସ୍ୟାର ସାମ୍ନା କରୁଛନ୍ତି ତେବେ ଏହି ସମସ୍ୟାରୁ ବଞ୍ଚିବାର ଉପାୟ ମଧ ଜାଣି ନିଅନ୍ତୁ । ଆସନ୍ତୁ ଜାଣିବା କେଉଁ ୯ଟି ଖାଦ୍ୟ ଖାଇଲେ ଆପଣଙ୍କର ଅନିଦ୍ରାପଣ ଦୂର ହେବ ।

୧.ଗ୍ରୀନ୍,ବ୍ଲାକ୍ ଏବଂ ହ୍ୱାଇଟ୍ ଟି : ନିୟୁଟ୍ରିସନ୍‌ନିଷ୍ଟ ରିକ୍‌ଙ୍କ କହିବା ଅନୁଯାୟୀ ଗ୍ରୀନ୍,ବ୍ଲାକ୍ ଏବଂ ହ୍ୱାଇଟ୍ ଟିରେ ଆମିନୋ ଏସିଡ ରହିଛି ଯାହାକି ଶରୀରର ନର୍ଭସ୍ ସିସ୍‌ଟମ୍‌କୁ ପୋଷଣ ଦେବା ସହ ଭଲ ନିଦ ହେବାରେ ସହାୟତା କରିଥାଏ । ଏଥିରେ ଥିବା ଏଲ୍-ଥେନାଇନ୍ ବା ଆମିନୋ ଏସିଡ ମଣିଷର ଚିନ୍ତା କମ କରିବା ସହ ଅନିଦ୍ରାପଣ ଦୂର କରେ ।

୨.କାମୋମାଇଲ : କାମୋମାଇଲ ଚା' ପିଇବା ଦ୍ୱାରା ଭଲ ନିଦ ହୋଇଥାଏ କାରଣ ଏଥିରେ ଫ୍ଲାଭୋନୋଏଡ୍ ଥାଏ ଯାହାକୁ କି ଅପିଜେନିନ୍ ବୋଲି କୁହାଯାଏ । ଏଥିରେ ଚିନ୍ତା କମ କରିବାର କ୍ଷମତା ଥାଏ ।

୩.ଡ଼ାଲ୍‌ଚିନି : ଏହା ରକ୍ତ ଶର୍କରା ସ୍ତର ଠିକ୍ ରଖିବା ସହ ନର୍ଭସ୍ ସିଷ୍ଟମ୍‌କୁ ପୋଷଣ ଦେଇଥାଏ, ଯାହା ଫଳରେ କି ମଣିଷକୁ ଭଲ ନିଦ ଆସିଥାଏ ।



୪.ଅଦା : ଅଦା ଖାଇବା ଦ୍ୱାରା ଶରୀରକୁ ସୁଫଳ ମିଳିଥାଏ । ଏଥିରେ ଜିଞ୍ଜେରଲ ଥିବାରୁ ଏହା ପେଟକୁ ଶାନ୍ତ ରଖିବା ସହ ଶରୀରକୁ ଆରାମ୍ ଦେଇଥାଏ ଏବଂ ନିଦ୍ରାହୀନତା ଦୂର କରିଥାଏ ।

୫.ଲିକୋରିସ୍ : ଅବସାଦ ଏବଂ ଚିନ୍ତାକୁ ଦୂର କରିବା ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଏହାକୁ ସେବନ କରିବା ଦ୍ୱାରା ଆଡ୍ରେର୍ନାଲ ଗ୍ଲାଣ୍ଡରୁ ଷ୍ଟ୍ରେସ୍ ହରମୋନ୍ ବାହାରି ଯାଇଥାଏ ।

## ଘରର ମୂଲ୍ୟ ୩୫.୮ ଅରବ

ଆଜିର ସମୟ ଲୋକ ଘର ତିଆରି କିରବାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଆଦୌ ମନ ଉଣା କରୁନାହାନ୍ତି । କରଜ କରି କିମ୍ବା ନିଜ ସଞ୍ଚୟରୁ ବଞ୍ଚାଇ ଲୋକ ବହୁ ମୂଲ୍ୟ ବିଳାସମୟ ଘର ତିଆରି ଯୋଜନା କରୁଛନ୍ତି । ଏପରିସ୍ଥଳେ ଆମେରିକାର ଲସ୍‌ଆଞ୍ଜେଲସ୍‌ସ୍ଥିତ ବେଲ୍ ଏୟାର ପାହାଡ ଉପରେ ନିର୍ମିତ ଏକ ବିଳାସମୟ ଅଟ୍ଟାଳିକା ୩୫.୮ ଅରବ ମୂଲ୍ୟରେ ବିକ୍ରି ହୋଇଛି । ୧ଲକ୍ଷ ବର୍ଗ ଫୁଟ୍ ପରିସୀମାରେ ବହୁ ମୂଲ୍ୟ ଘରଟିକୁ ତିଆରି କରାଯାଇଥିବାର ପ୍ରକାଶ । ଆମେରିକାର ସବୁଠୁ ନାମୀ ଦାମୀ ଘର ଡିଜାଇନ୍ କରୁଥିବା ନିଲ୍ ନିୟାମି ଏଇ ଘରର ଡିଜାଇନ୍ କରିଛନ୍ତି । ଏହି ବିଳାସମୟ ଅଟ୍ଟାଳିକାର ବିଶେଷତ୍ୱ ହେଲା, ପୂରା ଲସ୍‌ଆଞ୍ଜେଲସ୍‌ର ଦୃଶ୍ୟ ଇଏ ଘରୁ ଦେଖାଯାଇଥାଏ । ଏହା ସହ ପ୍ରଶାନ୍ତ ମହାସାଗରର ସୁନ୍ଦର ଦୃଶ୍ୟ ମଧ ଘରୁ ଦୃଶ୍ୟମାନ ହୁଏ । ଘରର ଏକ ସ୍ୱତନ୍ତ୍ର କକ୍ଷରେ କାଚର କାନ୍ଥ ସଂଲଗ୍ନ ଆକ୍ୱାରିୟମ୍ କରାଯାଇ ରଙ୍ଗବେରଙ୍ଗର ମାଛମାନ ରଖାଯାଇଛି ।

## ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ କାଜୁ !

ଡ୍ରାଏ ଫ୍ରୁଟସ୍ ତଥା କାଜୁ ଖାଇବା ସମସ୍ତଙ୍କୁ ପସନ୍ଦ। ଏହାର ସ୍ୱାଦ ସମସ୍ତଙ୍କୁ ଭଲ ଲାଗେ। କାଜୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ବୋଲି ମଧ କୁହାଯାଏ। କିନ୍ତୁ ଆବଶ୍ୟକତା ଠାରୁ ଅଧିକ କାଜୁ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପ୍ରମାଣିତ ହୋଇପାରେ। ଯଦି ଆପଣଙ୍କର କାଜୁ ଖାଇବା ସଉକ ଥାଏ ତେବେ ସାବଧାନ ହୋଇଯା'ନ୍ତୁ। ଅଧିକ କାଜୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ କିଡନୀ ଏବଂ ହୃଦୟ ଉପରେ ଖରାପ ପ୍ରଭାବ ପକାଇଥାଏ। ତେବେ କାଜୁ ଖାଇବା ଦ୍ୱାରା ଆଉ କ'ଣ କ'ଣ ସବୁ କ୍ଷତି ହୁଏ ଆସନ୍ତୁ ଜାଣିବା। ଯଦି ଆପଣଙ୍କର ସାଧାରଣତ ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ଥାଏ ତେବେ କାଜୁ ବାଦାମଠାରୁ ଦୂରେଇ ରୁହନ୍ତୁ । କାଜୁରେ ଆମିନୋ ଏସିଡ୍ ଟାଇରାମାଇନ୍ ଏବଂ ଫେନିଲେଥାଇଲାମାଇନ୍ ଥାଏ, ଯାହା ଆପଣଙ୍କ ମୁଣ୍ଡବିନ୍ଧାକୁ ଅନେକ ଥର ବଢ଼ାଇପାରେ।

## ବିରାଡ଼ି ଦେଶ

ପଶ୍ଚିମ ସାଇବେରିଆ ଅନ୍ତର୍ଗତ ଏକ ଛୋଟିଆ ଗାଁର ନାମ-ପ୍ରିଗୋର୍ଦନି। ସେଠାରେ ଅଛି ଆଲା ଲେବଦେଭା ଫାର୍ମ। ଫାର୍ମ ମାଲିକାଣୀଙ୍କ ନାମ ଆଲା। ଆଲାଙ୍କ ଫାର୍ମରେ ଏତେ ସଂଖ୍ୟକ ବିଲେଇ ଅଛନ୍ତି ଯେ, ସ୍ଥାନୀୟ ଲୋକେ କହନ୍ତି 'କୋସଲାଣ୍ଡିଆ' ଏହାର ଅର୍ଥ ବିରାଡ଼ି ଦେଶ। ଫାର୍ମରେ ଏକଦା ବିରାଡ଼ି ନଥିଲେ। ୨୦୦୩ ରେ ଆଲା ଓ ତାଙ୍କ ସ୍ୱାମୀ ସର୍ଗେଇ ପ୍ରଥମଥର ପାଇଁ ବିରାଡ଼ିଟିଏ ଆଣି ପାରିଲେ। ଶ୍ରଦ୍ଧାରେ ନାଁ ଦେଲେ ବାବୁସ୍କା। ଏକବର୍ଷ ପରେ ବାବୁସ୍କା ପାଞ୍ଚଟି ଛୁଆ ଦେଲା। କ୍ରମଶଃ ବିରାଡ଼ି ସଂଖ୍ୟା ବଢ଼ି ଚାଲିଲା। ଏବେ ଯେଉଁ ଆଡ଼େ ଦେଖିବ, ଅଶଖିରେ ପଡ଼ିବେ ବିରାଡ଼ି। ଏତେ ସଂଖ୍ୟକ ବିରାଡ଼ିଙ୍କୁ ନେଇ ଆଲାଙ୍କର କୌଣସି ସମସ୍ୟା ନାହିଁ। କାରଣ, ବିରାଡ଼ିଗୁଡ଼ିକ ଖାଦ୍ୟ ପାଇଁ ତାଙ୍କ ଉପରେ ନିର୍ଭର କରୁନାହାନ୍ତି।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
୧୨ ନଭେମ୍ବର ୨୦୨୧, ଶୁକ୍ରବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## କରୋନା ପରର ପ୍ରଦୂଷଣ...

କରୋନା ମହାମାରୀ ଏବଂ ସରକାରଙ୍କ କଠୋର କଟକଣା ଲାଗୁ ଭିତରେ ଦୀପାବଳି ଉତ୍ସବ ଶେଷ ହୋଇଛି । କିନ୍ତୁ ଦୀପାବଳି ଶେଷ ହେବାର ମାତ୍ର ଦୁଇଦିନ ନପୂରୁଣୁ ରାଜଧାନୀ ଦିଲ୍ଲୀ ଏବଂ ତା'ର ଆଖପାଖର ବାୟୁର ପ୍ରଦୂଷଣ ମାତ୍ରା ବିଷାକ୍ତ ସ୍ତର ଧରିଛି । ଏହା ସରକାରଙ୍କ ଠାରୁ ସମଗ୍ର ଉତ୍ତର ଭାରତ ପାଇଁ ଚିନ୍ତାର କାରଣ ପାଲଟିଛି । ପ୍ରତିବର୍ଷ ଶୀତଦିନ ପ୍ରାରମ୍ଭରେ ଦିଲ୍ଲୀ ସମେତ ସମଗ୍ର ଉତ୍ତର ଭାରତରେ ଏହି ସମସ୍ୟା ଦେଖାଦେଇଥାଏ ଏବଂ ଏଥିପାଇଁ ଜନସାଧାରଣ ଅନେକ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଯାନବାହନ ଚଳାଚଳ ବୃଦ୍ଧି ସାଙ୍ଗକୁ ଅନ୍ୟ ଯେଉଁ ସମସ୍ୟାଟି ଉତ୍ତର ଭାରତରେ ପ୍ରଦୂଷଣ ବୃଦ୍ଧିକୁ ସହାୟକ ହୋଇଛି ତାହା ହେଉଛି କୃଷକମାନଙ୍କ ଦ୍ୱାରା କ୍ଷେତରେ ପାଳକୁଟା ପୋଡ଼ି । ଏହା ମାତ୍ର ଗତ କିଛି ବର୍ଷର ସମସ୍ୟା । କିନ୍ତୁ ତାହା ଏବେ ଉତ୍କଟ ଆକାର ଧାରଣ କରିଛି । ସୂଚନାଯୋଗ୍ୟ ଯେ ଚାଷୀମାନଙ୍କୁ ସେମାନଙ୍କ ପାଳକୁଟା ପୋଡ଼ିରୁ ନିବୃତ୍ତ ରଖିବା ସକାଶେ ସରକାର ହଜାର ହଜାର କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି । କିନ୍ତୁ ସେଥିରୁ ଆଶାନୁରୂପ ସୁଫଳ ମିଳୁନାହିଁ । ପଞ୍ଜାବ, ହରିଆନା ଏବଂ ଉତ୍ତର ପ୍ରଦେଶର କୃଷକମାନେ ଯଥାରୀତି ପର୍ଯ୍ୟାପ୍ତ ମାତ୍ରାର ପାଳକୁଟା ପୋଡ଼ି ଚାଲିଛନ୍ତି । ଏହା ସାଙ୍ଗକୁ ଯାନବାହନ ଚଳାଚଳ ବୃଦ୍ଧି, ନିର୍ମାଣ ଯୋଗୁ ହେଉଥିବା ଧୂଳି ପ୍ରଦୂଷଣ ଲୋକମାନଙ୍କ ସ୍ୱାଭାବିକ ଜୀବନଯାତ୍ରାକୁ ହନ୍ତସନ୍ତ କରିପକାଉଛି । ବିଗତ । ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ଏହା ଉତ୍କଟ ଆକାର ଧାରଣ କରିବା ବୋଲି ଏବେଠାରୁ ସୂଚନା ମିଳିସାରିଲାଣି । ସୂଚନାଯୋଗ୍ୟ ଯେ ପ୍ରତିବର୍ଷ ଶୀତଦିନେ ଦୀପାବଳି ସମେତ ଅନ୍ୟାନ୍ୟ ଉତ୍ସବରେ ବାଣଫୁଟା ଉପରେ କଟକଣା ଲାଗୁ କରାଯାଇଥାଏ । ସେହିଭଳି ରାଜଧାନୀ ଦିଲ୍ଲୀ ସମେତ ଅନ୍ୟାନ୍ୟ ରାଜ୍ୟରେ ଯାନବାହନ ଚଳାଚଳ ଉପରେ ମଧ୍ୟ କଟକଣା ଜାରି ହୋଇଥାଏ । ଏହାଦ୍ୱାରା ବାୟୁମଣ୍ଡଳକୁ ଛଡ଼ାଯାଉଥିବା ଧୂଳିଧୂଆଁର ମାତ୍ରା ହ୍ରାସ ପାଇଥାଏ । ଅନ୍ୟ ପକ୍ଷରେ ଗୃହନିର୍ମାଣ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ନିର୍ମାଣ ଆଦି କାର୍ଯ୍ୟ ମଧ୍ୟ ନିୟନ୍ତ୍ରିତ ହୋଇଥାଏ । ନିୟନ୍ତ୍ରଣ ବ୍ୟବସ୍ଥା କେବଳ ବାଆକୁ ବତା ସଦୃଶ । କାରଣକୁ ମୂଳୋତ୍ପାଟନ ନକଲେ ସଦାବେଳେ ଆମକୁ ସେହିଭଳି ନିୟନ୍ତ୍ରଣ ବ୍ୟବସ୍ଥା ହିଁ କରିବା ସାର ହେବ । ତେଣୁ ରୋଗକୁ ଉପଶମ କରିବା ପରିବର୍ତ୍ତେ ଏହାର ନିରାକରଣ ନିମନ୍ତେ ଯୋଜନା କରାଯିବା ଉଚିତ । ଦେଶର ବିକାଶ ନିମନ୍ତେ ସକଳ ପ୍ରକାର ବିକାଶମୂଳକ କାର୍ଯ୍ୟକ୍ରମ ପ୍ରବର୍ତ୍ତିତ ହେବା ସ୍ୱାଭାବିକ । ଏଥିରେ ନିର୍ମାଣଠାରୁ ଆରମ୍ଭ କରି ଯାନବାହନ ଏବଂ ଯୋଗାଯୋଗ ସବୁ ସାମିଲ । କିନ୍ତୁ ତାହା ଯଦି ପ୍ରଦୂଷଣ ବୃଦ୍ଧି କରେ ତେବେ ପ୍ରଗତି ଦୁର୍ଗତିର ରୂପ ଧାରଣ କରିବ । ଏହା ଦେଶ କିମ୍ବା ନାଗରିକ, କାହାରି ପାଇଁ ଶୁଭସୂଚକ ନୁହେଁ । ତେଣୁ ପ୍ରଗତିର ଧାରା ଏପରି ହେବା ଉଚିତ୍, ଯାହା ପରିବେଶ ଅନୁକୂଳ ହୋଇଥିବ ଏବଂ ଲୋକମାନଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁ ନଥିବ । ଏଥିପାଇଁ ସରକାରଙ୍କଠାରୁ ଜନସାଧାରଣଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିଷ୍ଠାପର ପ୍ରୟାସ ଏବଂ ସହଯୋଗ ଜରୁରି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଗ୍ଲାସଗୋ କୋପ୍-୨୬ ଜଳବାୟୁ ସମ୍ମିଳନୀରେ ଦେଶ ପାଇଁ ଏକ ନୂତନ ଲକ୍ଷ୍ୟ ହାସଲ ଘୋଷଣା କରିଛନ୍ତି । ଏହା ଯେତିକି ମହତ୍ୱାକାଂକ୍ଷୀ, ସେତିକି କଷ୍ଟସାଧ୍ୟ । କିନ୍ତୁ ଅସମ୍ଭବ ନୁହେଁ । ପାଞ୍ଚ ଟ୍ରିଲିଅନ୍ ଡଲାର ଅର୍ଥନୀତିରେ ପରିଣତ ହେବା ସହ ୨୦୭୦ ମସିହା ସୁଦ୍ଧା ଦେଶକୁ 'ନେଟ୍ ଜିରୋ' ପର୍ଯ୍ୟାୟରେ ପହଞ୍ଚାଇବା ସଂକଳ୍ପକୁ ସାକାର କରିବା ନିମନ୍ତେ ଆମକୁ ଅକ୍ଷୟ ଶକ୍ତି ଉତ୍ପାଦନ ଉପରେ ଯେତିକି ପ୍ରାଧାନ୍ୟ ଦେବାକୁ ପଡ଼ିବ, ଇଲେକ୍ଟ୍ରୋନିକ୍ ଯାନବାହନର ବହୁଳ ପ୍ରଚଳନ ଏବଂ ପରିବେଶ ଅନୁକୂଳ କାର୍ଯ୍ୟ ଯୋଜନା ଉପରେ ସେତିକି ଗୁରୁତ୍ୱ ଦେବାକୁ ହେବ । ତେଣୁ ଧୂଳିଧୂଆଁ ପ୍ରଦୂଷଣରୁ ବର୍ତ୍ତିବା ଏବଂ ଭବିଷ୍ୟତର ବିଶ୍ୱକୁ ସୁରକ୍ଷିତ ରଖିବା ନିମନ୍ତେ ଏବେ ଆମକୁ ଅଧିକ ସତର୍କତାର ସହ ଜୀବନ ବଞ୍ଚିବାକୁ ହେବ । ସ୍ମରଣ ରଖିବାକୁ ହେବ ପରିବେଶ ଦ୍ୱାରା ଜୀବଜଗତ ପୃଷ୍ଟ ଏବଂ ମଣିଷ ସେଥିରୁ ମୁକ୍ତ ନୁହେଁ । ପରିବେଶ ସୁରକ୍ଷିତ ରହିଲେ ମାନବ ସମାଜ ହିଁ ତିଷ୍ଠି ରହି ପାରିବ । ତାହା ଉତ୍ତର ଭାରତ ହୋଇଥାଉ ଅବା ସମଗ୍ର ବିଶ୍ୱ । ତେଣୁ ବ୍ୟକ୍ତିଗତ ଆନନ୍ଦ ଅବା ସାର୍ଥକୁ ଜଳାଞ୍ଜଳି ଦେଇ ଆମକୁ ସମୂହ ସ୍ୱାର୍ଥ କଥା ଚିନ୍ତା କରିବାକୁ ପଡ଼ିବ । ତାହା ହିଁ ବିଶ୍ୱକୁ ସୁରକ୍ଷିତ ରଖିବାର ଏକମାତ୍ର ପନ୍ଥା ।

## ଓଡ଼ିଆ ନାଟ୍ୟ ସାହିତ୍ୟର ସଫଳ ସ୍ରଷ୍ଟା ଭଂଜକିଶୋର ପଟ୍ଟନାୟକ



ମୀରା ବେଉରା

ବିଂଶ ଶତାବ୍ଦୀର ଚତୁର୍ଥ-ପଞ୍ଚମ ଦଶକରେ ଯେଉଁ କେତେଜଣ ନାଟ୍ୟକାର ଓଡ଼ିଆ ଭାଷା ସାହିତ୍ୟର ସାଂସ୍କୃତିକ ତଥା କଳାଜଗତକୁ ସୌରଭିତ କରି ନିଜର ଲେଖନୀକୁ ସମାଜ ପରିବର୍ତ୍ତନର ଅସ୍ତ୍ରରୂପେ ପରିଚାଳିତ କରିଥିଲେ । ସେମାନଙ୍କ ମଧ୍ୟରେ ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକ ଥିଲେ ଅନ୍ୟତମ । ସେ ଜନ୍ମଗ୍ରହଣ କରିଥିଲେ କଟକ ଜିଲ୍ଲାର ସାଲେପୁର ଥାନା ଅନ୍ତର୍ଗତ ଛାଣିପୁର ଗ୍ରାମରେ ୧୯୨୨ ମସିହା ନଭେମ୍ବର ୧୩ ତାରିଖରେ । ମାତ୍ର ୧୨ ବର୍ଷ ବୟସରେ ସେ କବିତା ଓ ଛୋଟନାଟକ ଲେଖା ଆରମ୍ଭ କରିଥିଲେ । ସେହି ପିଲାଦିନରୁ ଦୀର୍ଘ ୬ ଦଶନ୍ଧି ଧରି ସେ ଅନେକ କାବ୍ୟକବିତା, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ ଏକାଂକିକା ବେତାର ଓ ଦୂରଦର୍ଶନ ନାଟିକା ଗୀତିନାଟ୍ୟ ପ୍ରାୟ ୪୦ ଖଣ୍ଡ ପୂର୍ଣ୍ଣାଙ୍ଗ ନାଟକ ରଚନା କରିଛନ୍ତି । "ମରୁ ପଥିକ ତାଙ୍କର ଏକ ଉଚ୍ଚକୋଟିର ଉପନ୍ୟାସ । ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ତାଙ୍କର ଅବଦାନ ମଧ୍ୟ ଥିଲା ଅତୁଳନୀୟ । ସେ ମାଣିକଯୋଡ଼ି, ଜୀବନସାଥୀ, ନବଜନ୍ମ ଓ ରାଜାହରିଶ୍ଚନ୍ଦ୍ର, ଚଳଚ୍ଚିତ୍ର ଆଦି ରଚନା କରି ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଦେଇଯାଇଛନ୍ତି ଅପୂର୍ବ ସଫଳତା । ତାଙ୍କ ରଚିତ ନବଜନ୍ମ ଚଳଚ୍ଚିତ୍ର ରାଷ୍ଟ୍ରୀୟ ପୁରସ୍କାର ଲାଭ କରିଛି । ତାଙ୍କର 'କୋଣାର୍କ' ଛୋଟ ନାଟକ ପାଇଁ ସେ ଜାତୀୟ ପୁରସ୍କାର ଲାଭ କରିଥିଲେ । କେବଳ ସେତିକି ନୁହେଁ, ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି ଏବଂ ତାମ୍ରପତ୍ର ମଧ୍ୟ ଲାଭ କରିଥିଲେ । ତାଙ୍କର ଅମ୍ଳାନ ପ୍ରତିଭାର ସ୍ୱୀକୃତି ସ୍ୱରୂପ 'ଉତ୍କଳ ନାଟ୍ୟସଂଘ' ତାଙ୍କୁ ନାଟ୍ୟଭାରତୀ ଓ ଉତ୍କଳ ପାଠକ ସଂସଦ ତାଙ୍କୁ ନାଟ୍ୟରତ୍ନ ଉପାଧିରେ ବିଭୂଷିତ କରିଛନ୍ତି । ପରଣତି ବୟସରେ ମଧ୍ୟ ତାଙ୍କ ଲେଖନୀ ଚିର ଜାଗ୍ରତ ଏବଂ ଚଳଚଞ୍ଚଳ ଥିଲା । ତାଙ୍କର ମହର୍ଘ ଅବଦାନ ଆଜିବି ଚିରସ୍ମରଣୀୟ ହୋଇରହିଛି ।

ଯେଉଁ ସାହିତ୍ୟ ଏ ଦେଶକୁ ଆଉ ଜାତିକୁ ରକ୍ଷା କରିବ ଏବଂ ଯେଉଁ ସାହିତ୍ୟ ଆମର ଗଭୀର ହତାଶାରେ ଜର୍ଜରିତ, ଉଚ୍ଛୃଙ୍ଖଳ, ତରୁଣ ସମାଜକୁ ବଞ୍ଚିବାର ରାହା ଯୋଗାଇବ ଏବଂ ହିଂସ୍ର, ଅଶ୍ଳୀଳ, ଅନ୍ଧକାର ସମାଜକୁ ଆଲୋକ କରିବା ସାଜି ପଥପ୍ରଦର୍ଶନ କରିବ । ତାହାହିଁ ଅସଲ ସାହିତ୍ୟ ଯେଉଁ ସାହିତ୍ୟ ଜନସଚେତନତା ଜାଗ୍ରତ କରି ଏ ପତିତ ମାନବ ସମାଜକୁ ଉଚ୍ଚକୁ ଉଠାଇବ ତାହାହିଁ ଅସଲ ସାହିତ୍ୟ । ୧୯୨୨ ମସିହାରେ ଆଜିର ଦିନରେ ମା' ସତ୍ୟଭାମା ଦେବୀ ଓ ପିତା ଦୁର୍ଗାଚରଣ ପଟ୍ଟନାୟକଙ୍କର କୋଳମଣ୍ଡନ କରିଥିଲେ ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକ । ଯଦିଓ ଜନ୍ମ ହୋଇଥିଲେ ଛାଣିପୁର ଗ୍ରାମ କଟକ ଜିଲ୍ଲାରେ କିନ୍ତୁ ତାଙ୍କର ଶୈଶବ ଓ ଆଦ୍ୟ ଯୌବନ ଅତିବାହିତ ହୋଇଥିଲା ତତ୍କାଳୀନ ମୟୂରଭଞ୍ଜ ଜିଲ୍ଲାର ରାଜଧାନୀ ବାରିପଦାରେ । ପିତା ତାଙ୍କୁ ଟେକି ଦେଇଥିଲେ ତାଙ୍କର ଜଣେ ବଡ଼ଭାଇ ସାଧୁଚରଣ ପଟ୍ଟନାୟକଙ୍କୁ । ଏହାପରେ ବିଦ୍ୟା ଆରମ୍ଭ ହୋଇଥିଲା ବାରିପଦା ମିଶନ ସ୍କୁଲରେ । ଛୋଟବେଳେ ସ୍କୁଲରେ ପଢ଼ିଲା ବେଳେ ସେ ଘରଘର ବୁଲି ଭିକ୍ଷାଗ୍ରହଣ କରି ସମାଜ ଅଫିସ୍‌ର ବନ୍ୟାପାଣ୍ଠିକୁ ପଠାଉଥିଲେ । ଶିକ୍ଷକ ରାମକୃଷ୍ଣ ନନ୍ଦ ଥିଲେ ତାଙ୍କର ପ୍ରିୟ ଶିକ୍ଷକ । ତାଙ୍କରି ପ୍ରେରଣାରେ ଏବଂ ଆଦର୍ଶରେ ସେ ପିଲାଟି ଦିନରୁ ଖୁବ୍ ପ୍ରଭାବିତ ହୋଇଥିଲେ । ମୟୂରଭଞ୍ଜର ପ୍ରାକୃତିକ ନୈସର୍ଗିକ ଶୋଭା ତାଙ୍କୁ ଖୁବ୍ ପ୍ରଭାବିତ କରି ବିମୋହିତ କରିଥିଲା ।

ଯାହାଫଳରେ ସେ ଲେଖି ଚାଲିଥିଲେ କବିତା । ଏହାପରେ ମାଟ୍ରିକ ପାସ୍ କଲାପରେ ସେ କଟକ ଆସିଥିଲେ । କଟକରେ ଚାକିରି କରିବା ପୂର୍ବରୁ ସେ ୩/୪ ଖଣ୍ଡ ନାଟକ ଲେଖିଥିଲେ । ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକ ଝଡ଼ରାତି, ପ୍ରେମ ପୁଷ୍ପ, ପରିଣତି ଓ ଦାବୀ ଆଦି ଲେଖିଥିଲେ । ଏହାପରେ ୧୯୪୨ ମସିହାରେ କଟକ କଲେକ୍ଟରେଟ୍‌ରେ କିରାଣୀଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ନଭେମ୍ବର ୧୩ ତାରିଖରେ ନିଯୁକ୍ତି ପାଇ କଟକରେ ଚାକିରି କରି ମଝିରେ ମଝିରେ ଗାଁକୁ ଯାଇ ନାଟକ ରଚନା କରି ଅଭିନୟ କରୁଥିଲେ । ନିଜ ଗାଁରେ ଗଢ଼ିଥିଲେ ଭୀଷ୍ମ ଡ୍ରାମାଟିକ୍ କ୍ଲବ । ପ୍ରତିବର୍ଷ ଛାଣିପୁର ହାଇସ୍କୁଲ ମେଲଣ ପଡ଼ିଆରେ ତାଙ୍କର ନାଟକ ଅଭିନିତ ହେଉଥିଲା । ସେହି ନାଟକକୁ ପାଖ ଅଞ୍ଚଳର ଲୋକମାନେ ଯଥା ସାଲେପୁର ମାହାଙ୍ଗା, ପଦ୍ମପୁର ଅଞ୍ଚଳର ଲୋକମାନେ ଦେଖି ଉପଭୋଗ କରୁଥିଲେ । ସେ ନିଜେ ନାଟକ ଲେଖୁଥିଲେ ଏବଂ ଅଭିନୟ ମଧ୍ୟ କରୁଥିଲେ । ଏକାଧାରାରେ ସେ ଥିଲେ ନାଟ୍ୟକାର, ଅଭିନେତା, ଲେଖକ, ଗାଳ୍ପିକ ଇତ୍ୟାଦି । ତାଙ୍କର ଶେଷ ଅଭିନୀତ ନାଟକ ଥିଲା ସାଆନ୍ତ ଘର ।

ଯେତେବେଳେ ଓଡ଼ିଆ ନାଟକ ହରଣଚାଳ ଅଭିନୀତ ପରିବର୍ତ୍ତେ ବଙ୍ଗଳା ନାଟକର ଓଡ଼ିଆ ଅନୁବାଦ ମଞ୍ଚସ୍ଥ ହେବାର ଶୁଣିଲେ । ତାଙ୍କର ମନ ପୁରାପୁରି ଭାଙ୍ଗିଯାଇଥିଲା ନିଜ ଲିଖିତ ନାଟକଗୁଡ଼ିକୁ ନିଜର ମାନସ ସନ୍ତାନପରି ସେ ଖୁବ୍ ଭଲ ପାଉଥିଲେ । ଏହାପରେ କଟକରେ ଅନ୍ନପୂର୍ଣ୍ଣା ଥିଏଟର ମଞ୍ଚରେ ଗୋଟିଏ ପରେ ଗୋଟିଏ ନାଟକ ଅଭିନୀତ ହେବାକୁ ଲାଗିଲା । ବେନାମୀ, ଜହର, ଶିକାରୀ, ତୋଫାନ, ଆଲୋକ, ମାଣିକ ଯୋଡ଼ି, ସଧବା, ଅଗ୍ନିପରୀକ୍ଷା, ସାଆନ୍ତଘର, ବୈରାଗୀର ସଂସାର, ରାଜନର୍ତ୍ତକୀ, ପହିଲି ରଜ, ଜୀବନଯୁଆ ପ୍ରଭୃତି ଅନେକ ନାଟକ ଗୋଟିଏ ପରେ ଗୋଟିଏ ସଫଳତାର ସହ ଅଭିନୀତ ହେବାକୁ ଲାଗିଲା । ଜଣେ ସଫଳ ନାଟ୍ୟକାର ଭାବେ ଓଡ଼ିଶାର ପୁରପଲ୍ଲୀରେ ଭଞ୍ଜକିଶୋର ପଟ୍ଟନାୟକ ପରିଚିତ ହେବାକୁ ଲାଗିଲେ । କ୍ରମେ ଏହା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଲାଗିଲା ।

ତତ୍କାଳୀନ ବିଦେଶୀ ଶାସକଙ୍କ ଦ୍ୱାରା ଗରିବ ଚାଷୀ ମୁଲିଆମାନଙ୍କ ଉପରେ ଯେଉଁ ଅକଥନୀୟ ଅତ୍ୟାଚାର ହୋଇଥିଲା । ତାହା ସୁନ୍ଦର ଭାବରେ ତାଙ୍କ ନାଟକରେ ଅଭିନୀତ ହୋଇଥିଲା । ଗୋଟିଏ ପଟେ ପୁଞ୍ଜିବାଦର ଶୋଷଣ ଆଉ ଗୋଟିଏ ପଟେ ଗରିବ ଅତ୍ୟାଚାରିତ ଶ୍ରମିକ ଏବଂ ଚାଷୀମାନଙ୍କ ଉପରେ ଯେଉଁ ଅତ୍ୟାଚାର ଏବଂ ସରଳ ପ୍ରଜାମାନଙ୍କ ଉପରେ ସ୍ୱେଚ୍ଛାଚାରୀ ରାଜାର ହିଂସ୍ର ରକ୍ତପିପାଶୁ ତରବାରୀ । ଦିଲ୍ଲୀର ଲାଲ୍‌କିଲ୍ଲା ଉପରେ ଜାତୀୟ ପତାକା ଉଡ଼ାଇବାକୁ ଯାଇ ଏଇ ଦେଶର ପୁଅଝିଅଙ୍କ ରକ୍ତରେ ଦିଲ୍ଲୀର ମାଟି ଲାଲ୍ ହୋଇଉଠେ । ସେଦିନ ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରି ସ୍ୱାଧୀନତା ସଂଗ୍ରାମୀ ହେବାର ଗୌରବ ଅର୍ଜନ କରିଥିଲେ ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକ । ବ୍ରିଟିଶ୍ ସରକାରଙ୍କ ଅଧୀନରେ ଚାକିରି କରି ମଧ୍ୟ ତାଙ୍କ ବିରୁଦ୍ଧରେ ସଚେତନ ଧର୍ମୀ ଲେଖା ଲେଖୁଥିଲେ । ଏହାର ବଳିଷ୍ଠ ଉଦାହରଣ ହେଉଛି ଜହର ନାଟକ । ଇତିହାସ ପ୍ରସିଦ୍ଧି ଲେଖକଗଣ ରଷୋ, ଭଲଟେୟାର ପ୍ରଭୃତି ଫ୍ରାନ୍ସ ବିପ୍ଳବକୁ ତାଙ୍କ ଲେଖାବଳରେ ଯେଉଁଭଳି ପ୍ରଜ୍ୱଳିତ କରିଥିଲେ ତାଙ୍କର ନାଟକ 'ଜହର' ନାଟକ ତତ୍କାଳୀନ ସ୍ୱାଧୀନତା ଆନ୍ଦୋଳନର ସେହିଭଳି ଏକ ମହାନ୍ ଭୂମିକା ଗ୍ରହଣ କରିଥିଲା । ନାଟକ ଲେଖା ଯଦିଓ ନିଶା ଥିଲା ତଥାପି ପାଠପଢ଼ିବାକୁ ତାଙ୍କର ଆଗକୁ ପ୍ରବଳ ଇଚ୍ଛା ଥିଲା । ତେଣୁ ସେ କଟକର ଖ୍ରୀଷ୍ଟ କଲେଜରେ +୨ ଏବଂ +୩ରେ ନାମ ଲେଖାଇ ଚାକିରି କରିବା ସହ ପାଠପଢ଼ି, ଘର ଚଳାଉଥିଲେ ଏବଂ ନାଟକ ରଚନା କରି ମଧ୍ୟ ସେଗୁଡ଼ିକୁ ଅଭିନୀତ କରୁଥିଲେ । ସେସବୁ କଳାରେ ଥିଲେ ସିଦ୍ଧହସ୍ତ । ଥରେ କଟକ ଶେଖ୍ ବଜାର ଦେଇ ତାଙ୍କ ଘର ସୂତାହାଟକୁ ଆସୁଥିଲା ବେଳେ ଜଣେ ଲୋକ ନିଜ ଜୀବନ କାହାଣୀକୁ ତାଙ୍କ ନାଟକରେ ପ୍ରଦର୍ଶିତ ହେବାର ଦେଖି ଭୋଭୋ କାନ୍ଦିବାକୁ ଲାଗିଲେ । ନାଟକର ନାଁ ଥିଲା "ବେନାମୀ" । ତାଙ୍କ ଲେଖା କେବଳ ଦର୍ଶକର ହୃଦୟକୁ ଛୁଉଁନଥିଲା, ଆଖିରୁ ଲୁହ ଝରାଉ ଥିଲା, ଉତ୍କଣ୍ଠା ଆଣୁଥିଲା । ଦର୍ଶକକୁ ଅଭିଭୂତ କରି ବିବୋହିତ କରୁଥିଲା । ଏହାହିଁ ଥିଲା ତାଙ୍କ ନାଟକର ସାର୍ଥକତା ଓ ଉପଯୁକ୍ତ ସଫଳତା । ଏହାପରେ ବିଏ୍ ପାସ୍ ପରେ ଡି.ପି.ଆଇ. ଅଫିସ୍‌ରେ Writer cum transister ଭାବରେ ଯୋଗଦେଇଥିଲେ । ଏହାପରେ ଅନେକ ବେତାର ନାଟକ ଲେଖି ବହୁ ପାଠକୀୟ ସ୍ୱୀକୃତି ଲାଭ କରିଥିଲେ ଭଞ୍ଜକିଶୋର ପଟ୍ଟନାୟକ । ସେଗୁଡ଼ିକ ହେଲା ସାବିତ୍ରୀ, ଶ୍ରୀଗୁଣ୍ଡିଚା, ଦଶଭୂଜା, ଜନ୍ମାନ୍ତର, ଜୟଶ୍ରୀ, ଧନୀ ସୌଦାଗର, ଘରଣୀ, ମାଇଲଖୁଣ୍ଟ, ବରକନ୍ୟା, ଅଗ୍ନୀପତଙ୍ଗ, ସର୍ବହରା ଇତ୍ୟାଦି । ଏହାପରେ ସେ ଆକାଶବାଣୀ ସାହିତ୍ୟ ସମାରୋହରେ ଯୋଗଦେବା ପାଇଁ ଦିଲ୍ଲୀର ବିଜ୍ଞାନ ଭବନ ଯାଇଥିଲେ । ମାଣିକଯୋଡ଼ି ଏବଂ ନବଜନ୍ମ ଏହି ଦୁଇଟି ଚଳଚ୍ଚିତ୍ର ତାଙ୍କର ରାଷ୍ଟ୍ରପତି ପୁରସ୍କାର ଲାଭ କରିଥିଲେ ।

ଭଞ୍ଜକିଶୋର ପଟ୍ଟନାୟକ ପ୍ରକୃତରେ ଓଡ଼ିଆ ନାଟ୍ୟ ସାହିତ୍ୟ ଇତିହାସରେ କେବଳ ଏକ ନାମ ନୁହେଁ, ଏକ ଅନୁଷ୍ଠାନ । ତାଙ୍କର ଅଧିକାଂଶ ନାଟକର ପୃଷ୍ଠଭୂମି ଥିଲା । ସୁଶ୍ୟାମଳା ପଲ୍ଲୀ, କେନ୍ଦ୍ରବିନ୍ଦୁ ଥିଲା ପାରିବାରିକ ଜୀବନର ଦ୍ୱନ୍ଦ୍ୱ ଏବଂ ପରିସମାପ୍ତି ହେଲା ଏକ ନିର୍ମଳ ଆଦର୍ଶବାଦ, ସାମାଜିକ ଅନ୍ୟାୟ ଓ ଅନୈତିକତା ପ୍ରତି ତାଙ୍କର ତୀକ୍ଷଣ କଟାକ୍ଷ ଈର୍ଷା କିମ୍ବା ହିଂସାଭାବରେ ଜର୍ଜରିତ ନୁହେଁ । ଏକ ଗଭୀର ମାନବିକତାର ଅମ୍ଳ ମଧୁର । ଏହି ନିବିଡ଼ ମାନବିକତା ଗଭୀର ବେଦନାବୋଧ ଏପରି ଭାବରେ ପରିବ୍ୟାପ୍ତ ହୋଇରହିଛି । ଯାହାକୁ ଦର୍ଶନ କରି ଦର୍ଶକର ହୃଦୟ ଏକ ମହାନୁଭବତାର ସ୍ପର୍ଶରେ ଆର୍ଦ୍ର ହୋଇଉଠେ । ତାଙ୍କର ନିରାଡମ୍ବର ସରଳ ଓ ତୀକ୍ଷ୍ଣ ସଂଳାପର ଏକ ସ୍ୱତବ ଯାଦୁକରୀ ମାୟା ଅଛି ଯାହାର ଅବଦାନ ସାଧାରଣ ଜନତା ପାଇଁ ଅପରିହାର୍ଯ୍ୟ । ଏଥିପାଇଁ ତାଙ୍କର ଅତିଥି, ମାଣିକଯୋଡ଼ି, ବେନାମୀ, ଗରିବ ପ୍ରଭୃତି ନାଟକ ଦର୍ଶକମାନଙ୍କ ପାଖରେ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲା । ଅପ୍ରିୟ ସତ୍ୟକୁ ସେ ଉଚ୍ଚକୋଟିର ଦୂରଦୃଷ୍ଟିର ସହ ଫୁଟାଇ ପାରିଛନ୍ତି ତାଙ୍କର ପ୍ରତ୍ୟେକଟି ନାଟକରେ । ନାଟକ 'ଅଶୋକସ୍ତମ୍ଭ' ଆମ ନାଟ୍ୟ ସାହିତ୍ୟର ଅନ୍ଧକାର ରାଜପଥରେ ଏକ ଉଜ୍ଜ୍ୱଳ ଆଲୋକସ୍ତମ୍ଭ । ଅନେକ ସାମାଜିକ ସାହିତ୍ୟିକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ । ଚେତନାଚକ୍ରର ସେ ସଭାପତି ଆସନରେ ଅଧିଷ୍ଠିତ ଥିଲେ । ଶ୍ରୀଅରବିନ୍ଦଙ୍କ ଭାଷାରେ ଅର୍ଥ ଓ ସନ୍ତାନପ୍ରାପ୍ତି ପାଇଁ ସେ କେବେବି ସାହିତ୍ୟ ରଚନା କରିନଥିଲେ । ସାହିତ୍ୟ ଏ ଜାତିର ମେରୁଦଣ୍ଡ ତାହା କେବେ ଅନ୍ଧକାର ଅଶ୍ଳୀଳତା ଉପରେ ପର୍ଯ୍ୟବେଶିତ ନୁହେଁ । ସାହିତ୍ୟ ସମାଜର ପଥପ୍ରଦର୍ଶକ । ଜୀବନର ସାୟାହ୍ନରେ ମଧ୍ୟ ସେ ଚଳଚଞ୍ଚଳ ଥିଲେ । ୧୯୯୯ ମସିହା ନଭେମ୍ବର ୨୬ ତାରିଖରେ ସେ ଦେହତ୍ୟାଗ କରିଥିଲେ ସତମାତ୍ର ତାଙ୍କର ସାହିତ୍ୟାକୃତି ତାଙ୍କୁ ଚିର ଅମର କରି ରଖିଛି । ତାଙ୍କର ସେହି ସାହିତ୍ୟାକୃତି ପାଇଁ ସେ ଅନେକ ସମ୍ମାନର ଅଧିକାରୀ ହୋଇଥିଲେ । ଯେମିତିକି ଓଡ଼ିଆ ସାହିତ୍ୟ ଏକାଡେମୀ, ଓଡ଼ିଆ ସଙ୍ଗୀତ ନାଟକ ପୁରସ୍କାର, ପ୍ରଜାତନ୍ତ୍ର ପ୍ରଚାର ସମିତି, ଉତ୍କଳ ସାହିତ୍ୟ ସମାଜରୁ ନାଟ୍ୟକାର ପୁରସ୍କାର, ବିଷୁବ ମିଳନ ପୁରସ୍କାର, ଆଦି ନାଟ୍ୟକାର ସମ୍ମାନ, ନାଟ୍ୟରତ୍ନ ଉପାଧି ଜନିତ ପୁରସ୍କାର ଆଦି ସହ ଅନେକ ଜାତୀୟ ପୁରସ୍କାର ମଧ୍ୟ ଲାଭ କରି ଓଡ଼ିଆ ନାଟ୍ୟ ଜଗତ ପାଇଁ ଗୋଟିଏ କିମ୍ବଦନ୍ତୀ ପୁରୁଷ ପାଲଟି ଯାଇଛନ୍ତି । ସେହି ସଫଳ ନାଟ୍ୟକାର ଭଞ୍ଜକିଶୋର ପଟ୍ଟନାୟକ ଆଉ ନାହାଁନ୍ତି ସତ୍ୟ କିନ୍ତୁ ତାଙ୍କର ସମାଜ ସଂସ୍କାରମୂଳକ ନାଟକ ଆଜିବି ଦର୍ଶକଙ୍କୁ ବିମୋହିତ କରୁଛି ।

+ ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି, ତୁଳସୀପୁର, କଟକ

## ଅଚ୍ଛେଦିନ ଅପେକ୍ଷାରେ



ପ୍ରଫୁଲ୍ଲ ବାରିକ

ସମୟ ବଡ଼ ବଳବାନ । ରାସ୍ତାରେ ବୁଲୁଥିବା ମଣିଷ ମଥାରେ ସମୟ କେତେବେଳେ ପିନ୍ଧେଇ ଦିଏ ଐଶ୍ୱର୍ଯ୍ୟର ମୁକୁଟ, ତ ଉତ୍ତାରି ଦିଏ କେତେବେଳେ ବୀରାଧିରଙ୍କୁ ପଲକେ ସିଂହାସନରୁ । ଉଦାହରଣ ଅନେକ ଆଖିକୁ ।

ପରିବର୍ତ୍ତନର ସନ୍ଧିକ୍ଷଣରେ ଯେବେ ଦିଗବଳୟରୁ ଚହଟି ଉଠିଲା ନୂତନ ସୂର୍ଯ୍ୟ, ଚଉଦିଗ ପ୍ରକମ୍ପିତ ହେଲା ଶୁଭ ସାହାନାଇରେ । ଶୀତରେବି ବସନ୍ତର ମଳୟ ସ୍ପର୍ଶ ଅନୁଭବିଲା ଜନତା । ଆଖିରେ ଆଶାର ସୁରମା ମାଖି ଦେଖିବାକୁ ଆରମ୍ଭ କଲା ଦିନରେବି ସ୍ୱପ୍ନ ଅଚ୍ଛେଦିନର । ଅଚ୍ଛେଦିନ ଆସିବ । କଷଣ ଦୂରହେଇ ଭରିଯିବ ପ୍ରଚୁର୍ଯ୍ୟ ମାଟିରୁ ଆକାଶ । ମଣିଷ ନାନାବାୟା ଗାଇ ଖାଲି ଅନୁଭବିବ ଆମୋଦ । ଫିଁ'ଦିନ ରାତି ପାହିଲେ ଭେଟିଲା ଏକ ନୂଆ ସକାଳକୁ । ସ୍ଲୋଗାନମାନ ସ୍ୱପ୍ନ ହେଇ ଚିତ୍ରିତ ହେଲେ ଅହରହ ମନରେ । ଭେଳା ହେଇ ଭାସିଲେ ମନ ଆକାଶରେ ଆଶାର ବାଦଲମାନେ । ଉତଫୁଲ୍ଲିତ ଉନ୍ମାଦନାରେ ଫୁଲିଲା ଛାତିମାନ ଇଞ୍ଚ ପରେ ଇଞ୍ଚ ।

ଆସ୍ତେ ଆସ୍ତେ ସମୟ ଗଡି ଚାଲିଲା । ସକାଳର କଅଁଳ ସୂର୍ଯ୍ୟ ମଧ୍ୟାହ୍ନ ଆକାଶରେ ଜଳିଲେ ଡ଼ହ ଡ଼ହ ହେଇ । ତେବେବି ମଣିଷ ଆଖିରୁ ନିଭିଲାନି ପାହାନ୍ତି ସ୍ୱପ୍ନର ମଧୁର ଦୃଶ୍ୟ । ଅନ୍ତର ଆହ୍ଲାଦିତ, ଅନୁଭୂତିରେ ନହେଲେବି କଳ୍ପନାର କାନଭାସରେ ଚିତ୍ର ଦର୍ଶନରେ ।

ଗତ ଦୁଇ ବର୍ଷ କରୋନା କଷଣର ଚିହ୍ନ ଓ ସ୍ମୃତି ଖାଲି ମନରୁ ନୁହେଁ, କେବେବି ନିଭିବନି ଦେହ ମନ ଉଭୟରୁ । ଛାଟିପିଟି ହେଇ ସାହାଯ୍ୟ ସାହଚର୍ଯ୍ୟରେ କରୋନାରୁ ସମ୍ପୂର୍ଣ ସୁସ୍ଥ ନହଉଣୁ ଏବେ ଦୈନନ୍ଦିନ ଜୀବନ ହେଇ ଉଠିଛି ହାହାକାରମୟ । ଇମିତି କଷ୍ଟଯେ କରୋନାକୁ ବଳି କ୍ଷବଂଚି ଥାଉ ଥାଉ ମୃତ୍ୟୁର ଶୀତଳ ସ୍ପର୍ଶ । ବଜାରର ମହଙ୍ଗା ତାତିରେ ସିଝି ଯାଉଛି ଛାତି ତଳ କାଳିଜା । ଖାଦ୍ୟସାମାଗ୍ରୀ ଠାରୁ ବସ୍ତ୍ର, ଔଷଧ ସହ ଘରର ଯାବତୀୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ଏବେ ଅପହଞ୍ଚ । ବଜାରକୁ ଡରିଲାଣି ମଣିଷ । ଘରଣୀଙ୍କ ଚିଠା ଲାଗୁଚି ନାଗୁଣିର ଫଣା ଚୋଟ । ପ୍ରତି ଦଂଶନରେ କ୍ଷତାକ୍ତ ଶରୀର ମନ ।

ତେବେବି ସ୍ୱପ୍ନଭୁକ ମଣିଷ ଅପେକ୍ଷାରେ ଅଚ୍ଛେଦିନର । ଆଜିନାଇଁ ତ କାଲିକୁ ନିଶ୍ଚିତ ଆସିବ, ଯେବେ ଦୁଃଖର ବାଦଲ ହଟି ବିଞ୍ଚି ପଡିବ ସୁଖର ମୁରୁଜ ଧରଣୀର କୋଣ ଅନୁକୋଣେ । ଅବଶୋଷର ଦୀର୍ଘଶ୍ୱାସ ହଟି ବିଞ୍ଚି ପଡିବ ଛାତିରେ ବିଶ୍ୱାସର ସବୁଜ ବୀଜ କ୍ଷ ଅଙ୍କୁରିତ ହେବ । ଫୁଲିବ, ଫଳିବ । ଜୀବନ ହେବ ହରାଭରା ସେଇ ଅଚ୍ଛେଦିନ ଅପେକ୍ଷାରେ ମଣିଷ ଆଜି... ।

+ ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
(ମୋ) ୯୨୩୮୯୨୦୪୦୫.




### ଜୁଇ



ଅରୂପ କୁମାର ବିଶ୍ୱାଳ

ଜୀବନର ଶେଷେ ଜୁଇ ଜଳିବାକୁ
ଛ ଖଣ୍ଡି କାଠ ଯେ ଲୋଡା,
କୋକେଇରେ ବନ୍ଧା ହୋଇବ ଶରୀର
ଏ ଦେହ ହୋଇବ ମଡା ।
ଏକମାତ୍ର ସତ୍ୟ ଅଟେ ରାମ ନାମ
ଖଇ କଉଡି ତା ସାକ୍ଷୀ,
ମଶାଣି ପର୍ଯ୍ୟନ୍ତ ହେବ ଶେଷ ଯାତ୍ରା
ଉଡିଯିବ ପ୍ରାଣ ପକ୍ଷୀ ।
ତୁଳୀତଳ୍ପ ଶେଯ ଲୋଡା ହେଉଥିଲା
ଯେଉଁ ଦେହ ପାଇଁ ଦିନେ,
ସବୁ ମିଛ ମାୟା ମୃତ୍ୟୁ ଏକା ସତ୍ୟ
ଆସିବ ନିଶ୍ଚେ ଜୀବନେ ।
ଅଢେଇ ଦିନକୁ ମିଛରେ ବଢେଇ
ମରିଚିକା ପଛେ ଧାଇଁ,
ଦୁର୍ଲଭ ଜନମ ଏ ନର ଜନମ
ବିଅର୍ଥ ଯାଉଛି ହୋଇ ।
ଟିକେ ଖରା ହେଲେ ଝାଉଁଳି ଯାଉଛି
ଏଇ ସୁନ୍ଦର ଶରୀର,
ଜୁଇରେ ଜଳିବ ହୋଇ ଖଣ୍ଡ ଖଣ୍ଡ
ଶୋଚନା ନଥିବ କା'ର ।
ଖେଞ୍ଚୁଥିବେ କେତେ କେଞ୍ଚେଣା ବାଡିରେ
ଏ ଦେହ ହେବ ପାଉଁଶ
ସବୁ ଗର୍ବ ଦମ୍ଭ ମାଟିରେ ମିଶିବ
ସବୁ ଖେଳ ହେବ ଶେଷ ।
କିଏ ସେ କାନ୍ଦିବ ଦିନେ ଦୁଇ ଦିନ
କିଏ ସେ କାନ୍ଦିବ ଦଶ,
ମଲାଗଲା ବୋଲି କହିବେ ସଭିଏଁ
ଏଇତ ଗୁଢ ରହସ୍ୟ ।
ମୃତ୍ୟୁ ପରେ ଯଦି ଅମର ହୋଇବ
କର ପୁଣ୍ୟ ଅରଜନ,
ଦୁର୍ଲଭ ଜନମ ସଫଳ ହୋଇବ
ହେବ ନିଶ୍ଚେ ତୁହିଁ ଧନ୍ୟ ।

+ ସହକାରୀ ଶିକ୍ଷକ
ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ
ପାରାଦୀପ,
(ମୋ) ୯୦୪୦୮୭୦୧୦୦

### ଆମେ ଏ ଦେଶର ଶିଶୁ

ସୁଧାକର ରାଉତ



ଦୁନିଆ ବଗିଚାରେ ଆମେ ତ
ଟିକି ଟିକି ଫୁଲ କଢ଼ି
ଗୁରୁଜନଙ୍କ ସ୍ନେହ ଜଳରେ
ଯିବୁଟି ଆମେ ବଢ଼ି ।

ଆଖିରେ ଅସୁମାରୀ ସପନ
ଆମର ଥାଏ ଭରି
ତାର ପୂରଣେ ମଗନ ହେବା
କଠିନ ଶ୍ରମ କରି ।

ଆମର ସୁପ୍ତ ପ୍ରତିଭା ଯେତେ
କରିବାକୁ ଜାଗ୍ରତ
ଗୁରୁ ଗୁରୁମା'ଙ୍କ ନିର୍ଦ୍ଦେଶେ
ଚାଲିବା ସଦା ପଥ ।

ସତ୍ୟ, ନ୍ୟାୟ, ଧରମ ଦଣ୍ଡକୁ
ମୁଠାରେ ଜୋର କରି
ଧରିଲେ ସିନା ସାରା ସଂସାରେ
ଯଶ ହେବ ଆମରି ।

ପରହିତରେ ମନକୁ ଆମ
ରଖିଲେ ସଦା ରତ
ବାଳକାକୁ ସେ ଶ୍ରେଷ୍ଠ ଧରମ
ଏ କଥା ବୁଝିବା ତ ।

ଶାନ୍ତି କପୋତ ଉଡ଼ାଇ ଆମେ
ଏ ଦେଶର ଗଗନେ
ସନ୍ତ୍ରାସବାଦ ଲୋପ କରିବା
ଏକତା ଆଣି ମନେ ।

ପରିବେଶର ସୁରକ୍ଷା ପ୍ରତି
ଦେବାଟି ଆମେ ଧ୍ୟାନ
ଜଳବାୟୁରେ ହେବନି
ଆକସ୍ମିକ ପରିବର୍ତ୍ତନ
ଆମେ ଯେ ଦେଶର ଭବିଷ୍ୟତ
'ଚାଚା' ଥିଲେ ଟି ଜାଣି
ତେଣୁ ତାଙ୍କର ଜନ୍ମ ଦିନକୁ
ଶିଶୁଙ୍କଠି ଅର୍ପଣି ।

ବୁଝିଥିଲେ ସେ ଶିଶୁ ଜୀବଟି
କାଲିର ମହାଦ୍ରୁମ
ଦେଶ ଦେଶର ଉନ୍ନତି ଆଣି
ଲଭିଭ ସେ ସୁନାମ ।

ଆସ ଯେତେକ ଭାଇ ଭଉଣୀ
ତାଙ୍କ ସ୍ୱପ୍ନ ସାକାରେ
ବ୍ରତୀ ହେବାକୁ ଜୀବନେ ଆମେ
ନେବାଟି ଶପଥରେ ।

+ ପ୍ରତାପ ନଗର, କଟକ
ମୋ: ୮୨୪୯୯୩୨୭୯୨

### ଅନୁଭବ

ଅମୂଲ୍ୟ କୁମାର ପଣ୍ଡା



ଆଜି ତୁମେ ଅଛ
କିନ୍ତୁ ନାହିଁ ଆତ୍ମୀୟତା
ଆଜି କଥା ହଉଛ
କିନ୍ତୁ କଥାରେ ନାହିଁ ମଧୁରତା
ଆଜି ଲିପାଫା ରେ ଚିଠି ଦେଉଛ
କିନ୍ତୁ ନାହିଁ ସେ ଗୋଲାପି ଚିତ୍ର
ବଦଳିଛି ସମୟ...

ଆଉ ଆପଣେଇଛି
ଏକ ଏମିତି ସ୍ୟାହି
ଯେଉଁଠି ସମସ୍ତେ ନିଜର
କିନ୍ତୁ କେହି ନୁହେଁ ଆପଣାର
ନିଜ ହୃଦୟର ଶବ୍ଦକୁ ଶୁଣି ଦେଖ
ଆର୍ତନଦର ଫୁତ୍କାର ତ୍ରାହି ତ୍ରାହି... !

ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୯୯୩୮୯୦୬୦୭୦

### ଇଚ୍ଛା ମରଣ

ଈଶ୍ୱର ମଙ୍ଗରାଜ



ଇଚ୍ଛା ଯାହାର ଜାହା ଥାଉ
ପାଇବା
ଧର୍ମ କର୍ମ କାର୍ଯ୍ୟ ଶାହା
ଜନ୍ମ ଜାତକ ମାତୃ ଗର୍ଭ କହିବା
ଯାହାର ଭବିଷ୍ୟ ଥୁଆ ।

ଜୀବର ଜନ୍ମ ମୃର୍ତ୍ତୁ ଭାଗ୍ୟ
ଲିଖିତ
ସୃଷ୍ଟି କର୍ତ୍ତା ସ୍ଥିର ଚିତ
ଯୌବନ କାଳେ ମତିସ୍କ
ବିଚଳିତ
ମାତୃଗର୍ଭ୍ରୁ ଟି ବର୍ଣ୍ଣିତ୍ ।
ଇଚ୍ଛା ଅନୁଯାୟୀ ଫଳକି ପ୍ରାପାତ
ଯେସାକୁ ତେସା ଅବଶ୍ୟ
ଗର୍ବ ଅହଂ ଈର୍ଷ୍ୟା ଦ୍ୱେଷ ଘୃଣା କ୍ରୋଧ
ଆତ୍ମା ଗାରିମା ବିଲୁପ୍ତ ।

ଇଚ୍ଛାର ମୃର୍ତ୍ତୁ ଭୀଷ୍ମ ପ୍ରତିଜ୍ଞା
ପ୍ରାପ୍ତ
ଅଧର୍ମ କୁ ଇଚ୍ଛା ଦଣ୍ଡ
ଶ୍ରୀକୃଷ୍ଣ ପାଦପଦ୍ମ ରଖି ତାଙ୍କ ଚିତ
ଶର ଶଯ୍ୟା ମୋକ୍ଷ ପ୍ରାପ୍ତ
ଇଚ୍ଛା ହିଁ ମହାଭାରତ ।
କଳି ଯୁଗ ନାରୀ ପୁରୁଷ ପାଗଳ
ଇଚ୍ଛା ଜାଣି ଅହଂକାର
ରୂପବତୀ ନାରୀ ଚରିତ୍ର ବିକାର
ସ୍ୱାମୀ ପାଇଁ ରୁପ କାଳ ।
ସୀତା ଓ ଦ୍ରୌପଦୀ ରଚିତ ପୁରାଣ
ସୁନ୍ଦରୀ ଯୁବତୀର ଗୁଣ
ତାଂକୁ ଦେଖି ଏବେ ଯୁବକ
ହରଣ
କଳି କାଳ ଇଚ୍ଛା ମରଣ ।
ଆତ୍ମା ଗର୍ବି ନାରୀ ଜନ୍ମ
ଭାଇ, ମାତା ପିତା ହିନ ।
ପ୍ରେମିକ ପ୍ରେମିକା ରାଣ
ନିଜ ଲୋକ ତାର ଘୃନ୍ୟ ।
ଜାଣି ସୁଣି ଡାକେ ମରଣ
ବିପରୀତ କାଳ ଜାଣ ।

+ ଖୋର୍ଦ୍ଧା









କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁକି (୧୮)

# ବିଶ୍ୱାମିତ୍ର ଋଷିଙ୍କ ଅଯୋଧ୍ୟା ଆଗମନ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମିନା ଅପା ରାମାୟଣ କଥା ଆରମ୍ଭ କଲେ। ପିଲାମାନେ, ରାମଚନ୍ଦ୍ର ବିଶ୍ୱାମିତ୍ରଙ୍କ ସହିତ ବଣକୁ ଯାଇ ତାଙ୍କ ଯଜ୍ଞ ରକ୍ଷା କରିବାକୁ ଆଗ୍ରହ ପ୍ରକାଶ କଲେ। ବିଶ୍ୱାମିତ୍ର ଋଷି ବହୁତ ଖୁସି ହେଲେ। ରାମଚନ୍ଦ୍ର ଓ ଲକ୍ଷ୍ମଣ ପିତାମାତାଙ୍କଠାରୁ ଆର୍ଶୀବାଦ ପାଇ ବିଶ୍ୱାମିତ୍ର ଋଷିଙ୍କ ସହିତ ବଣକୁ ଯିବାକୁ ପ୍ରସ୍ତୁତ ହେଲେ।

ଅଯୋଧ୍ୟା ଛାଡ଼ି ଋଷି ବିଶ୍ୱାମିତ୍ର ଜଂଗଲରେ ପ୍ରବେଶ କଲେ। ସେ ଆଗେ ଆଗେ ଚାଲିଥିଲେ, ତାଙ୍କ ପଛେ ପଛେ ରାମ ଲକ୍ଷ୍ମଣ ନିଜ ନିଜର ଧନୁଶର ଧରି ଚାଲିଥିଲେ। ମଝିରେ ମଝିରେ ବିଶ୍ୱାମିତ୍ର ଦୁଇ ଭାଇଙ୍କ ଆଡ଼େ ଅନେଇ ଦେଉଥିଲେ ଓ ରାଜକୁମାର ଦୁଇଜଣ କ୍ଳାନ୍ତ ହୋଇ ପଡୁଥିବାର ଦେଖୁଥିଲେ।

ସରଯୂ ନଦୀ କୂଳରେ ପହଂଚି ରାମ ଲକ୍ଷ୍ମଣଙ୍କୁ ବିଶ୍ୱାମିତ୍ର ସମାନ କଥା କହିଥିଲେ- "ହେ ରାମଚନ୍ଦ୍ର, ଏହିଠାରେ ମୋ ଆଶ୍ରମକୁ ଯିବାକୁ ଦୁଇଟି ରାସ୍ତା ଅଛି। ଗୋଟିଏ ରାସ୍ତାରେ ଗଲେ ଆମକୁ ତିନିଦିନ ଲାଗିବ ଓ ସେହି ଯାତ୍ରା ବିଘ୍ନ ରହିତ ହେବ। ଅନ୍ୟ ବାଟରେ ଗଲେ ଆମେ ମାତ୍ର ତିନି ପ୍ରହରରେ ମୋ ଆଶ୍ରମରେ ପହଂଚିପାରିବା ମାତ୍ର ସେ ବାଟରେ ତାଡ଼କୀ ଅସୁରୀ ଅଛି ଯିଏ ମନୁଷ୍ୟଙ୍କୁ ମାରିକରି ଖାଏ। ଏବେ ତୁମେ କୁହ, ଆମେ କେଉଁ ବାଟରେ ଯାତ୍ରା କରିବା।

ବିଶ୍ୱାମିତ୍ର ଋଷିଙ୍କ କଥା ଶୁଣି ସାମାନ୍ୟ ହସିଲେ ଓ କହିଲେ- ହେ ମୁନି ଶ୍ରେଷ୍ଠ, ମାତ୍ର ତିନି ପ୍ରହରରେ ପହଂଚିବାର ରାସ୍ତା ଥାଉ ଥାଉ ଆମେ କାହିଁକି ତିନି ଦିନ ଯାତ୍ରା କରିବା ? ଆମେ ବାଧା ବିଘ୍ନକୁ ନଡରି ଅଳ୍ପ ସମୟରେ ଯେଉଁ ରାସ୍ତାରେ ଗଲେ ଆପଣଙ୍କ ଆଶ୍ରମରେ ପହଂଚି ପାରିବା, ସେଇ ରାସ୍ତାରେ ଯିବା।

ରାମଚନ୍ଦ୍ରଙ୍କୁ ଆଉ ଟିକେ ପରୀକ୍ଷା କରିବାକୁ ବିଶ୍ୱାମିତ୍ର କହିଲେ- ହେ ରାମ, ତୁମ ବିଚାର ଠିକ୍। ମାତ୍ର ତାଡ଼କୀ ଅସୁରୀକୁ ଡର ଲାଗୁନି ?



ରାମଚନ୍ଦ୍ର କହିଲେ- ହେ ମୁନୀ, ମୁଁ ଜଣେ କ୍ଷତ୍ରୀୟ। ମୁଁ ଆପଣଙ୍କ ଯଜ୍ଞ ରକ୍ଷା କରିବାକୁ ଯାଉଛି। ତାଡ଼କୀ ଅସୁରୀକୁ ଡରିବି କାହିଁକି ? ଦରକାର ପଡ଼ିଲେ ତାଙ୍କର ବଧ କରିବି।

ଶ୍ରୀରାମଙ୍କ କଥାରେ ବିଶ୍ୱାମିତ୍ର ବହୁତ ଖୁସି ହେଲେ ଓ ରାମ ଲକ୍ଷ୍ମଣଙ୍କ ସାଂଗରେ ନେଇ ସରଯୂ ନଦୀ କୂଳରେ ପହଂଚିଲେ।

ବାଟରେ ଗଲାବେଳେ ବିଶ୍ୱାମିତ୍ର ରାମ ଲକ୍ଷ୍ମଣଙ୍କୁ ଅନେକ ପୌରାଣିକ କାହାଣୀ ଶୁଣାଇଥିଲେ। ସେ କାହାଣୀମାନଙ୍କ ମଧ୍ୟରୁ କିଛି ଚମତ୍ କାହାଣୀ ମୁଁ ତୁମ ମାନଙ୍କୁ କହୁଛି। କହିଲେ ମିନା ଅପା।

ଦଧୀଚିଙ୍କ ଆତ୍ମତ୍ୟାଗ: ପୁରାକ କାଳରେ ଜଣେ ପ୍ରବଳ ପ୍ରତାପୀ ଓ ଭୟଙ୍କର ରାକ୍ଷସ ଥିଲା। ତା ନାଁ ବୃତ୍ରାସୁର। ସେ ଓ୍ୱଷ୍ଟାମୁନିଙ୍କ ଯଜ୍ଞରୁ ଜନ୍ମ ହୋଇଥିଲା। ତେଣୁ ପ୍ରବଳ ପରାକ୍ରମୀ ଓ ଅଧର୍ମୀ ଥିଲା। ନିଜ ବଳର ପ୍ରୟୋଗ କରି ସେ ମୁନି ଋଷି ଓ ଦେବତାଙ୍କୁ ହଇରାଣ କରୁଥିଲା ଓ କଷ୍ଟ ଦେଉଥିଲା। ସେ ଏପରି ବର ପାଇଥିଲା ଯେ ଅଷ୍ଟଧାତୁରେ ନିର୍ମିତ ଅସ୍ତ୍ରଶସ୍ତ୍ରରେ ସେ ମରିବ ନାହିଁ।

ବୃତ୍ରାସୁର ଦ୍ୱାରା କଷ୍ଟ ଓ ଅପମାନ ପାଇ ଦେବତାମାନେ ବ୍ରହ୍ମାଙ୍କ ପାଖକୁ ଗଲେ ଓ ବୃତ୍ରାସୁରର ଅତ୍ୟାଚାରରୁ ରକ୍ଷା କରିବାକୁ ପ୍ରାର୍ଥନା କଲେ। ବ୍ରହ୍ମା ତ ସାରା ସଂସାରର ସବୁ କଥା ଜାଣନ୍ତି। ସେ ଦେବତାମାନଙ୍କୁ କହିଲେ- ବୃତ୍ରାସୁର ଦଧୀଚି ଋଷିଙ୍କ ଅସ୍ଥିରେ ତିଆରି ଅସ୍ତ୍ରରେ ମରିବ। ତେଣୁ ତୁମେମାନେ ଯାଇ ଦଧୀଚି ଋଷିଙ୍କୁ ପ୍ରାର୍ଥନା କର।

ଦେବତାମାନେ ସଂଗେ ସଂଗେ ଦଧୀଚି ଋଷିଙ୍କ ପାଖକୁ ଗଲେ ଓ ତାଙ୍କ ଦୁଃଖ କଷ୍ଟ କଥା କହିଲେ। ଦଧୀଚି ଋଷି ଏ କଥା ଜାଣି ଖୁସି ହେଲେ ଯେ ତାଙ୍କ ଅସ୍ଥିରେ ନିର୍ମିତ ଅସ୍ତ୍ରରେ ବୃତ୍ରାସୁର ମରିବ। ସେ ସଂଗେ ସଂଗେ ଧ୍ୟାନରେ ବସିଲେ ଓ ଦେହ ତ୍ୟାଗ କଲେ। ତାଙ୍କ ଦେହ ତ୍ୟାଗ ପରେ ତାଙ୍କ ଅସ୍ଥିକୁ ନେଇ ଦେବତାମାନେ ବଜ୍ର ନିର୍ମାଣ କଲେ ଯାହାର ପ୍ରୟୋଗ କରି ଦେବରାଜ ଇନ୍ଦ୍ର ବୃତ୍ରାସୁରର ବଧ କଲେ। ସେଇ କଥା ଦଧୀଚି ଋଷି ମଣିଷ ସମାଜକୁ ଶିଖାଇଗଲେ। ଜଗତର ମଙ୍ଗଳ ଲାଗି ବ୍ୟକ୍ତିଗତ ସୁଖକୁ ତ୍ୟାଗ କରିବାକୁ ପଡ଼େ। ମିନା ଅପାଙ୍କ ରାମାୟଣ କଥା ସରିଥିଲା।

(କ୍ରମଶଃ)

♥ (ମୋ) ୯୯୮୦୩୦୦୭୫୧

## କବିତା
ତୁମ ପାଇଁ

### ମହତ ଦାନ .....
ବିଜୟଲକ୍ଷ୍ମୀ ପାଣିଗ୍ରାହି

ଆଜି ପରା ଶିଶୁ ଦିନ
ଚାଚା ନେହେରୁଙ୍କ ଜନ୍ମ
ଦେଶର ଭବିଷ୍ୟ ପାଇଁ ଟେକିଦେଲେ
ଆହା କି ମହତ ଦାନ।

ମନ ଦେଇ ଶୁଣ ପିଲେ
ଦେଶ ଟେକ ରଖ ଭଲେ
ସତର୍କ ରହିଲେ ଜୀବନେ ବିପଦ
ଆସିବନି କେବେ ହେଲେ।

ଥିବ ସରଳତା ମନେ
ନିଷ୍ଠା ରହିଥିବ କର୍ମେ
ମଧୁର ବଚନେ ତୋଷିଲେ ସଭିଙ୍କୁ
ପ୍ରଶଂସିବେ ସାଧୁଜନେ।

ସତ୍ୟ କଥା ସଦା କହି
ଦେଶ ସେବା ମନେ ଧାୟୀ
ଈର୍ଷା କ୍ରୋଧ ଯେତେ ଫିଙ୍ଗିଦେଇ ଦୂରେ
ହେବା ଶାନ୍ତି ପ୍ରୀତି ବାହୀ।

ସାର୍ଥକ ହେବ ସେ ଦାନ
ହୋଇଲେ ଯୋଗ୍ୟ ସନ୍ତାନ
ଜନ ହିତ ପାଇଁ ଜୀବନ ଅରପି
ରଖିବ ଦେଶର ମାନ।

♥ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ -୮୨୪୯୪୫୦୦୫୦

### ଗୁରୁ ହିଁ ସାକ୍ଷାତ ଈଶ୍ୱର
ନଗେନ୍ଦ୍ର ନାଥ ପଟ୍ଟନାୟକ

ମରତ କାନନେ ଆମେ ସବୁ ପରା
ଟିକିଟିକି ଶିଶୁ-କଳିକା
ଆମରି ପରାଣେ ବହେ ଏକଲବ୍ୟ
ଉପମନ୍ୟୁ ରକ୍ତ କଣିକା ।
ଗୁରୁ-ଶିଷ୍ୟ ଭାବ ଦିଆନିଆ କେତେ
ପରମ୍ପରା ଆଉ ଆଦର୍ଶ
ବଡ ହୋଇ ଆମେ ଟେକ ରଖିଯିବା
ଲଭିଲେ ଗୁରୁଙ୍କ ଆଶିଷ ।
ଭାରତର ପୁଅ ସ୍ୱାମୀଜି ନରେନ୍ଦ୍ର
ଆଜି ସେ ଜଗତେ ମହାନ
ଗୁରୁଙ୍କ ଆଶିଷ ଥିଲା ବୋଲି ସିନା
ହେଲେ ଆମ ହୃଦେ ଆସୀନ ।
ଗୁରୁ ବ୍ରହ୍ମା, ବିଷ୍ଣୁ ଗୁରୁ ମହେଶ୍ୱର
ଗୁରୁ ହିଁ ସାକ୍ଷାତ ଈଶ୍ୱର

ଏ ଦେଶ ଜାତିର ଶିକ୍ଷା ଓ ସଂସ୍କାରେ
ଦାନ ତାଙ୍କ ପରା ଅତୁଳ ।
ସଚ୍ଚା ଗୁରୁ-ଶିଷ୍ୟ ବନ୍ଧନ ଅତୁଟ
ସିନେହ ଆଦର ପରାଣ
ଭାରତ ମାତାର ଗର୍ବ ଗଉରବ
ସର୍ବପଲ୍ଲୀ ରାଧାକୃଷ୍ଣନ ।
ତାଙ୍କରି ଜନମ ଦିନର ସ୍ମରଣେ
ନେବାରେ ବଜର ଶପଥ
ଗୁରୁ ଦିବସରେ ଗୁରୁଙ୍କୁ ପ୍ରଣମି
ଆପଣେଇ ନେବା ସୁପଥ ।

♥୯୯୯-୩, ଜଗମୋହନ ନଗର,
ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

### ଶିଖିବା କିଛି ଚାଲ....
ସୁଦର୍ଶନ ମହାପାତ୍ର

ରାତି ପାହିଲେ ସକାଳ ହେଲେ
କାଉ ରାବଇ କାଆ
କହେ ସେ ଡାକି ଉଠରେ ପିଲେ
ନହୁଅ ଅଳସୁଆ ।
ବାଇ ଚଢେଇ ବସା ସୁନ୍ଦର
ଗଢେ ଯତନ କରି
ବାଆ ବତାସେ ନଥାଏ ଡର
ଖେଳେ ମଉଜେ ଦୋଳି ।
ଶୁଆ ପକ୍ଷୀଟି ଶବଦ ଶୁଣି
କେତେ ଯେ କଥା କୁହେ
ଅଭ୍ୟାସ ବଳେ ସବୁ ସମ୍ଭବ
ଅସାଧ କିଛି ନୁହେଁ ।
କୁକୁର ପରା ଭାରି ବିଶ୍ୱାସୀ
ଜଗେ ସେ ଘରଦ୍ୱାର

ମାଲିକ ତାର ନିଦରେ ଶୁଏ
ମନେ ନଥାଏ ଡର ।
ପିମ୍ପୁଡି ଦେଖ ଧାଡିରେ ଚାଲେ
ଶୃଙ୍ଖଳା ଜ୍ଞାନ ଦିଏ
ଝଡି ବରଷା ଡରରେ ସିଏ
ଖାଦ୍ୟ ସାଇତି ଥାଏ
ମହୁମାଛିଟେ ସଞ୍ଚଇ ମହୁ
ଫୁଲରୁ ଫୁଲ ଉଡି
ସାଇତି ରଖେ ଭବିଷ୍ୟ ପାଇଁ
ମହୁଫେଣାଟେ ଗଢି ।
ପଶୁପକ୍ଷୀଠୁ ସୁଗୁଣ ମାନ
ଶିଖରେ ପିଲାମାନେ
ଗୁରୁଜନଙ୍କ ଉପଦେଶକୁ
ରଖ ସର୍ବଦା ମନେ ।

♥କୁଞ୍ଜବିହାରୀ ଲେନ, କଟକ

### କୋମଳମୋତୀ ଶିଶୁ ମୁଁ....
ଦୁଷ୍ମନ୍ତ ବେହେରା

କୋମଳମତି ଶିଶୁ ମୁଁ
ଆଦରେ ଫୁଟି ଆଲୋକ ଦେଖେ
ଆଲୋକ କୋଳରୁ ଜନ୍ମ ହୋଇ
ଦୁନିଆ ରେ ଫୁଟାଏ ହସ ।

ଦୁଧ ସର ଭାତ ଖାଇଛି
ଟିକି ଟିକି ଭାବନାରେ ଭାବି
ଟିକି ଘରଟିରେ ବସି ମୋ
ଲକ୍ଷ୍ୟ ସ୍ୱପ୍ନ ଦେଖୁଛି ।

ଫୁଟିଛି ମୁଁ ଦୁନିଆ ପାଇଁ
ରଖିବି ଏ ମାଟିର ଟେକ
କହିଦେବି ପବନ ପାଣି କାନେ
ମୋ ବଂଶଧର ତୋ କୋଳେ ।

ମୁଁ ଶିଶୁ ଟିଏ କରିବନି ହଟହଟା
ଆଗାମୀ ଭବିଷ୍ୟତ ମୁଁ ଦେଖୁଛି
ଦେଖିବ ମୋ ଶକ୍ତି ଦୁନିଆ
କହି ବୋଲୁଥିବ ଭାରତ ସନ୍ତାନ।

ମାତୃଭାଷା ମୋର ରଖିବି ଟେକ
ଜାତିଭାଇ ମୋର ହେବ ଉଚ୍ଚ
ମୋ ମାଆ ମାଟି ଅମୂଲ୍ୟ ମୁଲ
ତା ପାଦଧୂଳି ମଥାରେ ବୋଲି

ଖୁସୀ ହେବି କାଳ କାଳ
ଖୁସୀ ହେବି କାଳ କାଳ.....

♥ରାସୋଳ,ମୁଣ୍ଡିଆପଷି,
ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪



### ଶିଶୁ....
ରାମ ଚନ୍ଦ୍ର ପ୍ରଧାନ

ଶିଶୁଙ୍କର ମନ କୋମଳ ଅଟଇ
ହୃଦୟଟା ପୁରା ଖୋଲା
ଛନ୍ଦ କପଟର ଉର୍ଦ୍ଧ୍ୱରେ ସେମାନେ
ହେଲେ ଟିକେ ମନ ଭୁଲା।

ଶିଶୁଟି ହସିଲେ ଏ ଦେଶ ହସିବ
ଖେଳିବ ଖୁସି ଲହରୀ
ତା' ଠୁକୁଲୁ ଚାଲି ତା' ଦରୋଟି କଥା
ମନ କିଣଇ ସବୁରି ।

ଅସ୍ଥିର ଅବୁଝା ଭାରି ଅମାନିଆ
ଚଳ ଚଞ୍ଚଳ ତା' ମନ
ସ୍ନେହ ଶରଧାରେ ବୁଝିଯାଏ ସିଏ
ଡାକି ଦେଲେ ବାପଧନ ।

ଆଜି ଯିଏ ଶିଶୁ କାଲି ସେ ହୋଇବ
ଏ ଦେଶର ନାଗରିକ
ଭଲ ପାଠ ପଢ଼ି ସୁନାମ ଆଣିବ
ରଖିବ ଏ ଜାତି ଟେକ ।

କଅଁଳ ଶିଶୁଟି କଞ୍ଚା ମାଟି ପରି
ଏକଥାଟି ଧ୍ୟାନ ରଖ
ଯେମିତି ଗଢ଼ିଲେ ସେମିତି ସେ ହେବ
ଛୁଇଁ ସଫଳତା ଶିଖ ।

ଆହା କି' ସୁନ୍ଦର ତା' ଶିଶୁ ଦୁନିଆଁ
ଲାଗେ ଭାରି ଆପଣାର
ସ୍ମୃତିଟିଏ ହୋଇ ସଦା ରହିଥାଏ
ମନେ ତୋଳି ଟିକି ଘର ।

+ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

## ସାବାସ ପୁଅ
ବିନୟ କୁମାର୍ ଦାସ



ପଣ୍ଡିତ ଜବାହର ଲାଲ ନେହେରୁ ସେତେବେଳେ ଆହ୍ଲାବାଦ ନଗର ମହାପାଳିକାର ଅଧକ୍ଷ ଥାଆନ୍ତି । ଥରେ ସେ ନିଜ କାର୍ଯ୍ୟାଳୟରେ ବସି କାମ କରୁଥିବା ସମୟରେ ପାଇପ୍ ଜଳ ଯୋଗାଣ ବିଭାଗର ଟ୍ୟାଙ୍କ ସୁପରିଟେଣ୍ଡେଂଟଣ୍ଟ ଡଃ ଆବୁଲ ଫଜଲ୍ ଭିତରକୁ ପଶି ଆସିଲେ । ସେ ହାତରେ ଧରିଥିବା ଏକ କାଗଜ ନେହେରୁଙ୍କୁ ବଢ଼ାଇ ଦେଇ କହିଲେ, "ଜଳ କର ଯେଉଁମାନେ ପଇଠ କରି ନାହାନ୍ତି ଏହା ସେମାନଙ୍କର ତାଲିକା । ନିୟମ ଅନୁସାରେ ଏବେ ସେମାନଙ୍କର ପାଇପ୍ ସଂଯୋଗ ବିଛିନ୍ନ କରାଯିବା ଉଚିତ । ଆପଣ କ'ଣ ଭାବୁଛନ୍ତି ?"

ନେହେରୁ ସେ ତାଲିକା ନ ଦେଖି କହିଲେ,"ଏଥିରେ ଆଉ ପଚାରିବାର କ'ଣ ଅଛି । ଆପଣ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ।"

ଆବୁଲ ଫଜଲ୍ କହିଲେ, "କିନ୍ତୁ କଥା କ'ଣ କି ଯେଉଁମାନେ ଜଳକର ପଇଠ କରି ନାହାନ୍ତି ସେମାନେ ଏ ସମାଜର ପଦସ୍ଥ ବ୍ୟକ୍ତି । ସେମାନଙ୍କର ସମାଜିକ ପ୍ରତିଷ୍ଠା ରହିଛି ।"

ନେହେରୁ ସାମାନ୍ୟ ହସି ଦେଇ କହିଲେ "ନିୟମ ସମସ୍ତଙ୍କ ପାଇଁ ସମାନ । ଏଥିରେ ପ୍ରତିଷ୍ଠିତ ବ୍ୟକ୍ତି ଆଉ ସାଧାରଣ ନାଗରିକର ପ୍ରଶ୍ନ ଉଠୁଛି କାହିଁକି ? ଆପଣ ନିୟମାନୁଯାୟୀ କାର୍ଯ୍ୟକରି ଚାଲନ୍ତୁ।"

ଅଧକ୍ଷଙ୍କ ପରାମର୍ଶ ଅନୁଯାୟୀ ତାଲିକାଭୁକ୍ତ ସମସ୍ତ ବ୍ୟକ୍ତିଙ୍କ ଘରେ ପାଣି ପାଇପ୍‌ର ସଂଯୋଗ ଛିନ୍ନ କରି ଦିଆଗଲା । ନେହେରୁଙ୍କ ଘରକୁ ମଧ ପାଣିବନ୍ଦ ହୋଇଗଲା । କାରଣ ସେହି ତାଲିକାରେ ନେହେରୁଙ୍କ ପିତା ମୋତିଲାଲଙ୍କ ନାମ ମଧ ରହିଥିଲା । ପୁତ୍ରର ଏତାଦୃଶ କାର୍ଯ୍ୟକଳାପରେ ସେ କ୍ଷୁବ୍ଧ ହେଲେ ଓ ନେହେରୁଙ୍କୁ କହିଲେ, "ଏଇଟା କିନ୍ତୁ ଠିକ୍ ହେଲା ନାହିଁ । ଜଳ ଯୋଗାଣ ବନ୍ଦ କରିଦେବା ପୂର୍ବରୁ ଘର ମାଲିକମାନଙ୍କୁ ଏକ ନୋଟିସ୍ ଦେବା କଣ ସଂପୃକ୍ତ ବିଭାଗର ଦାୟିତ୍ୱ ନୁହେଁ କି ?"

ନେହେରୁ ତତ୍କ୍ଷଣାତ୍ ଦମ୍ଭ ସହକାରେ କହିଥିଲେ, "ଠିକ୍ ସମୟରେ ଜଳକର ପଇଠ କରିବା କଣ ଖାଉଟିର ଦାୟିତ୍ୱ ଓ କର୍ତବ୍ୟ ନୁହେଁ କି ? ନିୟମକାନୁନ୍ ସମସ୍ତଙ୍କ ପାଇଁ ସମାନ । ଆଉ ମୋ ମତରେ, ତାହା ଠିକ୍ ବାଟରେ ହିଁ ଚାଲିଛି । ନାଗରିକଗଣ ସେମାନଙ୍କର କର୍ତବ୍ୟ ଓ ଦାୟିତ୍ୱ ବିଷୟରେ ସଚେତନ ରହିବା ଉଚିତ ।"

ମୋତିଲାଲ ଆଉ କଣ ବା କହିଥାନ୍ତେ ? ପୁତ୍ରର ଏ ବିଚାରଶୀଳ ଚିନ୍ତାଧାରାକୁ ମନେ ତାରିଫ୍ କରି ମନେମନେ କହିଲେ,"ସାବାସ୍ ପୁଅ, ସାବାସ୍ ।"

+ ଅନାମିକା ନୀଡ,
ଅଂଗାରଗଡିଆ, ବାଲେଶ୍ୱର- ୧
ମୋ-୭୯୭୮୮୬୦୩୬୩

## ଶିଶୁ ଦିବସ



ସାଇପ୍ରସାଦ ସାହୁ




ସମୟ ପାଖାପାଖି ୪ଟା । ସ୍କୁଲ୍ ଘଣ୍ଟା ବାଜିଲା। ପିଲାମାନେ ଧାଡ଼ି ହୋଇ ଗେଟ୍ ବାହାରକୁ ଆସି ନିଜ ନିଜ ଘରକୁ ଚାଲିଗଲେ। ଅନୀମେଶ ଓ ଅର୍ପଣ ଦୁଇ ସାଙ୍ଗ ବାଟରେ ଯାଉଥିଲେ । ଅର୍ପଣ ପଚାରିଲା ଆରେ ଅନୀମେଶ କ୍ଲାସରେ ଗୁରୁଜୀ ଆଜି କହୁଥିଲେ ଆମ ସ୍କୁଲରେ ଶିଶୁ ଦିବସ ପାଳନ ହେବ । ସମସ୍ତେ ପରିଷ୍କାର ପରିଚ୍ଛନ୍ନ ହୋଇ ଆସିବ । ଏହା ସହ ମୁହଁରେ ମାସ୍କ ମଧ ପିନ୍ଧିକି ଆସିବ । ଯିଏ ଯାହା ଜାଣିଛ ସେ ସମ୍ପର୍କରେ ବକ୍ତବ୍ୟ ପ୍ରତିପାଦନ କରିବ । ମୁଁ ତ ସେମିତି କିଛି ଶିଶୁ ଦିବସ ବିଷୟରେ ଜାଣିନି । ତୁ ଜାଣିଛୁ କି ? ଅନୀମେଶ କହିଲା - ନା , ମୁଁ ବି କିଛି ଜାଣିନି।

ଚାଲ୍ ତାହେଲେ ଆମେ ଘରେ ପହଞ୍ଚିବାପରେ ଜେଜେବାପାଙ୍କୁ ପଚାରିବା, ସିଏ ଜାଣିଥିବେ । କିଛି ସମୟ ପରେ ଦୁଇ ଜଣ ଯାକ ସାଙ୍ଗ ଶ୍ୟାମ ଜେଜେବାପାଙ୍କ ପାଖରେ ପହଞ୍ଚିଲେ । ଜେଜେ ବାପା ଦେଖି କହିଲେ - ଆରେ ଅନୀମେଶ , ଅର୍ପଣ ତୁମେ ଯାଉନ ଗୋଡ଼ ହାତ ଧୋଇ ପରିଷ୍କାର ହୋଇ ଯାହା ପାଠ ଦିଆଯାଇଛି ପଢ଼ିବ । ଅର୍ପଣ କହିଲା - ଜେଜେବାପା ଆମ ସ୍କୁଲରେ ଶିଶୁ ଦିବସ ପାଳନ ହେବ ବୋଲି ଆମକୁ ଏହି ଦିବସ ବିଷୟରେ କିଛି କହିବାକୁ ଗୁରୁଜୀ କହିଛନ୍ତି । ତମେ ଟିକିଏ ଆମକୁ ଶିଶୁ ଦିବସ ବିଷୟରେ କହିଲେ ଆମେ କିଛି ଜାଣିବୁ ଏବଂ ମନେ ରଖି ସ୍କୁଲରେ କହିବୁ। ଜେଜେବାପା କହିଲେ - ଠିକ୍ ଅଛି । ଅନୀମେଶ ଓ ଅର୍ପଣ ଦୁଇ ଜଣ ବସ ମୁଁ କହୁଛି । ଜେଜେବାପା କହିଲେ - ଆମ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ପିଲାମାନଙ୍କୁ ବହୁତ ଭଲ ପାଆନ୍ତି । ସେ କହୁଥିଲେ , ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ ନିର୍ମାଣକର୍ତ୍ତା । ତାଙ୍କର ଯତ୍ନ ନେବା ଜରୁରୀ । ସେମାନେ ଭଲ ପାଠ ପଢି ଭଲ ହେଲେ ଦେଶ ସୁନାମ ଅର୍ଜନ କରିବ । ଆଜିର ଶିଶୁ କାଲିର ଭବିଷ୍ୟତ । ସେମାନେ ଦେଶର ପ୍ରକୃତ ସମ୍ପଦ । ସେମାନଙ୍କ ଲାଗି ଦେଶ ହସି ଉଠିବ । ସେଥିପାଇଁ ତାଙ୍କ ଜନ୍ମଦିନ ପ୍ରତିବର୍ଷ ନଭେମ୍ବର ମାସ ୧୪ ତାରିଖକୁ ଶିଶୁ ଦିବସ ରୂପେ ପାଳନ କରାଯାଉଛି । ଅନୀମେଶ ଓ ଅର୍ପଣ କହିଲେ - ଜେଜେବାପା , ତମେ ଆମକୁ ଶିଶୁ ଦିବସ ସମ୍ପର୍କରେ ଯାହା ସବୁ କହିଲ ଆମେ ସ୍କୁଲ ଯାଇ ସରଳ ଓ ସୁନ୍ଦର ଭାଷାରେ ସାଙ୍ଗମାନଙ୍କୁ ଜଣାଇଦେବୁ ।

+ସିନ୍ଧେକେଲା ,ବଲାଙ୍ଗୀର
ଭ୍ରାମ୍ୟ ଭାଷ – ୯୯୩୭୦୩୪୭୪୨

# ଗୋଟିଏ ଜିଲ୍ଲାରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଥିବା ସରକାରୀ ଅଧିକାରୀଙ୍କୁ ବଦଳି କରାଯାଉ: ବିଜେପି

ଭୁବନେଶ୍ୱର,୧୨/୧୧ (ନି.ପ୍ର): ରାଜ୍ୟରେ ଅନୁଷ୍ଠିତ ହେଉଥିବା ଯେକୌଣସି ନିର୍ବାଚନ ପ୍ରକ୍ରିୟାକୁ ଶାସକ ବିଜେଡି ତରଫରୁ ପ୍ରଭାବିତ କରାଯାଉଛି । ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିସାରିଲେଣି । ଏହି ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ବଦଳି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେଥି ସହ ଆଉ କେତେକ ବିଭାଗ ଯଥା, ରାଜ୍ୟ ସରକାରଙ୍କ ପରିବହନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସାମିଲ କରିବା ପାଇଁ ବିଜେପି ତରଫରୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ଦାବୀ କରାଯାଇଛି । ଏହା ଦ୍ୱାରା ପଂଚାୟତ ନିର୍ବାଚନ ଅବାଧ ଓ ନିରପେକ୍ଷ ହେବା ସହ ସାଧାରଣ ଜନତାଙ୍କ ଆସ୍ଥାଭାଜନ ହୋଇପାରିବ ବୋଲି କୁହାଯାଇଛି । ସେହିପରି ଗୋଟିଏ ଜିଲ୍ଲା କିମ୍ବା ନିଜ ଜିଲ୍ଲାରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଥିବା ସରକାରୀ ଅଧିକାରୀଙ୍କୁ ଅନ୍ୟ ଜିଲ୍ଲାକୁ ବଦଳି କରିବା ପାଇଁ ମଧ କମିଶନଙ୍କ ନିକଟରେ ବିଜେପିର ପ୍ରତିନିଧି ଦଳ ସାକ୍ଷାତ କରି ଦାବୀ କରିଛନ୍ତି ।

ନିର୍ବାଚନରେ ବ୍ୟବହାର ହେବାକୁ ଥିବା ବ୍ୟାଲେଟ ପେପର ପ୍ରିଂଟିଂଗର ସ୍ୱଚ୍ଛତା ଓ ନିରପେକ୍ଷତା ପ୍ରତି ବିଶେଷ ଦୃଷ୍ଟି ଦେବା ପାଇଁ ବିଜେପି ପ୍ରତିନିଧି ଦଳ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ରମାରଂଜନ ବଳିୟାରସିଂ ଓ ସତ୍ୟବ୍ରତ ପଣ୍ଡା, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ବିଜେପି ଆଇନ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜୀବ ମଙ୍ଗଳ ପାଇଁ ରାଜ୍ୟ ସରକାରଙ୍କ ନୂତନ ଯୋଜନା ଆରମ୍ଭ କର୍ମଶାଳା ଆୟୋଜିତ

ଭୁବନେଶ୍ୱର,୧୨/୧୧ (ନି.ପ୍ର): ପ୍ରତ୍ୟେକ ପ୍ରାଣୀ ଏକ ଉତ୍ତମ ଜୀବନ ବଂଚିବାର ହକ୍‌ଦାର ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି । ଆଜି କୃଷିଭବନସ୍ଥିତ ପ୍ରେକ୍ଷାଳୟରେ ଜୀବ ମଙ୍ଗଳ ପାଇଁ ରାଜ୍ୟ ସରକାରଙ୍କ ନୂତନ ଯୋଜନା ଆରମ୍ଭ କର୍ମଶାଳାର ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଡ. ସାହୁ ଏହା କହିଛନ୍ତି । ମଣିଷର ସୁବିଧାବାଦୀ ଜୀବନଶୈଳୀ ପାଇଁ ବୁଲା ଓ ବେସାହାରା ପ୍ରାଣୀଙ୍କ ଜୀବନରେ ବିପର୍ଯ୍ୟୟ ସୃଷ୍ଟି ହେବା ଉଚିତ୍ ନୁହେଁ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ରାଜ୍ୟରେ ନୂତନ ଗୋରୁ ଆଶ୍ରୟ ଗୃହ /ଗୋଶାଳା ପ୍ରତିଷ୍ଠା ପାଇଁ ଜୀବ ମଙ୍ଗଳ ସହ ଜଡ଼ିତ ସ୍ୱେଚ୍ଛାସେବୀ ଅଣ-ସରକାରୀ ସଂଗଠନଗୁଡ଼ିକ ରାଜ୍ୟ ସରକାରଙ୍କଠାରୁ ଅନୁଦାନ ପାଇ ପାରିବେ। ମ୍ୟୁନିସିପାଲ କର୍ପୋରେସନ, ମ୍ୟୁନିସିପାଲିଟି ଏବଂ ଏନ୍.ଏ.ସି.ରେ ବୁଲା ଗୋରୁ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଗୋଶାଳା ପ୍ରତିଷ୍ଠା କରିବା ପାଇଁ ଯୋଗ୍ୟ ସଂଗଠନଗୁଡ଼ିକୁ ପୁଞ୍ଜି ଭିତିଭୂମି ସହାୟତା ଦିଗରେ ଏହି ଆର୍ଥିକ ସହାୟତା ପ୍ରଦାନ କରାଯିବ। ଗୋରୁ ଆଶ୍ରୟସ୍ଥଳର କ୍ଷମତାକୁ ଆଧାର କରି ସରକାର ୧୬ରୁ ୫୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏକକାଳୀନ ପୁଞ୍ଜି ଅନୁଦାନ ପ୍ରଦାନ କରିବେ। ଏହି ଯୋଜନା ଅନ୍ତର୍ଗତ ପ୍ରସ୍ତାବଗୁଡ଼ିକ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ନିକଟରେ ଦାଖଲ କରାଯିବ । ବୁଲା ଓ ବେସାହାରା ପ୍ରାଣୀଙ୍କୁ ଚିକିତ୍ସା ସେବା ଓ ଆଶ୍ରୟସ୍ଥଳ ପ୍ରଦାନ ନିମନ୍ତେ ଭିତିଭୂମି ନିର୍ମାଣ ଦିଗରେ ରାଜ୍ୟ ସରକାର ଜୀବ ମଙ୍ଗଳ ସହ ଜଡ଼ିତ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ସହାୟତା ଯୋଗାଇ ଦେବେ। ଏହି ଯୋଜନାଗୁଡ଼ିକ ରାଜ୍ୟ ଜୀବ ମଙ୍ଗଳ ବୋର୍ଡ ଦ୍ୱାରା ଜିଲ୍ଲା ଜୀବେ ନିଷ୍ଠୁରତା ନିରୋଧ ସମିତି ମାଧ୍ୟମରେ କାର୍ଯ୍ୟକାରୀ ହେବ। ପ୍ରାଣୀ ଚିକିତ୍ସାଳୟ , କ୍ଲିନିକ୍, ପ୍ରାଣୀ ସ୍ୱାସ୍ଥ୍ୟସେବା ଭିତିଭୂମି, ଅପରେସନ ଥିଏଟର, ଯନ୍ତ୍ରପାତି, ପଶୁ ପରିବହନ ପାଇଁ ଯାନ, ଅସୁସ୍ଥ ତଥା ପରିତ୍ୟକ୍ତ ପଶୁମାନଙ୍କ ପାଇଁ ଆଶ୍ରୟ ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଯୋଗ୍ୟ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଏହି ଯୋଜନା ଅନ୍ତର୍ଗତ ଏକାଧିକ ଉପାଦାନ ପାଇଁ ସମୁଦାୟ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପାଇ ପାରିବେ। ପଶୁ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏବଂ ପ୍ରାଣୀ ଚିକିତ୍ସା ହେଲ୍‌ପ ଲାଇନ୍ ସୁଦୃଢ଼ କରାଯିବ ଏବଂ ଭୁବନେଶ୍ୱର, କଟକ, ପୁରୀ, ସମ୍ବଲପୁର, ଅନୁଗୁଳ, ଜଗତସିଂହପୁର, ବାରିପଦା, ବ୍ରହ୍ମପୁର, ବାଲେଶ୍ୱର, ଭବାନୀପାଟଣା, ରାଉରକେଲା ଏବଂ ଯାଜପୁର ସମେତ ରାଜ୍ୟର ପ୍ରମୁଖ ସହରାଞ୍ଚଳରେ ଏହା କାର୍ଯ୍ୟକାରୀ ହେବ । କର୍ମଶାଳାରେ ବକ୍ତବ୍ୟ ରଖି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ, ଏହି ଯୋଜନାଗୁଡ଼ିକ ରାଜ୍ୟରେ ବୁଲା ଓ ବେସାହାରା ପ୍ରାଣୀଙ୍କ କଲ୍ୟାଣ ପାଇଁ ବାଟ ଫିଟାଇବ । ଏହି କର୍ମଶାଳାରେ ସ୍ୱେଚ୍ଛାସେବୀ ସଂଗଠନ, ପୌରପାଳିକା ପ୍ରତିନିଧି, ବିଭାଗୀୟ ଅଧିକାରୀମାନେ ଏବଂ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଜିଲ୍ଲାସ୍ତରୀୟ ପ୍ରାଣୀ ଚିକିତ୍ସକମାନେ ଅଂଶଗ୍ରହଣ କରିଥିଲେ ।

# ଜଳ ଯୋଗାଣ କର୍ମଚାରୀଙ୍କ ପ୍ରସ୍ତାବିତ ଆନ୍ଦୋଳନ ସ୍ଥଗିତ

ଭୁବନେଶ୍ୱର,୧୨/୧୧ (ନି.ପ୍ର): ଓଡିଶା ପାଇପ୍ ଜଳ କର୍ମଚାରୀ ସଂଘ ପକ୍ଷରୁ ଆସନ୍ତକାଲି ଦିଆଯାଇଥିବା ଆନ୍ଦୋଳନ ଡାକରାକୁ ସ୍ଥଗିତ ରଖାଯାଇଛି । ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ମାନ୍ୟତା ନଦେବା, କାର୍ଯ୍ୟରତ କର୍ମଚାରୀମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ନଦେବା, ଗ୍ରାମାଂଚଳର ଏସ୍.ଆର.ଏମ୍ ଓ ଠିକା କର୍ମଚାରୀ ମାନଙ୍କୁ ଦୈନିକ ମଜୁରୀ ପ୍ରଦାନ ନକରିବା ସର୍ବୋପରି ଆଲୋଚନା ମାଧ୍ୟମରେ କାର୍ଯ୍ୟ ଓ କାର୍ଯ୍ୟସ୍ଥଳୀରେ ଉପୁଜୁଥିବା ଅସମାନତାକୁ ଦୂର ନକରିବା ଆଦି ବିଭିନ୍ନ ଦାବି ନେଇ ରାଜ୍ୟର ଓଡ଼ିଶା ପାଇପ ଜଳ କର୍ମଚାୀ ସଂଘ ପକ୍ଷରୁ ୧୨ ତାରିଖ ମଧ ରାତ୍ରିରୁ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ ଡ଼ାକରା ଦିଆଯାଇଥିଲା । ସରକାରଙ୍କ ପକ୍ଷରୁ ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗ ପରିଚାଳନା ନିର୍ଦ୍ଦେଶକ ୱାଟ୍‌କୋ, ଜନସ୍ୱାସ୍ଥ୍ୟ ବିଭାଗ ଉପାଦେଷ୍ଟା, ଅନ୍ୟାନ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘ ଏହି ସବୁ ଦାବୀ ଉପରେ ୯ ତାରିଖରେ ଏକ ଆଲୋଚନା କରି ଚଳିତ ବର୍ଷ ଡ଼ିସେମ୍ବର ମାସ ଶେଷ ମଧ୍ୟରେ ସମସ୍ତ ଦାବୀକୁ ସମାଧାନ କରିବା ପାଇଁ ନିଷ୍ପତି ଗ୍ରହଣ କରିଛନ୍ତି । ଦାବୀପ୍ରତି ସରକାର ସମ୍ବେଦନଶୀଳ ସହ ବିଚାର କରିଥିବାରୁ ପ୍ରସ୍ତାବିତ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖାଗଲା ବୋଲି ଆଜି କେନ୍ଦ୍ରୀୟ ଶ୍ରମିକ ସଂଗଠନ ହିନ୍ଦ୍ ମଜଦୁର ସଭାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି ।

## ୧୫ରୁ ବିଏଡ୍ ନାମଲେଖା : ୧୭ରୁ କ୍ଲାସ

ଭୁବନେଶ୍ୱର ,୧୨/୧୧ (ନି.ପ୍ର): ୨୦୨୧-୨୩ ଶିକ୍ଷାବର୍ଷରେ ବିଏଡ୍ ପାଠ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟ ନାମଲେଖା ୧୫ ଓ ୧୬ ତାରିଖରେ ଅନୁଷ୍ଠିତ ହେବ। ନାମଲେଖା ସମୟରେ ଛାତ୍ରଛାତ୍ରୀ ଇଣ୍ଟିମେସନ ଲେଟର ସମେତ ଅନ୍ୟ ସମସ୍ତ ଡକ୍ୟୁମେଣ୍ଟ ଦାଖଲ କରିବେ। ତେଣୁ କଲେଜଗୁଡ଼ିକ ଏଦିଗରେ କଡ଼ା ପଦକ୍ଷେପ ଗ୍ରହଣ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଜି ସମସ୍ତ ବିଏଡ୍ ପାଠ୍ୟକ୍ରମ ଥିବା କଲେଜ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ଅତିରିକ୍ତ ସଚିବ ରମାକାନ୍ତ ନାୟକ କହିଛନ୍ତି ଯେ ନାମଲେଖା ସମୟରେ ଇଣ୍ଟିମେସନ ଲେଟରରେ ଉଲ୍ଲେଖ ଥିବା ଛାତ୍ରଛାତ୍ରୀଙ୍କ ଓରିଜିନାଲ ଡକ୍ୟୁମେଣ୍ଟ ତଥା ସାର୍ଟିଫିକେଟ୍‌କୁ ଭଲ ଭାବେ ଯାଞ୍ଚ କରାଯିବା ଆବଶ୍ୟକ। ଆବଶ୍ୟକୀୟ ଫି’ ଗ୍ରହଣ କରିବା ପରେ ନାମଲେଖାଇବା ଦିଗରେ ପଦକ୍ଷେପ ନେବେ। ଡକ୍ୟୁମେଣ୍ଟ ଓ ଆପ୍ଲିକେସନ ଫର୍ମରେ ଯଦି କେଉଁଣସି ପ୍ରକାର ତ୍ରୁଟି ପରିଲକ୍ଷିତ ହୁଏ ତେବେ ତୁରନ୍ତ ଶିକ୍ଷକ ଶିକ୍ଷା ସେକ୍ସନକୁ ପଠାଇବାକୁ କଲେଜ ଅଧକ୍ଷମାନଙ୍କୁ କୁହାଯାଇଛି। ନଭେମ୍ବର ୧୭ରୁ ଛାତ୍ରଛାତ୍ରୀଙ୍କ ନାମଲେଖା ଅନୁଷ୍ଠିତ ହେବ।

# ଶୌଚାଳୟ ନିର୍ମାଣ ଅର୍ଥକୁ ବାଟମାରଣା ବିରୁଦ୍ଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବିଜେପି : ସମୀର ମହାନ୍ତି

ଭୁବନେଶ୍ୱର,୧୨/୧୧ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୦୧୪ ମସିହା ଅକ୍ଟୋବର ୨ ତାରିଖ ଦିନ ଏହି ସ୍ୱଚ୍ଛ ଭାରତ ଅଭିଯାନର ଶୁଭାରମ୍ଭ କରିଥିଲେ । ସମଗ୍ର ଦେଶରେ ସ୍ୱଚ୍ଛଭାରତ ଅଭିଯାନ ପାଇଁ ମୋଦି ସରକାର ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ଅନୁଦାନ ପ୍ରାରମ୍ଭରୁ ଯୋଗାଇ ଆସୁଛନ୍ତି । ବିଶେଷ ଭାବେ ପ୍ରତିଟି ଘରେ ଶୌଚାଳୟ ନିର୍ମାଣ ପାଇଁ ପ୍ରାଧାନ୍ୟ ଦିଆଯାଉଛି । ବାହ୍ୟ ମଳମୁକ୍ତ, ନିର୍ମଳ ପରିବେଶ ପ୍ରତିଷ୍ଠା, ମହାପୁରୁଷଙ୍କ ପ୍ରତିମୂର୍ତ୍ତୀର ସଫେଇ ଆଦି କାର୍ଯ୍ୟକୁ ସର୍ବବ୍ୟାପୀ କରିବା ପାଇଁ ବିଜେପି ସ୍ୱଚ୍ଛଭାରତ ପ୍ରକୋଷ୍ଠ ତରଫରୁ ସବୁବେଳେ କାର୍ଯ୍ୟ ଜାରୀ ରହିଥାଏ । ବିଜେପି ସ୍ୱଚ୍ଛ ଭାରତ ଅଭିଯାନ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ମହେଶ ମହାନ୍ତିଙ୍କ ଆବାହକତ୍ୱରେ ଆଜି ରାଜ୍ୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସମସ୍ତ ଜିଲ୍ଲା ସଂଯୋଜକମାନେ ଯୋଗ ଦେଇଥିଲେ । ଏହି ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱଚ୍ଛ ଭାରତ ଅନ୍ତର୍ଗତ ଶୌଚାଳୟ ନିର୍ମାଣ ପାଇଁ ଓଡିଶା ରାଜ୍ୟକୁ ଆସିଥିବା ଅନୁଦାନକୁ ଶାସକ ବିଜେଡିର ମନ୍ତ୍ରୀ, ବିଧାୟକ ଓ ନେତାମାନେ ମିଳିତ ଭାବେ ବାଟମାରଣା କରି ପ୍ରକୃତ ହିତାଧିକାରୀଙ୍କୁ ବଂଚିତ ରଖିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ଜନବିରୋଧୀ କାର୍ଯ୍ୟ ବିରୁଦ୍ଧରେ ଭାରତୀୟ ଜନତା ପାର୍ଟି ଆନ୍ଦୋଳନ କରିବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ଓଡିଶାର ଯେଉଁ ଯେଉଁ ସ୍ଥାନକୁ ମମିତା ହତ୍ୟାକାଣ୍ଡର ମୁଖ୍ୟ ଷଡଯନ୍ତ୍ରକାରୀ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆଇନମନ୍ତ୍ରୀ ପ୍ରତାପ ଜେନା ଗସ୍ତ କରିବେ; ସେହି ସ୍ଥାନକୁ ଗୋବର ପାଣିରେ ସଫେଇ ଅଭିଯାନ ହେବାର ନିଷ୍ପତି ହେବା ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ସ୍ୱଚ୍ଛ ଭାରତ ଅନ୍ତର୍ଗତ ଶୌଚାଳୟ ନିର୍ମାଣ ପାଇଁ ଆସିଥିବା ବ୍ୟାପକ ଅର୍ଥକୁ ଯେଉଁ ବାଟମାରଣା କରାଯାଇଛି ତାକୁ ନେଇ ଭାରତୀୟ ଜନତାପାର୍ଟି ଆନ୍ଦୋଳନ କରିବା ସହ ନେତୃତ୍ୱର ବିକାଶ ସହିତ ସମସ୍ତଙ୍କୁ ଯୋଡିବା “ସେବା ହିଁ ସଂଗଠନ” ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି କହିଛନ୍ତି । ବିଜେପି ସ୍ୱଚ୍ଛ ଭାରତ ଅଭିଯାନ ଜିଲ୍ଲା କମିଟି ଗଠନ ଆସନ୍ତା ନଭେମ୍ବର ୩୦ ମଧ୍ୟରେ ସାରିବା ଓ ସ୍ୱଚ୍ଛଭାରତର ଜିଲ୍ଲା ବୈଠକ ଡିସେମ୍ବର ୨୦ ମଧ୍ୟରେ ସାରି ଆଗାମୀ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିବାକୁ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ ମହାନ୍ତି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କର ପରିଚୟ ସ୍ୱଚ୍ଛଭାରତ ଅଭିଯାନ ବିଜେପି ରାଜ୍ୟ ସହ ସଂଯୋଜକ ମହେଶ ମିଶ୍ର କରିଥିଲେ ।

## ପୁରସ୍କାର ଅର୍ଥରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କଲେ ଲେଖିକା ନିର୍ମଳପ୍ରଭା ନାୟକ



ଭୁବନେଶ୍ୱର ,୧୨/୧୧ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମି ଦ୍ୱାରା ପୁରସ୍କୃତ ହୋଇଥିବା ବିଶିଷ୍ଟ ଲେଖିକା ନିର୍ମଳପ୍ରଭା ନାୟକ ନିଜ ପୁରସ୍କାର ଅର୍ଥରାଶିକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଛନ୍ତି । ଓଡ଼ିଶାର ସୁନାମଧନ୍ୟ ଲେଖକ ଓ ଲେଖିକାମାନଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମି ଗତ କିଛି ଦିନ ତଳେ ପୁରସ୍କୃତ କରିଥିଲା । ସାହିତ୍ୟ ଜଗତକୁ ତାଙ୍କର କୃତୀ ପାଇଁ ଶ୍ରୀମତୀ ନାୟକଙ୍କୁ ଏକ ଲକ୍ଷ ଟଙ୍କା ଅର୍ଥରାଶି ଓ ଏକାଡେମି ପ୍ରଦତ୍ତ ସମ୍ମାନ ପ୍ରଦାନ କରାଯାଇଥିଲା । ଏକାଡେମିର ସଭାପତି ହୃଷୀକେଶ ମଲ୍ଲିକ ବ୍ୟକ୍ତିଗତ ଭାବେ ଶ୍ରୀମତୀ ନାୟକଙ୍କୁ ଭେଟି ତାଙ୍କୁ ପୁରସ୍କୃତ କରିଥିଲେ । ଶ୍ରୀମତୀ ନାୟକଙ୍କ ଲିଖିତ ଅନେକ ରଚନା ମଧ୍ୟରୁ ‘ସାୟାହ୍ନର ସ୍ମୃତି’ ପୁସ୍ତକଟି ବିଭିନ୍ନ ମହଲରେ ପ୍ରଶଂସିତ ହୋଇଥିଲା । ଏହି ପୁସ୍ତକଟି ଗତ ୨ ବର୍ଷ ତଳେ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ମାନିକ ସରକାରଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଉତ୍ସବରେ ଭୁବନେଶ୍ୱରଠାରେ ଲୋକାର୍ପିତ ହୋଇଥିବା ବେଳେ ଏହାର ଇଂରାଜୀ ଅନୁବାଦ ‘ଟ୍ୱିଲାଇଟ୍ ମେମୋରିଜ୍’ ପୁସ୍ତକ ଗତବର୍ଷ ବିଚାରପତି ଅନଙ୍ଗ ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପାଟକୁରାର ପୂର୍ବତନ ବିଧାୟକ ତଥା ବିଜୁବାବୁଙ୍କ ଘନିଷ୍ଠ ସହଯୋଗୀ ଲେଖିକାଙ୍କ ସ୍ୱାମୀ ସ୍ୱର୍ଗତ ରାଜକିଶୋର ନାୟକଙ୍କ କର୍ମମୟ ଜୀବନ ଉପରେ ପୁସ୍ତକଟି ପର୍ଯ୍ୟବସିତ ।

## ମମିତା ମହେର ହତ୍ୟାକାଣ୍ଡ

# ଜାତୀୟ ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶ ପରେ ମଧ କ୍ରାଇମବ୍ରାଂଚ ତଦନ୍ତ ନିର୍ଦ୍ଦେଶ ଦେଉନାହାଁନ୍ତି – କଂଗ୍ରେସ

ଭୁବନେଶ୍ୱର,୧୨/୧୧ (ନି.ପ୍ର): ମମିତା ମେହର ହତ୍ୟାକାଣ୍ଡ ଘଟଣାରେ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ପ୍ରଦେଶ କଂଗ୍ରେସ ଆଜି ଆଉ ଏକ ସନ୍‌ସନି ଖୁଲାସା କରିଛି । ରାଜ୍ୟ ଗୃହ ବିଭାଗ, ଜାତୀୟ ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶକୁ ମଧ ଖୁଲମ୍‌ଖୋଲା ବେଖାତିର କରୁଛି ବୋଲି ପ୍ରଦେଶ କଂଗ୍ରେସ ଅଭିଯୋଗ କରିଛି ।

ଆଜି କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମିଡ଼ିଆ କନ୍‌ଭେନର ସତ୍ୟ ପ୍ରକାଶ ନାୟକ ମାନବାଧିକାର ଆୟୋଗଙ୍କ ଅର୍ଡ଼ର କପିକୁ ଆଧାର କରି ରାଜ୍ୟ ଗୃହମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଗତ ୨୩ ଅକ୍ଟୋବର ୨୦୨୧ ରେ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଭଜମନ ବିଶ୍ୱାଳ ନାମକ ଜୈନିକ ମାନବାଧିକାର କର୍ମୀ ଏକ ଯାଚିକା ଦାଏର କରିଥିଲେ । ଗତ ୨୭ ତାରିଖ ଦିନ ମାନ୍ୟବର ମାନବାଧିକାର ଆୟୋଗ ଏହାକୁ ଗ୍ରହଣ କରିବା ସହ ଏହାର ଶୁଣାଣୀ କରି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସଂପୃକ୍ତି ଅଭିଯୋଗ ଅତ୍ୟନ୍ତ ଚିନ୍ତାଜନକ ବୋଲି କହିଛନ୍ତି । ପିଟିସନର ଶୁଣାଣୀ କରି ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ରାଜ୍ୟ ସରକାର ତୁରନ୍ତ କ୍ରାଇମବ୍ରାଂଚ ତଦନ୍ତ କରନ୍ତୁ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର କ୍ଷୋଭର ବିଷୟ ୧୫ ଦିନ ବିତିଯାଇଥିଲେ ମଧ ମୁଖ୍ୟମନ୍ତ୍ରୀ ଏଯାଏଁ ଏ ଘଟଣାର ତଦନ୍ତ କ୍ରାଇମ୍‌ବ୍ରାଂଚକୁ ହସ୍ତାନ୍ତର କରିନାହାଁନ୍ତି ବୋଲି କହିଛନ୍ତି ସତ୍ୟ ପ୍ରକାଶ ନାୟକ । ତାଛଡ଼ା ଉଭୟ ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ପୋଲିସ୍ ବିରୁଦ୍ଧରେ ଅଭିଯୋଗ ଥିବା ସତ୍ତ୍ୱେ କାହିଁକି ମମିତାଙ୍କ ତଦନ୍ତ ପୂର୍ବରୁ ଉକ୍ତ ଜିଲ୍ଲାର ଏସପିଙ୍କୁ ବଦଳି କରାଗଲା ନାହିଁ ବୋଲି ପ୍ରଶ୍ନ କରିଛନ୍ତି ସତ୍ୟପ୍ରକାଶ ନାୟକ । ମମିତା ମେହେର ମାମଲାରେ କଂଗ୍ରେସ ବିରୋଧି ରାଜନୀତି କରୁଛି ବୋଲି ବିଜେଡ଼ିର ଅଭିଯୋଗ ପରେ କଂଗ୍ରେସ କହିଛି ଯେ ରାଜ୍ୟର ସ୍ୱାର୍ଥ, ରାଜ୍ୟର ନାରୀ ଓ ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ପାଇଁ କଂଗ୍ରେସ ରାଜନୀତି କରିବ । ବାକି ଏ ଘଟଣା ରାଜ୍ୟର ନୀତିକୁ ପ୍ରଭାବିତ କରୁଛି । ତେଣୁ କଂଗ୍ରେସ ଏହାକୁ ବିରୋଧ କରିବ ମାତ୍ର ବିଜେଡ଼ି ଭଳି କୁଟନୀତି ବା ଖଳନୀତି କଂଗ୍ରେସ କରିବ ନାହିଁ ବୋଲି ଶ୍ରୀ ନାୟକ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଓ ଗଣାମଧମ ସଂଯୋଜକ ଦୀପକ କୁମାର ମହପାତ୍ର ଉପସ୍ଥିତ ଥିଲେ ।

## ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୨୬୩ କରୋନା ପଜିଟିଭ୍ ଚିହ୍ନଟ, ୪୪ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୧୨/୧୧ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୨୬୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୫୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୧୧୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୪୪ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୨୯ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୭ ଜଣ, ଭଦ୍ରକରୁ ୨ ଜଣ, ବଲାଙ୍ଗୀରରୁ ୨ ଜଣ, କଟକରୁ ୨୧ ଜଣ, ଦେବଗଡ଼ରୁ ୭ ଜଣ, ଢେଙ୍କାନାଳରୁ ୧୦ ଜଣ, ଗଜପତିରୁ ୯ ଜଣ, ଗଞ୍ଜାମରୁ ୩ ଜଣ, ଜଗତସିଂହପୁରରୁ ୨ ଜଣ, ଯାଜପୁରରୁ ୧୦ ଜଣ, ଝାରସୁଗୁଡ଼ାରୁ ୧ ଜଣ, କେନ୍ଦ୍ରାପଡ଼ାରୁ ୨ ଜଣ, କେନ୍ଦୁଝରରୁ ୨ ଜଣ, ଖୋର୍ଦ୍ଧାରୁ ୧୨୯ ଜଣ, କୋରାପୁଟରୁ ୧ ଜଣ, ମୟୂରଭଞ୍ଜରୁ ୪ ଜଣ, ନବରଙ୍ଗପୁରରୁ ୨ ଜଣ, ପୁରୀରୁ ୭ ଜଣ, ସମ୍ବଲପୁରରୁ ୬ ଜଣ, ସୁନ୍ଦରଗଡ଼ରୁ ୯ ଜଣ ଓ ଷ୍ଟେଟ ପୁଲରୁ ୩୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୪୪ ହଜାର ୯୬୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟର ନମୁନା ସର୍ଭେ ରିପୋର୍ଟ : ପ୍ରବାସୀ ଶ୍ରମିକଙ୍କ ସ୍ଥିତି ଶୋଚନୀୟ

ଭୁବନେଶ୍ୱର ,୧୨/୧୧ (ନି.ପ୍ର): ବନ୍ଧକ ପଡ଼ିଛନ୍ତି ଦାଦନ ଶ୍ରମିକ । ଉଦ୍ଧାର ପାଇଁ ନିବେଦନ କରୁଛନ୍ତି ପରିବାର । ଏମିତି ବି ଅଭିଯୋଗ ଆସୁଛି ଯେ ସେମାନଙ୍କୁ ପ୍ରାପ୍ୟରୁ ବଞ୍ଚିତ କରାଯାଉଛି, ମାନସିକ, ଶାରୀରିକ ନିର୍ଯାତନା ବି ଦିଆଯାଉଛି । କେବଳ ସେତିକି ନୁହେଁ, ବାହାର ରାଜ୍ୟରେ କେଉଁଠି ଓଡ଼ିଆ ଶ୍ରମିକଙ୍କ ହାତ କାଟିଦେଲେଣି ତ ଆଉ କେଉଁଠି କାମ ପାଇଁ ଯାଇ ଶବ ହୋଇ ଫେରୁଛନ୍ତି । ମହିଳା ଶ୍ରମିକଙ୍କ ଅବସ୍ଥା ନକହିଲେ ଭଲ । ଅଧାରୁ ପିଲାଙ୍କ ପାଠର ଡୋରି ବନ୍ଦ ହୋଇଯାଉଛି । ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଗୋଆ, ଦିଲ୍ଲୀ ଭଳି ରାଜ୍ୟ ବାହାରେ କାର୍ଯ୍ୟ କରୁଥିବା ଓଡ଼ିଆ ଶ୍ରମିକଙ୍କ ଦୁର୍ଦ୍ଦଶାର ଏଭଳି ଲୋମଟାଙ୍କୁରା ଚିତ୍ର ବିଭିନ୍ନ ସମୟରେ ସାମ୍ନାକୁ ଆସୁଛି । ଏହାକୁ ରାଜ୍ୟ ସରକାର ଯେତେ ଗୁରୁତ୍ୱ ଦେବା କଥା ତାହା ଏଯାଏ ଦେଖାଯାଇନାହିଁ । ଏପରିକି ଲକଡାଉନ୍ ସମୟରେ ବାହାର ରାଜ୍ୟରୁ ଚାଲିଆସିଥିବା ହଜାର ହଜାର ଶ୍ରମିକଙ୍କୁ ରାଜ୍ୟରେ ରୋକିବା ସମ୍ଭବ ହୋଇନାହିଁ । ଏସବୁ ଭିତରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସେଣ୍ଟର ଅଫ ଏକ୍ସଲେନ୍ସ ରିଜିନାଲ ଡେଭଲପମେଣ୍ଟ ଏବଂ ଟ୍ରାଇବଲ ଷ୍ଟଡି ପକ୍ଷରୁ କରାଯାଇଥିବା ସର୍ଭେ ଆହୁରି ଏକ ଚାଞ୍ଚଲ୍ୟକର ରିପୋର୍ଟ ସାମ୍ନାକୁ ଆଣିଛି । ଏହି ରିପୋର୍ଟ ବୟାନ କରୁଛି ଯେ ଅତ୍ୟନ୍ତ କଷ୍ଟଦାୟକ ସ୍ଥିତିରେ, ଏତେ ଘଣ୍ଟା ଧରି କାର୍ଯ୍ୟ କରିବା ପରେବି ବାହାର ରାଜ୍ୟରେ କାର୍ଯ୍ୟ କରୁଥିବା ଏହି ପ୍ରବାସୀ ଶ୍ରମିକ ଆର୍ଥିକ ଦୃଷ୍ଟିରୁ ସଶକ୍ତ ହୋଇପାରୁନାହାନ୍ତି । କାରଣ ସେମାନେ ନିଜ ଆୟର ମୁଖ୍ୟ ଅଂଶ ଖାଇବାରେ ଏବଂ ନିଜର ସର୍ବନିମ୍ନ ଆବଶ୍ୟକତା ପୂରଣରେ ଖର୍ଚ୍ଚ କରୁଛନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟ ସେଣ୍ଟର ଏକ୍ସଲେନ୍ସର ନୋଡାଲ ଅଧିକାରୀ ତଥା ସୋସିଓଲୋଜି ବିଭାଗ ପ୍ରଫେସର ଅରୁଣ ଆଚାର୍ଯ୍ୟଙ୍କ ସୂଚନା ଅନୁସାରେ, ପଶ୍ଚିମ ଓଡ଼ିଶାର ୩୯୪ ପରିବାରକୁ ନେଇ ଏହି ନମୁନା ସର୍ଭେ କରାଯାଇଥିଲା । ଏଥିରେ ବରଗଡ଼ର ୨୦୫, ସମ୍ବଲପୁରର ୪୦, ବଲାଙ୍ଗୀରର ୮୮, ଝାରସୁଗୁଡ଼ାର ୧୦, ସୁନ୍ଦରଗଡ଼ର ୬, ସୁବର୍ଣ୍ଣପୁରର ୧୭, ଦେବଗଡ଼ର ୨୮ ପରିବାର ରହିଛନ୍ତି । ଏହି ରିପୋର୍ଟ ଅନୁଯାୟୀ, ୮୭.୮ ପ୍ରତିଶତ ଆର୍ଥିକ ସୁଯୋଗ ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି । ଏଥିମଧ୍ୟରୁ ୪୬.୭ ପ୍ରତିଶତ ତାମିଲନାଡୁ, ୧୩.୭ ପ୍ରତିଶତ ଆନ୍ଧ୍ରପ୍ରଦେଶକୁ ଯାଆନ୍ତି ।

# ସାର ଚିନ୍ତା ବଢ଼ିଲାଣି : ମାତ୍ରାଧିକ ବ୍ୟବହାର ଅଭ୍ୟାସ କରାଇଲେ, ଏବେ ଦେଇପାରୁନାହାନ୍ତି

ଭୁବନେଶ୍ୱର,୧୨/୧୧ (ନି.ପ୍ର): ଚାଷୀଙ୍କୁ ଅତ୍ୟଧିକ ରାସାୟନିକ ସାର ବ୍ୟବହାରର ଅଭ୍ୟାସ କରାଇଦେଲେ । ଏବେ ଦରକାର ବେଳକୁ ଯୋଗାଣ କରିପାରୁ ନାହାନ୍ତି କେନ୍ଦ୍ର ସରକାର । ସ୍ଥିତି ଏମିତି ଯେ ଓଡ଼ିଶାରେ ସାର ସଙ୍କଟ ଏବେ କୃଷି ପାଇଁ ବିପଦ ଆଣିଦେଲେଣି । କାରଣ ରାଜ୍ୟର ବାରମ୍ବାର ଚାପ ସତ୍ତ୍ୱେ କେନ୍ଦ୍ର ସରକାର ଚାଷୀକୁ ଆବଶ୍ୟକ ସାର ଯୋଗାଇ ପାରିଲେ ନାହିଁ । ଏଣୁ ପରିସ୍ଥିତିର ଗମ୍ଭୀରତା ଉପଲବ୍ଧି କରି ରାଜ୍ୟ ସରକାର ଆଗାମୀ ଦିନ ପାଇଁ ବିକଳ୍ପ ରାସ୍ତା ଖୋଜୁଛନ୍ତି । ଏହି କ୍ରମରେ ପାରମ୍ପରିକ ଜୈବିକ ସାର ବାୟୋ ଫର୍ଟିଲାଇଜର, ଭର୍ମି କମ୍ପୋଷ୍ଟ ବ୍ୟବହାର ବୃଦ୍ଧି ପାଇଁ ସରକାରୀସ୍ତରରେ ଚିନ୍ତନ ଆରମ୍ଭ ହୋଇଛି । ଇତିମଧ୍ୟରେ ଏସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କୃଷି ଭବନରେ ଅନୁଷ୍ଠିତ ହୋଇଥିଲା । ତେବେ ପ୍ରଶ୍ନ ଉଠୁଛି, ରାସାୟନିକ ସାର ଯୋଗୁଁ ପାରମ୍ପରିକ ଜୈବିକ ସାର ବ୍ୟବହାରକୁ ଗୌଣ କରି ଦିଆଗଲା । ଏବେ ବିଷାକ୍ତ ହୋଇ ପଡ଼ିଥିବା ମାଟିକୁ ପାରମ୍ପରିକ ସାର କେତେ ସୁହାଇବ ? ରାଜ୍ୟ କୃଷି ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଅନ୍ତର୍ଜାତୀୟ ବଜାରରେ ୩ ମାସ ମଧ୍ୟରେ ରାସାୟନିକ ସାରର ଦର ପୁଣି ୫୦ ପ୍ରତିଶତ ବୃଦ୍ଧି ପାଇଛି । ସୀମା ବିବାଦ ଯୋଗୁଁ ଚାଇନା ପରିବହନ ଦର ବୃଦ୍ଧି କରିବା ଏହାର ଅନେକ କାରଣ ମଧ୍ୟରୁ ଗୋଟିଏ । ଏହାର ସିଧା ପ୍ରଭାବ ଏବେ ସାର ବଜାର ଉପରେ ପଡ଼ିଲାଣି । ତିନି ବର୍ଷ ହେଲା ଦେଶରେ ସାର ଷ୍ଟକ ହ୍ରାସ ପାଇବାରେ ଲାଗିଛି । ରିପୋର୍ଟ କହୁଛି, ୨୦୧୯ ସେପ୍ଟେମ୍ବର ୩୦ ସୁଦ୍ଧା ଦେଶରେ ୨୦ ହଜାର ୯୦ ମେଟ୍ରିକ ଟନ୍ ଥିଲା । ୨୦୨୦ ମସିହାରେ ୧୬ ହଜାର ୨୩୭ ମେଟ୍ରିକ ଟନ୍, ୨୦୨୧ରେ ୧୧ ହଜାର ୫୨୪ ମେଟ୍ରିକ ଟନ୍‌ର ୟୁରିଆ, ଡିଏପି, ପଟାସ ଏବଂ ଏନପିକେ ସାର ଗଚ୍ଛିତ ରହିଛି । ଅର୍ଥାତ ପ୍ରତିବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ସାର କ୍ରୟ ପରିମାଣ ହ୍ରାସ ପାଇବାରେ ଲାଗିଛି । ଏହାର ସିଧାସଳଖ ପ୍ରଭାବ ଏବେ ରାଜ୍ୟମାନଙ୍କ ଉପରେ ପଡ଼ିଲାଣି । ବିଶେଷକରି ଓଡ଼ିଶା ଭଳି ଅଣବିଜେପି ରାଜ୍ୟକୁ ସାର ଯୋଗାଣ କ୍ଷେତ୍ରରେ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି ।

ଚଳିତ ଖରିଫ୍ ଋତୁରେ ଓଡ଼ିଶାକୁ ୯ ଲକ୍ଷ ମେଟ୍ରିକ ଟନ୍ ସାରର ଆବଶ୍ୟକତା ଥିଲା । କିନ୍ତୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟକୁ ମାତ୍ର ୬ ଲକ୍ଷ ୮୪ ହଜାର ମେଟ୍ରିକ ଟନ୍ ଦିଆଗଲା । ସାର ପାଇଁ ଚାଷୀ ଅନେକ ଦହଗଞ୍ଜ ହେଲେ । ବିଶେଷକରି ଜଳସେଚିତ ଅଞ୍ଚଳରେ ମାଟିରେ ଅତ୍ୟଧିକ ସାର ଦେଇ ଏଭଳି କରାଯାଇଛି ଯେ ବିନା ରାସାୟନିକ ସାରରେ ଭଲ ଫସଲ ହେଉ ନାହିଁ । ଏଣୁ ଖରିଫ ଫସଲ ଉତ୍ପାଦନ ଉପରେ ଏହାର କିଛି ପ୍ରଭାବ ପଡ଼ିପାରେ । ଏବେ ରବିରେ ମଧ ସ୍ଥିତି ଆହୁରି ଗମ୍ଭୀର ହେଲାଣି । ରବିରେ ୩ ଲକ୍ଷ ୫୫ ହଜାର ମେଟ୍ରିକ ଟନ୍ ସାରର ଆବଶ୍ୟକତା ନେଇ ଆକଳନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୫୯ ହଜାର ମେଟ୍ରିକ ଟନ୍ ସାର କେନ୍ଦ୍ର ସରକାର ରାଜ୍ୟକୁ ଦେଇଛନ୍ତି । ଜାନୁଆରି, ଫେବ୍ରୁଆରି ମାସରେ ରବି ଫସଲ ପାଇଁ ସାରର ସର୍ବାଧିକ ଆବଶ୍ୟକତା ରହିଛି । ତେଣୁ ସେହି ସମୟରେ ବକେୟା ସାର ପହଞ୍ଚିବା ଏକ ପ୍ରକାର ଅସମ୍ଭବ ବୋଲି କୁହାଯାଉଛି । ବିଶେଷଜ୍ଞମାନେ କହୁଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ସାରର ଅଧିକାଂଶ ଭାଗ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଗୁଜରାଟକୁ ଯୋଗାଣ କରାଯାଉଛି । ହେଲେ ଏହାର ସ୍ଥାୟୀ ସମାଧାନ ରାସ୍ତା ଏଯାଏ ବାହାରି ପାରିନାହିଁ । ଏପରିକି କେନ୍ଦ୍ର ସରକାର ଯେଉଁ ଉଦ୍ୟମ କରିଛନ୍ତି, ତାହା ବି ଶତ ପ୍ରତିଶତ ଫଳପ୍ରସୂ ହୋଇପାରିନାହିଁ । ଗୋଟିଏ ଉଦାହରଣ ନେଲେ ଏହା ସ୍ପଷ୍ଟ ହୋଇଯିବ । ରାସାୟନିକ ସାର ସଙ୍କଟର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଳଚେର ସମେତ ଦେଶର ୫ଟି ସ୍ଥାନରେ ଗ୍ୟାସ ଭିତ୍ତିକ ସାର କାରଖାନା ପୁନରୁଦ୍ଧାର ପାଇଁ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଛି । ତାଳଚେର ସାର କାରଖାନାର ପୁନରୁଦ୍ଧାର କାର୍ଯ୍ୟ ଚାଇନାର ଏକ କମ୍ପାନିକୁ ଦିଆଯାଇଥିଲା । ୨୦୨୩ ସୁଦ୍ଧା ଏହା ସାରିବାକୁ ନିଷ୍ପତ୍ତି ହୋଇଥିଲା । ଗତବର୍ଷର ସୀମା ବିବାଦ ପରେ ଏହି କମ୍ପାନି ଅଧାରୁ କାମ ଛାଡ଼ି ଯାଇଛି ଯେ ଆଜି ପର୍ଯ୍ୟନ୍ତ ଫେରି ନାହିଁ ।

## ଫକୀରମୋହନ ସାହିତ୍ୟ ପରିଷଦର ମୁଖପତ୍ର 'ସାହିତ୍ୟ ବାହିକା' ପାଇଁ ଲେଖା ଆବଶ୍ୟକ

ବାଲେଶ୍ୱର,୧୨/୧୧ (ନି.ପ୍ର): ୨୦୨୨ ମସିହା ମକର ସଂକ୍ରାନ୍ତିରେ ଫକୀରମୋହନ ସାହିତ୍ୟ ପରିଷଦର ୭୫ ବର୍ଷାରମ୍ଭ ପାଳନ କରାଯିବ। ଏହି ଉପଲକ୍ଷେ ପ୍ରତିବର୍ଷ ପରି ପରିଷଦର ମୁଖପତ୍ର 'ସାହିତ୍ୟ ବାହିକା' ମଧ୍ୟ ପ୍ରକାଶିତ ହେବ। ଏଥିପାଇଁ ଓଡ଼ିଶାର ସାରସ୍ୱତ ସାଧକମାନଙ୍କଠାରୁ ପ୍ରବନ୍ଧ, ଗଳ୍ପ, କବିତା, ରମ୍ୟ ରଚନା ଆଦି ପ୍ରଦାନ କରିବାକୁ ନିବେଦନ କରାଯାଉଛି। ଲେଖାଗୁଡ଼ିକ ସମ୍ପାଦକଙ୍କଠାରେ ଅଥବା ଇ-ମେଲ୍ pmspbalasore@gmail.com ମାଧ୍ୟମରେ ପହଞ୍ଚାଇବାକୁ ସମ୍ପାଦକ ଦୀପକ ବୋଷ ଅନୁରୋଧ କରିଛନ୍ତି।

## ନାମ୍ପୋ ଉଚ୍ଚ ବିଦ୍ୟାଳୟ ଶ୍ରେଣୀ କାର୍ଯ୍ୟ ବନ୍ଦ ଲାଗି କଂଗ୍ରେସ କର୍ମୀଙ୍କ ଜବରଦସ୍ତକୁ ନିନ୍ଦା

ଜଳେଶ୍ୱର, ୧୨/୧୧ (ନି.ପ୍ର): ଆଜି ମମିତା ମେହେରଙ୍କୁ ନ୍ୟାୟ ଲାଗି କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥି। ହରତାଳ କାର୍ଯ୍ୟକ୍ରମରେ କଂଗ୍ରେସ ଦଳର କେତେକ ଯୁବକ ନାମ୍ପୋ ହାଇସ୍କୁଲର ୯ମ ଓ ୧୦ମ ଶ୍ରେଣୀ ବନ୍ଦ କରିବାଲାଗି ଜବରଦସ୍ତ କରିଥିବା ଅଭିଯୋଗ ହୋଇଛି। ଶ୍ରେଣୀ ଗୃହକ କେତେକ ଯୁବକ ପ୍ରବେଶ କରି ପ୍ରଥରେମ ୯ମ ଶ୍ରେଣୀ ଓ ପରେ ୧୦ମ ଶ୍ରେଣୀ ଗୃହକ ବନ୍ଦ କରିବାର ଚେଷ୍ଟା କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ସାନ୍ତ କୁମାର ସେନ୍ ଅନ୍ୟ ଉପାୟ ନ ପାଇ ସିଆର୍‌ସିସି ଚନ୍ଦ୍ରମୋହନ କୋଇଲାଙ୍କୁ ଜଣାଇଥିଲେ। ଶ୍ରୀ କୋଇଲା ବିଇଓ ଭଗୀରଥି ଗିରିଙ୍କୁ ଜଣାଇଥିଲେ। ବିଇଓଙ୍କ ନିର୍ଦ୍ଦେଶପରେ ବିଦ୍ୟାଳୟ ବନ୍ଦ ହୋଇଥିଲା। ସୂଚନା ଯୋଗ୍ୟ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଥିବାରୁ ଜଗନ୍ନାଥ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମର କେତେକ ବ୍ୟକ୍ତି ନିନ୍ଦା କରିଛନ୍ତି।

# ଜିଲ୍ଲା ସ୍ତରୀୟ ମେଗା ଆଇନ୍ ସେବା ସମ୍ପର୍କିତ ଶିବିର ଆୟୋଜନ ନେଇ ପ୍ରସ୍ତୁତି

ବାରିପଦା, ୧୨/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତତ୍ୱାବଧାନରେ ଜିଲ୍ଲାପ୍ରଶାସନର ମିଳିତ ସହଯୋଗରେ ଚଳିତ ନଭେମ୍ବର ମାସ ୧୩ ତାରିଖ ଦିବା ୧୦ ଘଟିକା ସମୟରେ ବାରିପଦା ସହିଦ୍ ସ୍ମୃତି ଭବନ ଠାରେ ଏକ ଜିଲ୍ଲା ସ୍ତରୀୟ ମେଗା ଆଇନ ସେବା ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ସରକାରଙ୍କ ବିଭିନ୍ନ ବିଭାଗ ଯଥା ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଉଦ୍ୟାନ କୃଷି, ଡିଆରଡିଏ, ରାଜସ୍ୱ, ବୟନଶିଳ୍ପ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜିଲ୍ଲା ମଙ୍ଗଳ, ଜିଲ୍ଲା ସାମାଜିକ ସୁରକ୍ଷା, ଜିଲ୍ଲା ସମାଜ କଲ୍ୟାଣ, ଜିଲ୍ଲା ଶିଶୁ ସୁରକ୍ଷା, ଜିଲ୍ଲା ଶ୍ରମ, ଜିଲ୍ଲା ଯୋଗାଣ ବିଭାଗ ଆଦି ସରକାରୀ ବିଭାଗ ଉଦ୍ୟୋଗ ସମେତ ଆରଡିଏସ୍ ସେଚ୍ଛାସେବୀ ଅନୁଷ୍ଠାନ ୩୦ ରୁ ଉର୍ଦ୍ଧ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇ ଜନସାଧାରଣଙ୍କ ସାମାଜିକ ଅର୍ଥନୈତିକ ବିକାଶ ତଥା ହିତସାଧନ ପାଇଁ କାର୍ଯ୍ୟକାରୀ କରାଯାଉ ଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜାନ ବିଷୟରେ ସୂଚନା ପତ୍ରିକା, ପୋଷ୍ଟର, ବ୍ୟାନର ମାଧ୍ୟମରେ ସଚେତନତା କରାଯିବା ସହିତ ବିଭାଗ ତରଫରୁ ଆବଶକୀୟ ସୁବିଧା ସୁଯୋଗ ଓ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଏହି ଶିବିରରେ ବିଶେଷ କରି ବିପିଏଲ୍ ପରିବା, ଅନୁସୂଚୀତ ଜାତି, ଜନଜାତି ଓ ସଂଖ୍ୟାଲଘୁ, ଭିନ୍ନକ୍ଷମ, ଏସ୍‌ଏଚ୍‌ଜି ମିଶନ ଶକ୍ତି କୃଷକ, ଶ୍ରମିକ ଏବଂ ଅନ୍ୟାନ୍ୟ ସମସ୍ତ ବର୍ଗର ଯୋଗ୍ୟ ତଥା ପ୍ରକୃତ ହିତାଧିକାରୀ ଜନସାଧାରଣଙ୍କ ଉପଯୋଗ ପାଇଁ ରେସନ୍‌କାର୍ଡ, ନିର୍ମାଣ ଶ୍ରମିକ ପରିଚୟ ପତ୍ର, ଭିନ୍ନକ୍ଷମ, ଏମ୍‌ଜିଏନ୍‌ଆରଇଜିଏ, ଜବ କାର୍ଡ, ଜଙ୍ଗଲ ଜମି ପଟ୍ଟା, ସାମାଜିକ ସୁରକ୍ଷା ସହାୟତା, ଆଦି ବିଭିନ୍ନ ପ୍ରକାର ଯୋଜାନରେ ଚୟନ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ଓ ଉପକରଣ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ମେଗା ଆଇନ ସେବ ଶିବିରର ସଫଳ ରୂପାୟନ ପାଇଁ ସଂପୃକ୍ତ ବିଭାଗ ଅଧିକାରୀ ମାନଙ୍କ ସକ୍ରିୟ ସହଯୋଗ ତଥା କୋଭିଡ୍ ନିୟମ ଅନୁପାଳନ ଭିତିରେ ଆୟୋଜନ ନେଇ ପ୍ରସ୍ତୁତି କାର୍ଯ୍ୟ ଚୂଡାନ୍ତ ହୋଇଛି।

## ଆମ୍ବୁଲାନ୍ସରୁ ଗଂଜେଇ ଜବତ ଘଟଣାରେ ୮ ଜଣ କୋର୍ଟ ଚାଲାଣ

ଭଦ୍ରକ,୧୨/୧୧ (ନି.ପ୍ର): ଗତକାଲି ଭଦ୍ରକରେ ଏକ ଆମ୍ବୁଲାନ୍ସରୁ ୪୫ କେଜି ଗଂଜେଇ ଜବତ କରାଯାଇଥିବା ଘଟଣାରେ ଆଜି ୮ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜଣାପଡିଛି। ଏଠାରେ ସୂଚନାଯୋଗ୍ୟ ଭଦ୍ରକ ସହରରେ କୋଟି କୋଟି ଟଙ୍କାର ଧଳା ଜହର ଓ ଗଂଜେଇ ଜବତ ହେଉଥିବାବେଳେ ଗତକାଲି ରାତିରେ ସହରାଂଚଳ ପୁଲିସ୍ ବିଶେଷ ସୂତ୍ରରୁ ଖବର ପାଇ ଏକ ଆମ୍ବୁଲାନ୍ସକୁ ଅଟକାଇଥିଲା। ଏବଂ ଆମ୍ବୁଲାନ୍ସଟିକୁ ଯାଂଚ କଲା ସମୟରେ ସେଥିରୁ ୪୫ କେଜି ଗଂଜେଇ ଜବତ କରାଯିବା ସହ ଅନ୍ୟ ଏକ କାର୍ ମଧ ଜବତ ହୋଇଥିଲା। ଏହି ଘଟଣାରେ ପୁଲିସ୍ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବିଷୟ ଆଡିସ୍‌ନାଲ ଏସ୍‌ପି ଯତୀନ ପଣ୍ଡା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ କହିଛନ୍ତି।

## ଦିଲ୍ଲୀରେ ଗତ ୨୪ ଘଂଟାରେ ୬୨ କରୋନାର ନୂଆ ମାମଲା

ଦିଲ୍ଲୀ,୧୨/୧୧ (ନି.ପ୍ର): ଦିଲ୍ଲୀରେ ଗତ ୨୪ ଘଂଟାରେ ୬୨ ନୂଆ କରୋନାର ମାମଲା ସାମନାକୁ ଆସିଛି। ଦିଲ୍ଲୀ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ଏହା ସହିତ ରାଜ୍ୟରେ ମୋଟ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୭୧ ହୋଇ ଯାଇଛି।

## ଶହୀଦ ଜୟୀ ରାଜଗୁରୁଙ୍କ ୨୮୨ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର,୧୨/୧୧ (ନି.ପ୍ର): ଭାରତ ବର୍ଷର ପ୍ରଥମ ଶହୀଦ ଜୟକୃଷ୍ଣ ରାଜଗୁରୁ (ଜୟୀ ରାଜଗୁରୁ)ଙ୍କ ୨୮୨ତମ ଜୟନ୍ତୀ ଉତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ଏ.ଜି. ଛକସ୍ଥିତ ତାଙ୍କ ପ୍ରତିମୂର୍ତି ସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ କହିଥିଲେ ବ୍ରିଟିଶ୍ ସରକାର ବିରୁଦ୍ଧରେ ପାଇକ ବିଦ୍ରୋହ ଥିଲା ପ୍ରଥମ ସ୍ୱାଧୀନତା ଆନ୍ଦୋଳନ। ଏହି ଆନ୍ଦୋଳନରେ ମୁଖ୍ୟ ସେନାପତି ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ ଜୟୀ ରାଜଗୁରୁ। ଓଡ଼ିଶାବାସୀଙ୍କ ସ୍ୱାଭୀମାନ ରକ୍ଷା ସହ ଓଡ଼ିଶା ମାଟିକୁ ବ୍ରିଟିଶ୍ ଶାସନରୁ ମୁକ୍ତ କରିବା ପାଇଁ ହୋଇଥିବା ଦୁର୍ବାର ସଶସ୍ତ୍ର ପାଇକ ବିଦ୍ରୋହର ସେ ନେତୃତ୍ୱ ନେଇଥିଲେ। ସାହସିକତାର ସହିତ ଲଢେଇ କରି ବ୍ରିଟିଶ୍ ସୈନବାହିନୀକୁ ଭୀତକ୍ରସ୍ତ କରିଥିଲେ। ପରିଶେଷରେ ବ୍ରିଟିଶ୍ ସେନା ହାତରେ ଧରାପଡ଼ି ସେ ଅତ୍ୟନ୍ତ ଦୟନୀୟ ଭାବରେ ଫାଶୀ ପାଇଥିଲେ। ତାଙ୍କର ବଳିଦାନ ଓଡ଼ିଶାବାସୀଙ୍କୁ ସବୁବେଳେ ବୀରତ୍ୱର ଗାଥା ପ୍ରଦାନ କରିଆସିଛି ବୋଲି ବକ୍ତାମାନେ ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଂଜନ କୁମାର ଦାସ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥି, ସୀତାବଲ୍ଲଭ ମହାପାତ୍ର, ବି. ମୁରଲୀଧର, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ ଓ ସୁଜାତା ମୁଦୁଲି ପ୍ରମୁଖ ଯୋଗଦେଇ ତାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରିଥିଲେ। ଏହି ଅବସରରେ ଭାଷା ସଂସ୍କୃତି ପ୍ରାଣ ସୀତାବଲ୍ଲଭ ମହାପାତ୍ରଙ୍କୁ ଶହୀଦ ଜୟୀ ରାଜଗୁରୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ଅଧିକାର ସୁରକ୍ଷା ପାଇଁ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ପ୍ରୟାସ

ଭଦ୍ରକ,୧୨/୧୧ (ନି.ପ୍ର): ପ୍ରଗତୀ ଯୁବକ ସଂଘର ଦ୍ୱାରା ପରିଚ୍ଛଳିତ ଚାଇଲ୍ଡ ଲାଇନ୍ ସବ ସେ ର ଓ ତିହିଡି ପୋଲିସର ମିଳିତ ସହଯୋଗରେ ତିହିଡି ବ୍ଲକ ଅନ୍ତର୍ଗତ କାଁପଡା (ତଳଦପା) ଗ୍ରାମର ଶିବ ମଳିକ ଓ ମାଣିକ ମଳିକଙ୍କର ଏକ ନାବାଳକ ବବୁଲୁକୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲେ। ପିଲାଟିର ମାଆ ମୃତ୍ୟୁ ବରଣ କରିବା ପରେ ତାର ବାପା ମାନସିକ ବିକାରଗ୍ରସ୍ଥ ଅବସ୍ଥାର ପିଲାଟିକୁ ନିଜର ମାଉସୀ ଅହଲ୍ୟାକୁ ଭରଣ ପୋଷଣ ନିମନ୍ତେ ଦେଇ ଦେଇଥିଲେ। ଚାଇଲ୍ଡ ଲାଇନ୍ ସବ ସେ ର କର୍ମକର୍ତ୍ତାଙ୍କ ତଥ୍ୟ ଓ ଉପସ୍ଥିତ ଥିବା ବାପା, ମାଉସୀ ଓ ବର୍ତ୍ତମାନ ପିଲାକୁ ରଖିଥିବା ବ୍ୟକ୍ତିଙ୍କ ସହିତ ଆଲୋଚନା କରିବା ପରେ ଜଣାପଡିଲା ବବୁଲୁକୁ ତାର ମାଉସୀ ଅହଲ୍ୟା ଏକ ଶନି ମନ୍ଦିରକୁ ନେବା ସମୟରେ ବାସନ୍ତି ଦାସ କୌଶଳ କ୍ରମେ ଚକ୍ରାନ୍ତ କରି ପିଲାଟିକୁ ନେଇଯାଇ ଶଙ୍କର୍ଷଣ ଦାସ ଓ ଗୌରୀ ଦାସଙ୍କୁ ଦେଇ ଦେଇଥିଲେ ପୁନର୍ବାର ବବୁରର ପିତା ଶିବ ଓ ମାଉସୀ ଅହଲ୍ୟା ତିହିଡି ଥାନାରେ ନିଜ ପିଲାକୁ ଉଦ୍ଧାର ନିମନ୍ତେ ଆବେଦନ ପତ୍ର ଦେଇଥିଲେ। ଉପରୋକ୍ତ ସମସ୍ତ ତଥ୍ୟକୁ ବିଚାର କରି ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଶ୍ରୀ ପ୍ରଦୀପ୍ତ କୁମାର କର, ସଦସ୍ୟ, ସତ୍ୟସୁନ୍ଦର ପୁହାଣ, ସଦସ୍ୟା ସ୍ମୃତି ରାଣୀ ମହାନ୍ତି ଓ ସଙ୍ଗିତା ଗିରି, ଏଡିଓ ମନୋଜ କୁମାର ସାହୁ ଆଲୋଚନା ମାଅମରେ ଶିଶୁଟିର ସୁରକ୍ଷା ନିମନ୍ତେ ଆସିଆନା ମୁକ୍ତାଶ୍ରୟ କେନ୍ଦ୍ରରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଶିଆନାର ସଂଯୋଜକ ରିଆଜ ଅହମ୍ମଦ, ବିକାଶ ରାଉତ ଓ ଚାଇଲ୍ଡ ଲାଇନ ସବ୍‌ସେ ର କର୍ମକର୍ତ୍ତା ପଦ୍ମିନୀ ଦାସ ଓ ରଶ୍ମିତା ସାହୁ, ପ୍ରମୁଖ ଉପସ୍ଥିତ ରହି ଆଲୋଚନା, ପ୍ରାଥମିକ ତଦନ୍ତ ପାଇଁ ସହଯୋଗ କରିଥିଲେ। ପିଲାଟିକୁ ନେବାପାଇଁ ତିନି ଦାବିଦାର ଅଧିକ ଯୁକ୍ତି ତର୍କ ଓ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି କରିବାର ପ୍ରୟାସ କରିବାରୁ ବାଧ୍ୟ ହୋଇ ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷ ଟାଉନ୍ ଥାନା ପୋଲିସର ସହଯୋଗ ନେଇଥିଲେ। ବର୍ତ୍ତମାନ ଶିଶୁ ମଙ୍ଗଳ ସମିତିର ତଦନ୍ତ କାର୍ଯ୍ୟ ଚାଲୁ ରହିଥିବା ସ୍ଥଳେ ପିଲାଟିର ଯତ୍ନ, ସୁରକ୍ଷା ଓ ସୁସ୍ଥ ବାତାବରଣ ନିମନ୍ତେ ଆଶିଆନାରେ ଅବସ୍ଥାପିତ କରାଯାଇଅଛି।

# ଓଡ଼ିଶାରେ ହେଉ ପୂର୍ବଘାଟ ସାମୁଦ୍ରିକ ବାୟୋ ଟେକ୍ନୋଲୋଜି ଉତ୍କର୍ଷ କେନ୍ଦ୍ର

ଭୁବନେଶ୍ୱର,୧୨/୧୧ (ନି.ପ୍ର): ରାଜ୍ୟରେ ସାମୁଦ୍ରିକ ବାୟୋ ଟେକ୍ନୋଲୋଜି ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ନିମନ୍ତେ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ନୂଆଦିଲ୍ଲୀଠାରେ ବିଜ୍ଞାନ ତଥା କାରିଗରୀ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଆୟୋଜିତ ଜୀବ ବିଜ୍ଞାନ ପ୍ରତିଷ୍ଠାନ, ଭୁବନେଶ୍ୱରର ବିଂଶତମ ବାର୍ଷିକ ସାଧାରଣ ଅଧିବେଶନରେ ବକ୍ତବ୍ୟ ରଖି ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ, ରାଜ୍ୟର ବିସ୍ତୀର୍ଣ୍ଣ ବେଳାଭୂମିକୁ ଦୃଷ୍ଟିରେ ରଖି ଜିନ୍ ଗତ ଗବେଷଣା ବିକାଶ, ପରିବେଶ ସଂରକ୍ଷଣ ଏବଂ ପୂର୍ବଘାଟର ସମୁଦ୍ର କୂଳବର୍ତୀ ଅଧିବାସୀଙ୍କର ସାମାଜିକ-ଅର୍ଥନୈତିକ ଉନ୍ନତି ପାଇଁ ଜୀବନଧାରାରେ ମାନବୃଦ୍ଧି ସକାଶେ ଏହି ଉତ୍କର୍ଷ କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ର ନିକଟରେ ଓଡ଼ିଶାର ପ୍ରସ୍ତାବ ରହିଛି। ଅନୁରପ ଭାବରେ, କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ଜିଲ୍ଲା ଅନ୍ତର୍ଭୁକ୍ତ ନବରଙ୍ଗପୁରରେ ଜୀବ ବିଜ୍ଞାନ ପ୍ରତିଷ୍ଠାନ ଜନଜାତି ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ଜାତୀୟ ନେଟ୍‌ୱାର୍କ କାର୍ଯ୍ୟ କରୁଥିବା ବେଳେ ସେହି କାର୍ଯ୍ୟକ୍ରମକୁ କନ୍ଧମାଳ ଜିଲ୍ଲାକୁ ସମ୍ପ୍ରସାରିତ କରିବା ପାଇଁ ମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ବିଜ୍ଞାନ, କାରିଗରୀ ଓ ଭୂ-ବିଜ୍ଞାନ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ଡ.ଜିତେନ୍ଦ୍ର ସିଂହ ଏହି ଅଧିବେଶନରେ ଅଧକ୍ଷତା କରି ଜୀବ ବିଜ୍ଞାନ ପ୍ରତିଷ୍ଠାନ ଦକ୍ଷତା ବିକାଶ ଓ ତାଲିମ୍ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ନିଯୁକ୍ତି ଆଶାୟୀ ଯୁବକ, ଯୁବତୀ ତଥା ବିଜ୍ଞାନ ଶିକ୍ଷକମାନଙ୍କ ପାଇଁ ଉଚ୍ଚତର ପ୍ରଶିକ୍ଷଣ ଯୋଗାଇ ଦେଇ ଜୀବ ବିଜ୍ଞାନ ପ୍ରତିଷ୍ଠାନ କେନ୍ଦ୍ର ସରକାରଙ୍କ କୃଷକଙ୍କ ଆୟବୃଦ୍ଧି, ପୋଷଣ ଅଭିଯାନ, ଆତ୍ମନିର୍ଭର ଭାରତ, ସ୍କିଲ ଇଣ୍ଡିଆ ଓ ଷ୍ଟାର୍ଟଅପ୍ ପରି ଯୋଜନାଗୁଡ଼ିକୁ ଅଧିକ ସଶକ୍ତ ଓ ଫଳପ୍ରଦ କରିପାରିବ ବୋଲି ମନ୍ତ୍ରୀ ଡ. ସିଂହ ଉଲ୍ଲେଖ କରିଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅଜୟ ପରିଡ଼ା ବିଭିନ୍ନ ବିଜ୍ଞାନଭିତିକ କାର୍ଯ୍ୟକଳାପ ଉପରେ ସୂଚନା ଦେଇଥିବା ବେଳେ ପ୍ରତିଷ୍ଠାନ ଆନୁକୂଲ୍ୟରେ ଏକ ରୋଗ ପ୍ରତିରକ୍ଷା ଶକ୍ତିକୈନ୍ଦ୍ରିକ (ଇମ୍ୟୁନୋଜେନିସିଟି) ପ୍ଲାଟ୍‌ଫର୍ମ ଖୋଲିବା ପାଇଁ ଅନୁମୋଦନ ମିଳିଛି ବୋଲି ପ୍ରକାଶ କରିଥିଲେ। ସମୀକ୍ଷା କମିଟି ଦ୍ୱାରା ପ୍ରତିଷ୍ଠାନର ଅଗ୍ରଗାମୀ ବୈଷୟିକ ଦୃଷ୍ଟିକୋଣ ଯଥାର୍ଥ ପରୀକ୍ଷଣ କୌଶଳ ଓ ସମୟଭିତିକ କାର୍ଯ୍ୟକ୍ରମଗୁଡ଼ିକୁ ଉଚ୍ଚ ପ୍ରଶଂସା କରାଯାଇଛଇ ବୋଲି ଡ. ପରିଡ଼ା ଉଲ୍ଲେଖ କରିଥିଲେ। ଏହି ଅଧିବେଶନରେ କେନ୍ଦ୍ର ସରକାରଙ୍କ ବାୟୋ ଟେକ୍ନୋଲୋଜି ବିଭାଗର ସଚିବ ଡ. ରାଜେଶ ଏସ୍ ଗୋଖଲେ ଓ ପ୍ରତିଷ୍ଠାନର ବିଜ୍ଞାନ ସଂଯୋଜକ ଡ. ସଂଜୟ ମିଶ୍ର ମଧ ବକ୍ତବ୍ୟ ରଖିଥିଲେ।

## ପୋଡି ଯାଇ ଯୁବତୀଙ୍କ ମୃତ୍ୟୁ ଅଭିଯୋଗ

ବସ୍ତା,୧୨।୧୧(ନିପ୍ର): ନୂଆଗାଁରେ ଜୈନିକ ଯୁବତୀ ଶ୍ରମିକ ନିଆଁରେ ପୋଡ଼ି ମୃତ୍ୟୁ ବରଣ କରିଥିବା ଜଣାଯାଇଛି।ରୂପସା ଥାନା। ଅଧୀନ ଏହି ଗାଁରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସେ ରଂଧାରନ୍ଧି କରୁଥିଲେ।ତାଙ୍କ ଆପରୁନ ରେ ନିଆଁ ଧରି ସେ ଗୁରୁବାର ଦୁର୍ଘଟଣା ରେ ସମ୍ମୁଖୀନ ହୋଇଥିଲେ ବୋଲି ଅଭିଯୋଗ ହୋଇଛି। ମାତ୍ର ଏହି ଅଭିଯୋଗ ରେ ସନ୍ଦେହ ସୃଷ୍ଟି ହୋଇଛି।ଯୁବତୀ ଜଣକ ନାମ ଲିଲି ରାମ(୨୩ବର୍ଷ),ବାପାଙ୍କ ନାଁ ରାମଚନ୍ଦ୍ର,ଘର ମୟୁରଭଞ୍ଜ ଜିଲା ରାଘବପୁର ପଞ୍ଚାୟତ ର ବର୍ତ୍ତନା ଗାଁ ବୋଲି ଜଣାପଡିଛି।

## ସର୍ପ ।ଘାତରେ ବୃଦ୍ଧଙ୍କ ମୃତ୍ୟୁ

ବସ୍ତା,୧୨।୧୧(ନିପ୍ର): ନିଶ୍ଚିନ୍ତପୁର ଗାଁ ର ଜନୈକ ବୃଦ୍ଧ ସର୍ପ।ଘାଟରେ ମୃତ୍ୟୁ ଲଭିଥିବା ଜଣାପଡିଛି।ଗୁରୁବାର ବିଲକୁ ଯାଇଥିବା ବେଳେ କୌଣସି ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା।ତାଙ୍କୁ ବସ୍ତା ଡ଼ାକ୍ତରଖାନା ଅଣା ଯାଇଥଲା।ମାତ୍ର ଡାକ୍ତର ତାଙ୍କୁ କଟକ ରେଫାର କରିଥିଲେ।କଟକ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥଲା।ତାଙ୍କର ନାମ ପ୍ରଭାକର ଜେନା(୫୬ବର୍ଷ)।ଏ ବାବଦରେ ବସ୍ତା ଥାନା ପକ୍ଷରୁ ତଦନ୍ତ ଜାରି ରହିଛି।

## ପୌର ନିର୍ବାଚନ ଲାଗି ସ୍ଥାନ ସଂରକ୍ଷିତ

ଜଳେଶ୍ୱର, ୧୨/୧୧(ନି.ପ୍ର): ଆସନ୍ତା ଦିନରେ ପୌରନିର୍ବାଚନ ଲାଗି ସରକାରୀ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଜଳେଶ୍ୱର ପୌରାଞ୍ଚଳରେ ଥିବା ୧୭ଟି ୱାର୍ଡ ଅପରିବର୍ତ୍ତିତ ରହିଛି। ଏଥିରେ ୱାର୍ଡ ନଂ ୪, ୫, ୧୧, ୧୪ ଓ ୧୭ ନଂ ମହିଳାଙ୍କ ଲାଗି (ଡବ୍ଲୁ)ସଂରକ୍ଷିତ ରହିଛି। ୱାର୍ଡ ନଂ ୧, ୨, ୬, ୭, ୯ ଅଣସଂରକ୍ଷିତ (ୟୁଆର୍)ଥିବା ବେଳେ ୱାର୍ଡ ନଂ ୩ ଓ ୧୩ ଅନୁନ୍ନତ ଶ୍ରେଣୀ ମହିଳା (ବିବିସି-ଡବ୍ଲୁ) ସଂରକ୍ଷିତ ରହିଛି। ସେହିପରି ୱାର୍ଡ ନଂ ୮ ଓ ୧୨ ଅନୁନ୍ନତ ଶ୍ରେଣୀ ନାଗରିକ (ବିସିସି) ପାଇଁ ସଂରକ୍ଷିତ ଥିବା ବେଳେ ୱାର୍ଡ ୧୫ ଅନୁସୂଚୀତ ଜନଜାତି ମହିଳା (ଏସ୍‌ଟି-ଡବ୍ଲୁ) ଓ ୱାର୍ଡ ନଂ ୧୬ ଅନୁସୂଚୀତ ଜନଜାତି (ଏସ୍‌ଟି) ଓ ୱାର୍ଡ ନଂ ୧୦ ଅନୁସୂଚୀତ ଜାତି ମହିଳା (ଏସ୍‌ସି-ଡବ୍ଲୁ) ବୋଲି ବିଜ୍ଞାପନ ପ୍ରକାଶ ପାଇଛି। ଏଥିରେ କୌଣସି ଅଭିଯୋଗ ଥିଲେ ଆସନ୍ତା ୧୯ ତାରିଖରେ ବାଲେଶ୍ୱର ଜିଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିବାକୁ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଚଳିତ ନିର୍ବାଚନରେ ପ୍ରଥମଥର ଲାଗି ପୌର ଅଧ୍ୟକ୍ଷ ପଦବୀ ଲାଗି ସିଧାସଳଖ ନିର୍ବାଚନ ହେଉଥିବାରୁ ଏଥିଲାଗି ବଳ କଷାକଷି ଆରମ୍ଭ ହୋଇଛି। ଏହା ଜଣାଯିବାପରେ ଜଳେଶ୍ୱର ପୌର ନିର୍ବାଚନ ଲାଗି ଅଣ୍ଟା ଭିଡିଥିବା କେତେକ ରାଜନୈତିକ ଦଳର ବ୍ୟେକ୍ତିଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆରବିଆଇର ଦୁଇଟି ଅଭିନବ....

ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ଅନୁରୂପ ଭାବେ ରିଟେଲ ଡାଇରେକ୍ଟ ଯୋଜନା ଅର୍ଥବ୍ୟବସ୍ଥାରେ ସମସ୍ତଙ୍କୁ ଅନ୍ତର୍ଭୂକ୍ତ କରିବାର ପ୍ରୟାସକୁ ସୁଦୃଢ଼ କରିବ କାରଣ ଏହା ମଧ୍ୟବିତ୍ତ, କର୍ମଚାରୀ, କ୍ଷୁଦ୍ର ବ୍ୟବସାୟୀ ଓ ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ସ୍ୱଳ୍ପ ଜମା ସହିତ ସରକାରୀ ସିକ୍ୟୁରିଟିଜରେ ପ୍ରତ୍ୟକ୍ଷ ଓ ନିରାପଦ ଭାବେ ସାମିଲ କରିବ। ସରକାରୀ ସିକ୍ୟୁରିଟିଜରେ ସେଟଲମେଣ୍ଟ ବା ସମାଧାନର ଗ୍ୟାରେଣ୍ଟି ଥିବାରୁ ଏହା ସମସ୍ତ କ୍ଷୁଦ୍ର ନିବେଶକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିଗତ ୭ ବର୍ଷ ମଧ୍ୟରେ, ପାରଦର୍ଶିତାର ସହ ଏନପିଏଗୁଡ଼ିକୁ ଚିହ୍ନଟ କରାଯାଉଛି, ସମାଧାନ ଓ ଅସୁଲି ଉପରେ ଗୁରୁତ୍ୱାରୋପ କରାଯାଉଛି, ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ପୁନଃପୁଞ୍ଜିକରଣ କରାଯାଉଛି, ଆର୍ଥିକ ବ୍ୟବସ୍ଥା ଏବଂ ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ଗୋଟିଏ ପରେ ଗୋଟିଏ ସଂସ୍କାର ଲାଗୁ କରାଯାଉଛି। ସେ ଆହୁରି କହିଥିଲେ, ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଲାଗି, ସମବାୟ ବ୍ୟାଙ୍କଗୁଡ଼ିକୁ ଆରବିଆଇର ପରିଚାଳନା ଅଧୀନକୁ ଅଣାଯାଇଛି। ଏହି କାରଣରୁ ଏସବୁ ବ୍ୟାଙ୍କଗୁଡ଼ିକର ପ୍ରଶାସନରେ ସୁଧାର ଆସିଛି ଏବଂ ଜମାକାରୀମାନଙ୍କ ମଧ୍ୟରେ ଏହି ବ୍ୟବସ୍ଥା ପ୍ରତି ବିଶ୍ୱାସ ଆହୁରି ସୁଦୃଢ଼ ହେଉଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଗତ କିଛି ବର୍ଷ ଧରି, ଦେଶର ବ୍ୟାଙ୍କିଙ୍ଗ କ୍ଷେତ୍ରରେ ବିଭିନ୍ନ ପ୍ରକାରର ସଂସ୍କାର କାର୍ଯ୍ୟକାରୀ କରାଯାଇଛି। ଆର୍ଥିକ କ୍ଷେତ୍ରରେ ଅନ୍ତର୍ଭୂକ୍ତୀକରଣ ଠାରୁ ଆରମ୍ଭ କରି ପ୍ରଯୁକ୍ତିର ସମନ୍ୱୟକୁ କାର୍ଯ୍ୟକାରୀ କରାଯାଉଛି। କୋଭିଡ ସଙ୍କଟ କାଳରେ ଏଗୁଡ଼ିକର ସାମର୍ଥ୍ୟ ଆମେ ଦେଖିଛୁ। ଭାରତୀୟ ରିଜର୍ଭ ବ୍ୟାଙ୍କର ନିଷ୍ପତ୍ତି ନିକଟ ଅତୀତରେ ସରକାର ଗ୍ରହଣ କରିଥିବା ବଡ଼ ନିଷ୍ପତ୍ତିର ପ୍ରଭାବ ବୃଦ୍ଧି କରିବାରେ ବେଶ ସହାୟକ ହେଉଛି ବୋଲି ସେ କହିଥିଲେ। ୬-୭ ବର୍ଷ ପୂର୍ବରୁ, ବ୍ୟାଙ୍କସେବା, ପେନସନ ଓ ବୀମା କେବଳ ଭାରତର ନିର୍ଦ୍ଦିଷ୍ଟ ବର୍ଗଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା। ଏସବୁ ସେବାର ସୁବିଧା ଦେଶର ସାଧାରଣ ନାଗରିକ, ଗରିବ ପରିବାର, ଚାଷୀ, କ୍ଷୁଦ୍ର ବ୍ୟବସାୟୀ, ମହିଳା, ଦଳିତ-ବଂଚିତ-ପଛୁଆବର୍ଗ ଆଦିଙ୍କ ନିକଟରେ ପହଂଚି ପାରୁନଥିଲା। ପୂର୍ବ ବ୍ୟବସ୍ଥାକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏସବୁ ସୁବିଧା ଗରିବ ଲୋକଙ୍କ ନିକଟରେ ପହଂଚାଇବାର ଉତ୍ତରଦାୟିତ୍ୱ ଯେଉଁମାନଙ୍କ ପାଖରେ ଥିଲା ସେମାନେ କେବେ ଏଥିପ୍ରତି ଧ୍ୟାନ ଦେଇନଥିଲେ। ବରଂ, ପରିବର୍ତ୍ତନ ନଆସିବା ପାଇଁ ନାନା ବାହାନା କରୁଥିଲେ। ବ୍ୟାଙ୍କ ଶାଖା ନାହିଁ, କର୍ମଚାରୀ ନାହାନ୍ତି, ଇଣ୍ଟରନେଟ ନାହିଁ, ସଚେତନତା ନାହିଁ, ଉପାୟ ନାହିଁ ଆଦି ନାନା ଯୁକ୍ତି ଦର୍ଶାଯାଉଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ୟୁପିଆଇ କାର୍ଯ୍ୟକାରୀ ହେବା ଫଳରେ ଭାରତ ଖୁବ କମ ସମୟ ମଧ୍ୟରେ ଡିଜିଟାଲ କାରବାର କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ପାଲଟି ଯାଇଛି। ମାତ୍ର ୭ ବର୍ଷ ମଧ୍ୟରେ, ଭାରତରେ ଡିଜିଟାଲ କାରବାର ୧୯ ଗୁଣା ବୃଦ୍ଧି ପାଇଛି। ଆଜି ଆମର ବ୍ୟାଙ୍କ ସେବା ୨୪ ଘଣ୍ଟା, ୭ ଦିନ ଏବଂ ୧୨ ମାସ ଧରି ଦେଶର ଯେକୌଣସି ସ୍ଥାନରେ, ଯେକୌଣସି ସମୟରେ ମିଳିପାରୁଛି ବୋଲି ଶ୍ରୀ ମୋଦୀ ଜୋର ଦେଇ କହିଥିଲେ।

## କୋଟି କୋଟି ଟଙ୍କା କେଉଁଠୁ .....

ମଧ ହୋଇପାରେ। ସେହିପରି ଇଲେକ୍ଟୋରାଲ ବ୍ରାଣ୍ଡ ଜରିଆରେ ମଧ ରାଜନୈତିକ ଦଳମାନେ ଟଙ୍କା ପାଇଥାନ୍ତି। ତେବେ ୨୦ ହଜାର ଟଙ୍କାରୁ କମ୍ ଟଙ୍କାର ଚାନ୍ଦା ଏବଂ ଇଲେକ୍ଟୋରାଲ ବ୍ରାଣ୍ଡ ଜରିଆରେ ଦଳମାନଙ୍କୁ ଯେଉଁ ଟଙ୍କା ମିଳିଥାଏ, ତାହାର କୌଣସି ହିସାବ ତଥ୍ୟ ସାର୍ବଜନୀନ କରାଯାଇନଥାଏ। ଏହାକୁ ଅଜ୍ଞାତ ସ୍ରୋତ ବୋଲି ବିବେଚନା କରାଯାଏ। ଏଡିଆର ରିପୋର୍ଟ ମୁତାବକ, ବର୍ଷ ପରେ ବର୍ଷ ଏହି ଅଜ୍ଞାତ ସ୍ରୋତରୁ ଅନୁଦାନର ପରିମାଣ ବଢିବାକୁ ଲାଗିଛି। ତେବେ ଉଭୟ ଆଞ୍ଚଳିକ ଓ ଜାତୀୟ ଦଳକୁ ଏହି ଆକାରରେ କୋଟି କୋଟି ଟଙ୍କା ମିଳୁଛି। ରିପୋର୍ଟ ମୁତାବକ, ତେଲେଙ୍ଗାନାର ଟିଆରଏସକୁ ୮୯.୧୫୮ କୋଟି ଟଙ୍କା ଅଜ୍ଞାତ ସ୍ରୋତରୁ ମିଳିଛି। ସେହିପରି ଆନ୍ଧ୍ରପ୍ରଦେଶର ୱାଇଏସଆର କଂଗ୍ରେସକୁ ୭୪.୭୫ କୋଟି ଟଙ୍କା, ଟିଡିପିକୁ ୮୧.୬୯୪ କୋଟି ଟଙ୍କା ଅଜ୍ଞାତ ସ୍ରୋତ ଆକାରରେ ମିଳିଛି। ଓଡିଶାର ଶାସନ ଦାୟିତ୍ୱରେ ଥିବା ବିଜୁ ଜନତା ଦଳକୁ ୨୦୧୯-୨୦ ଆର୍ଥିକ ବର୍ଷରେ ୫୦.୫୮୬ କୋଟି ଟଙ୍କା ଅଜ୍ଞାତ ସ୍ରୋତରୁ ମିଳିଛି ବୋଲି ଏଡିଆର ରିପୋର୍ଟରେ ତଥ୍ୟ ପ୍ରକାଶ ପାଇଛି। ଅନ୍ୟପଟେ ଜାତୀୟ ଦଳ କଥା ଦେଖିଲେ, ବିଜେପି ଏହି ଲିଷ୍ଟରେ ସବୁଠୁ ଉପରେ ରହିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ବିଜେପିକୁ ଅଜ୍ଞାତ ସ୍ରୋତରୁ ମୋଟ ୨୬୪୨.୬୩ କୋଟି ଟଙ୍କା ମିଳିଛି।

## ରାମଚନ୍ଦ୍ରଙ୍କ ସମେତ ୮ ଅଧିକାରୀଙ୍କୁ ....

କରାଯାଇଥିଲା, ଆଉ ଏବେ ବାଧ୍ୟତାମୂଳକ ଅବସର ଦେଇଛନ୍ତି ସରକାର। ସେହିପରି ଜଗତସିଂହପୁରର ପୂର୍ବତନ ଡେପୁଟୀ କଲେକ୍ଟର ଗୌରାଙ୍ଗ ଚରଣ ମହାନ୍ତିଙ୍କ ବିରୋଧରେ ୭ଟି ଦୁର୍ନୀତି ଅଭିଯୋଗ ରହିଛି। ତା ସହ ସୁନ୍ଦରଗଡ ଲାଠିକଟାର ପୂର୍ବତନ ତହସିଲଦାର ଆଲଫୋନସ ବିଲୁଙ୍ଗ ନାଁରେ ୩ଟି ଦୁର୍ନୀତି ଅଭିଯୋଗ ରହିଛି। କେନ୍ଦୁଝର ଜଳସେଚନ ବିଭାଗ ବୈତରଣୀ ଡିଭିଜନର ସୁପରିଟେଣ୍ଡିଂ ଇଞ୍ଜିନିୟର ବିଧାନ ଚନ୍ଦ୍ର ସାହୁ ୧୦ଲକ୍ଷ ଟଙ୍କା ଧରି ଘରକୁ ଯାଉଥିବା ବେଳେ ଧରିଥିଲା ଭିଜିଲାନ୍ସ। ଯାହାର ହିସାବ ସେ ଦେଇପାରିନଥିଲେ, ତାଙ୍କ ବାସଭବନରେ ଚଢାଉ କରି ଭିଜିଲାନ୍ସ ବହୁ ପରିମାଣର ଆୟବହିର୍ଭୁତ ସଂପତି ଠାବ କରିଛି। ଫାଇଭ ଟି ଜରିଆରେ ରାଜ୍ୟ ସରକାର ସ୍ୱଚ୍ଛ ଶାସନ ଉପରେ ଗୁରୁତ୍ୱ ଦେଉଛନ୍ତି। ଆଉ ଏହା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ପାଇଁ କାଳ ପାଲଟିଛି। କଳାହାଣ୍ଡି ଲାଞ୍ଜିଗଡର ବ୍ଲକର ସିଡିପିଓ ମୀନା ପାତ୍ର ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଠାରୁ ଛତୁଆ ଯୋଗାଣ ପାଇଁ ୮୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡିଥିଲେ। କଳାହାଣ୍ଡିର ଥୁଆମୁଳ ରାମପୁର ବ୍ଲକର ସିଡିପିଓ ପୁଷ୍ପାଞ୍ଜଳି ରଥ, ଦେବଗଡର ପୂର୍ବତନ ଡେପୁଟୀ ସୁପରିଟେଣ୍ଡେଣ୍ଟ ଅଜିତ କୁମାର ମହାପାତ୍ର, ଭଦ୍ରକ ଜିଲ୍ଲା ତିହିଡି ବ୍ଲକ କ୍ୟାସିଅର ପ୍ରଭାକର ପ୍ରଧାନଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି।

## ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟର....

ଉପରେ ଫୋକସ୍ ଦେବାକୁ ମଧ୍ୟ ସରକାରଙ୍କ କଳ୍ପନା ରହିଛି। ଏହା ଦ୍ୱାରା ଦେଶର ଶିକ୍ଷା ବ୍ୟବସ୍ଥା ନୂତନ ଶିଖରରେ ପହଁଚିପାରିବ। ଏହି ଅବସରରେ ଶ୍ରୀ ପ୍ରଧାନ ଭାରତକୁ ଜ୍ଞାନର ପେଣ୍ଠସ୍ଥଳି କରିବା ପାଇଁ ଥିବା ବୌଦ୍ଧିକ କ୍ଷମତା ଏବଂ କୋଭିଡର ପରବର୍ତୀ ସମୟରେ ଭାରତର ସାମଗ୍ରିକ ଦୃଶ୍ୟପଟ୍ଟକୁ ପରିବର୍ତନ କରିବା ପାଇଁ ଥିବା ଶିକ୍ଷା କ୍ଷେତ୍ରର ଭୂମିକା ଉପରେ ଅଭିଭାଷଣ ପ୍ରଦାନ କରିଛନ୍ତି। ବହୁ ପୁରାତନ କାଳରୁ ଭାରତ 'ବସୁଧୈବ କୁଟୁମ୍ବକମ'ରେ ବିଶ୍ୱାସ କରି ଆସୁଛି। ବିଶ୍ୱର ନାଗରିକ ମାନଙ୍କୁ ପ୍ରସ୍ତୁତ କରିବା ଏବଂ ବୈଶ୍ୱିକ ଚ୍ୟାଲେଞ୍ଜ ଓ ଲକ୍ଷ୍ୟକୁ ହାସଲ କରିବା ପାଇଁ ମିଳିତ ଭାବରେ ଆଲୋଚନା ମାଧ୍ୟମରେ କାର୍ଯ୍ୟ କରିବା ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି କନକ୍ଲେଭକୁ ୧୨୦ରୁ ଅଧିକ ଦେଶ ପ୍ରତିନିଧିତ୍ୱ କରୁଥିବା ଜାଣି ଶ୍ରୀ ପ୍ରଧାନ ଖୁସିବ୍ୟକ୍ତ କରିଛନ୍ତି।

## ଝାଡଖଣ୍ଡରୁ ଗିରଫ ହେଲେ....

ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ସେ ଇଆରବିର ସମ୍ପାଦକ ହୋଇଥିବାରୁ ବିହାର, ଝାରଖଣ୍ଡ, ଓଡ଼ିଶା, ଉତ୍ତର ପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ମାଓବାଦୀଙ୍କ କାର୍ଯ୍ୟକଳାପକୁ ପରିଚାଳନା କରୁଥିଲେ। ୭୫ ବର୍ଷୀୟ କିଶନ ଦା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଖରାପ ରହିଥିବା କୁହାଯାଉଛି। କିଶନ ଦା' ବ୍ୟବତୀତ ପ୍ରଶାନ ବୋଷ ନିର୍ଭୟ, କଜଲ ଓ ମହେଶ ନାଁ ମଧ ପରିଚିତ। କିଶନ ଦାଙ୍କ ପତ୍ନୀ ଶିଳା ମାରାଣ୍ଡି ମଧ ଜଣେ ଟପ୍ ମାଓବାଦୀ ନେତ୍ରୀ। ସେ ଏକମାତ୍ର ମହିଳା ଯିଏ ସେଣ୍ଟ୍ରାଲ କମିଟିର ନିଷ୍ପତ୍ତି ଗ୍ରହଣ କରୁଥିବା ଗ୍ରୁପରେ ରହିଥିଲେ। ୨୦୦୬ରେ ସେ ଗିରଫ ହୋଇ ରାଉରକେଲା ଜେଲରେ ଥିଲେ। କିନ୍ତୁ ତାଙ୍କୁ ୨୦୧୬ରେ ଜେଲରୁ ମୁକ୍ତ କରାଯାଇଥିଲା। କିଶନ ଦା' ଓ ଶିଳାଙ୍କ ଅବସ୍ଥିତି ସମ୍ପର୍କରେ ପ୍ରଥମେ ଗୁଇନ୍ଦା ବିଭାଗ ସୂଚନା ଦେଇଥିଲା। ଏହାପରେ ଝାରଖଣ୍ଡ ପୁଲିସ୍ ଉକ୍ତ ସ୍ଥାନରେ ରେଡ୍ କରି ସେମାନଙ୍କୁ ଗିରଫ କରିଛି। ପଶ୍ଚିମବଙ୍ଗର ଯାଦବପୁର ଅଞ୍ଚଳରୁ ଆସିଥିବା କିଶନ ଦା' ଝାରଖଣ୍ଡର ସାରନ୍ଦା ଜଙ୍ଗଲରୁ ରହି ନିଜ ମାଓବାଦୀ ନେଟୱର୍କ ଚଳାଉଥିଲେ। ସେହିଠାରୁ ହିଁ ତାଙ୍କୁ ଗିରଫ କରାଯାଇଥିବା ରିପୋର୍ଟ ପ୍ରକାଶ ପାଇଛି।

## ସ୍ଥାପନ ହେବ ଲୁହା ବିମ୍ : ୩.୩୦ ଘଣ୍ଟା ରେଳ ଚଳାଚଳ ହେବ ବ୍ୟାହତ

ଜଳେଶ୍ୱର, ୧୨/୧୧(ନି.ପ୍ର): ଦକ୍ଷିଣପୂର୍ବ ରେଳ ପଥର ଖଡଗପୁର-ଭଦ୍ରକ ରେଳ ସେକ୍‌ସନର ଜଳେଶ୍ୱର ନୂଆବଜାରଠାରେ ଏକ ରେଳ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲିଛି। ୨୦୧୮ରୁ ଏହା ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ଶେଷ ହୋଇ ନାହିଁ। କିନ୍ତୁ ରେଳବାଇ ସ୍ଥାନରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାରୁ ରେଳ ଧାରଣର ଉଭୟ ପଟେ ଥିବା ପିଲର ଉପରେ ଲୁହା ବିମ୍ ସ୍ଥାପନ ଲାଗି ବ୍ୟାପକ ବ୍ୟବସ୍ଥା ହୋଇଛି। ଉଚ୍ଚ ଶକ୍ତି ସମ୍ପନ୍ନ ୨ଟି କେନ୍ ଦ୍ୱାରା ଏପରି କାର୍ଯ୍ୟ କରାଯିବାର ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଠିକାଦାର ଓ ରେଳ ଉଚ୍ଚ କର୍ମକର୍ତ୍ତାଙ୍କ ମଧ୍ୟରେ ଏଥିଲାଗି ବିସ୍ତୃତ ଆଲୋଚନା ସରିଥିବାରୁ ୨ଟି ପର୍ଯ୍ୟାୟରେ ୩.୩୦ମି ଲେଖାଏଁ ରେଳ ଚଳାଚଳ ବ୍ୟାହତ ହେବ ବୋଲି କୁହାଯାଇଛି। ସମ୍ଭବତଃ ୧୩ତାରିଖ ଓ ୧୫ ତାରିଖରେ ଏହା ହେବାକୁ ଥିବା ବେଳେ ସକାଳ ୭.୩୦ରୁ ୧୧ଟ ଯାଏ ଏହି ରୁଟରେ ସମସ୍ତ ଟ୍ରେନ୍ ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି।

## ବାଲିଆପାଳରେ ଓଡିଶା ବନ୍ଦ ଆଂଶିକ ସଫଳ

ବାଲିଆପାଳ, ୧୨/୧୧ (ନି.ପ୍ର): ମମିତା ମେହେର ହତ୍ୟା ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଓଡିଶା ବନ୍ଦ ବାଲିଆପାଳରେ ଆଂଶିକ ସଫଳ ହୋଇଛି। ବସ ଚଳା ଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଅର୍ଦ୍ଧାଧିକ ଦୋକାନ ବଜାର ଖୋଲା ରହିଥିଲା। ସିମୁଳିଆ ଦୈନିକ ମାର୍କେଟରେ ପରିବା ମାର୍କେଟ ବନ୍ଦ ରହିଥିଲା। ଦିନ ୧୦ଟା ପରେ ମାଛ ମାର୍କେଟ ଖୋଲିଥିଲା। ବସ ଷ୍ଟାଣ୍ଡ, ଜାମକୁଣ୍ଡା ଛକ ଓ ପାରୁଳିଆ ଛକରେ ଅଧିକାଂଶ ଦୋକାନ ଖୋଲା ରହିଥିଲା। ବ୍ଲକ ଛକ ଓ ସିମୁଳିଆ ମାର୍କେଟରେ କିଛି ଦୋକାନ ଖୋଲିଥିବା ବେଳେ ଆଉ କିଛି ଦୋକାନ ବନ୍ଦ ରହିଥିଲା। ସେହିପରି କାଳିପଦା ବଜାର ଅଦଭୁତିଆ ହାଟ, ନୂଆଗାଁ ହାଟ, ରଡେଇ ହାଟ, ପଂଚୁପାଳି ବଜାର, ଲଙ୍ଗଳେଶ୍ୱର ବଜାର, ରେମୁ ଛକ, ଖପରାପଦା ବଜାର, ଦେଭୋଗ ଛକ, ଦାନ୍ତୁଣଦା ଛକ, ପାରୁଳିଆ ହାଟ, ଜାମକୁଣ୍ଡା ଲକ ପ୍ରଭୃତି ସ୍ଥାନରେ ପ୍ରାୟତଃ ଦୋକାନ ସବୁ ଖୋଲା ରହିଥିଲା। ସେହିପରି ବ୍ଲକ ଅଫିସ, ତହସିଲ ଅଫିସ, ବ୍ୟାଙ୍କ ପ୍ରବୃତି ଖୋଲା ରହିଥିଲେ ମଧ୍ୟ ଲୋକଙ୍କ ସଂଖ୍ୟା କମ ଦେଖିବାକୁ ମିଳିଥିଲା। ଓଡିଶା ହାଇକୋର୍ଟ ବନ୍ଦ ପରିବର୍ତ୍ତେ ହରତାଳ କରିବାକୁ ନିର୍ଦ୍ଦେଶ ଦେଇଥିବାରୁ କୌଣସି କଂଗ୍ରେସ ନେତା କିମ୍ବା କର୍ମୀଙ୍କୁ ବନ୍ଦ ସମୟରେ ଦେଖିବାକୁ ମିଳିନଥିଲା। ତଥାପି ସ୍ୱତସ୍ଫୁତ ଭାବରେ ବନ୍ଦକୁ ସମର୍ଥନ ଜଣାଇ ବହୁ ବ୍ୟବାସାୟୀ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରଖିଥିଲେ।

# ପୁରୁଣା କୋର୍ଟ ଛକଠାରେ ଉଡନ୍ତା ପୋଲକୁ ସିଡି ନିର୍ମାଣ ଦାବି

ଜଳେଶ୍ୱର, ୧୨/୧୧(ନି.ପ୍ର): ଜଳେଶ୍ୱର ନୂଆବଜାର ଠାରେ ନିର୍ମାଣାଧିନ ଉଡନ୍ତା ପୋଲ ନଂ ଏଲସି-୪୫ର ୯ଓ ୧୦ନଂ ପିଲ ମଝିରେ ଏକ ଚଲାପଥ ସେତୁ (ସିଡି) ନିର୍ମାଣ ଲାଗି ଦାବି ହୋଇଛି । ନୂଆବଜାରଠାରେ ଥିବା ଲେଭେଲ କ୍ରସିଂ ଯୋଗୁଁ ଜଳେଶ୍ୱର-ଦୀଘା ଜାତାୟାତା ବହୁ ବିଳମ୍ବିତ ହେଉଥିବାରୁ ସେଠାରେ ଏକ ଉଡନ୍ତା ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି । ସେଠାରେ ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ, ଶ୍ରୀଜଗନ୍ନାଥ ମହିଳା ମହାବିଦ୍ୟାଳୟ, ଜଗନ୍ନାଥ ଡିଗ୍ରୀ କଲେଜ, ଜଳେଶ୍ୱର କୃଷି ଜିଲା, ଜଳେଶ୍ୱର ଉପ ମଣ୍ଡଳ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟ, ଓମ୍‌ଫେଡ ଦୁଗ୍ଧ ସଂଗ୍ରାହାଳୟ କେନ୍ଦ୍ର, ଉଦ୍ୟାନ ବିଭାଗ, ଦୂରସଂଚାର, ପାଇପ୍ ଜଳ ଯୋଗାଣ, ଷ୍ଟାଡିୟମ, ଦମକଳ କେନ୍ଦ୍ର, ଗୋଷ୍ଠି ଉନ୍ନୟନ ଅଧିକାରୀବନବିଭାଗ ରେଞ୍ଜ ଅଫିସ୍ ଇତ୍ୟାଦି ସହିତ ୧୦ନଂ ୱାର୍ଡର ଜନସାଧାରଣ ପୁରୁଣା ରାସ୍ତାକୁ ଯାତାୟାତ କରି ଆସୁଥିଲେ । ଏହା ବ୍ୟତିତ ୧୧ ନଂ ୱାର୍ଡର ଦେଉଳି ପଂଚୁଘଣ୍ଟା ଓ ହାସୀମ ପୁରର କେତେକ ଅଂଚଳର ଲୋକେ ଯାତାୟାତ କରନ୍ତି । ଉଡନ୍ତାପୋଲ ନିର୍ମାଣ ହେଲାପରେ ସେ ଅଂଚଳର ଲୋକେ ଓ ସେ ଅଂଚଳର କାର୍ଯ୍ୟାଳୟକୁ ଯାତାୟାତ ଲାଗି ବ୍ୟବସ୍ଥା ନାହିଁ । ତେଣୁ ଉଡନ୍ତା ପୋଲର ୯ ଓ ୧୦ ନଂ ପିଲ ମଝିରେ ପାଦଚଲା ସିଡି ନିର୍ମାଣ ର ଆବଶ୍ୟକତା ହେଉଥିବାରୁ ତାହା ନିର୍ମାଣ କରିବାକୁ ସେ ଅଂଚଳର ବହୁ ବ୍ୟକ୍ତି ଓ ସଂଗଠନ ପୁର୍ତ୍ତବିଭାଗ , ସ୍ଥାନୀୟ ପ୍ରଶାସନ, ମୁଖ୍ୟମନ୍ତ୍ରୀ ଓ ରେଳ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି । ଏଥିଲାଗି ଦେବେନ୍ଦ୍ର ନାଥ ପ୍ରଧାନଙ୍କ ସଭାପତିତ୍ୱରେ ସେ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି କୁମାରକୃଷ୍ଣ କରଙ୍କ ବାସଭାବନରେ ଏକତ୍ରୀତ ହୋଇଥିଲେ । ଏଥିରେ ଅଶୋକ ଜେନା, ପ୍ରଦୀପ ପ୍ରଧାନ, କୁମାରକୃଷ୍ଣ କର, କଳ୍ପିତା ସାହୁ, ନିତ୍ୟାନନ୍ଦ ଦାସ, ବଂଶିଧର ସାହୁ, ସତ୍ୟଜିତ୍ ପ୍ରଧାନ, ଦିଲ୍ଲିପ ଗିରି, ସମୀର ପାତ୍ର, ସୀତାଂଶୁ ସେନାପତି, କାର୍ତ୍ତିଚନ୍ଦ୍ର ଗିରି, ଦେବଯାନୀ ଅଣ୍ଡିଆ, ସୁନିଲ ଗିରି ପ୍ରମୁଖ ଆଲୋଚନାରେ ଭାଗ ନେଇ ଏକ ସିଡି ଆବଶ୍ୟକତା ସଂପର୍କରେ କହିଥିଲେ । ଶେଷରେ ସୁବ୍ରତ ବେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସତଲୁଜ-ବ୍ୟାସ ସଙ୍ଗମରେ ପ୍ରବାସୀ ପକ୍ଷୀମାନଙ୍କର ଆଗମନ ଆରମ୍ଭ

ତରନତାରନର,୧୨/୧୧ (ନି.ପ୍ର): ପଂଜାବର ଦୁଇଟି ନଦୀ ସତଲୁଜ ଏବଂ ବ୍ୟାସ ର ସଂଗମ ସ୍ଥଳରେ ବିଭିନ୍ନ ପ୍ରକାରର ରଙ୍ଗ ବେରଙ୍ଗର ପ୍ରବାସୀ ପକ୍ଷୀ ମାନଙ୍କର ଆଗମନ ଆରମ୍ଭ ହୋଇଛି । ଇଉରୋପୀୟ ଦେଶରୁ ବହୁ ସଂଖ୍ୟାରେ ପକ୍ଷୀ ହଜାର ହଜାର କିଲୋମିଟର ଯାତ୍ରା କରି ଏଠାକୁ ଆସନ୍ତି, ଶୀତ ଋତୁ ଆରମ୍ଭ ହେବା ମାତ୍ରେ ଫିରୋଜପୁର ସୀମାରେ ଥିବା ହରିର ପତନ କ୍ଷେତ୍ର ଅଂଚଳରେ ଏବଂ ପଂଜାବର ସୀମାନ୍ତ ଜିଲ୍ଲା ତରନତାରାନରେ ପାଗ ପରିବର୍ତ୍ତନ ହେବା ମାତ୍ରେ ପ୍ରବାସୀ ପକ୍ଷୀମାନଙ୍କର ଆଗମନ ଆରମ୍ଭ ହୋଇଛି । ଏହି ପ୍ରବାସୀ ପକ୍ଷୀ ମାନଙ୍କ ମଧ୍ୟରେ ୟୁରୋପୀୟ ଦେଶମାନଙ୍କରୁ ବାରହେଡ଼ ଗୁଜ, କମ୍ନଟ ବିଲ୍ଟ ଡକ, କାମନ ପୁଚାର୍ଡ଼ ସହିତ ପ୍ରାୟ ଦୁଇ ଡଜନ ପ୍ରଜାତିର ଅଛନ୍ତି ।

# ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବାଲେଶ୍ୱରରେ ବିକ୍ଷୋଭ

ବାଲେଶ୍ୱର,୧୨/୧୧ (ନି.ପ୍ର): ଶିକ୍ଷୟତ୍ରୀ ମମିତା ମେହେର ହତ୍ୟା ମାମଲାରେ ଉଚିତ ନ୍ୟାୟ ଦାବିରେ ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ଆହ୍ୱାନ ବାଲେଶ୍ୱରରେ ଶୁକ୍ରବାର ହରତାଳ ଅନୁଷ୍ଠିତ ହୋଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ଅଙ୍କୁଶ ପରେ ପୂର୍ବରୁ ଡାକରା ଦିଆଯାଇଥିବା ଓଡ଼ିଶା ବନ୍ଦକୁ ବାତିଲ ସହ ହରତାଳକୁ ପରିବର୍ତ୍ତନ କରାଯାଇଥିଲା । ୬ ଘଣ୍ଟିଆ ସ୍ୱେଚ୍ଛାକୃତ ବନ୍ଦ ପାଳନ ପାଇଁ ପିସିସି ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଥିଲା । ଏହି କ୍ରମରେ ବାଲେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି । ଦଳୀୟ ନେତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଅୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର ନେତା ନବଜ୍ୟୋତି ପଟ୍ଟନାୟକ ଯୋଗଦେଇ ସ୍ୱେଚ୍ଛାକୃତ ବନ୍ଦ ପାଳନରେ ଜନସାଧାରଣଙ୍କ ସମର୍ଥନ ପାଇଁ କୃତଜ୍ଞତା ଜଣାଇଥିଲେ । ପିସିସି ବନ୍ଦ ଡାକରାକୁ ଡରି ରାଜ୍ୟ ସରକାର ହାଇକୋର୍ଟରେ ମାମଲା ରୁଜୁ କରିଥିଲେ ବି ଜନସାଧାରଣ ସ୍ୱଇଚ୍ଛାରେ କଂଗ୍ରେସକୁ ସମର୍ଥନ ଦେଇଥିବା ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ । ଶିକ୍ଷୟତ୍ରୀ ମମିତା ମେହେରଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଲୋକଙ୍କ ମତକୁ ସମ୍ମାନ ଦେଖାଇ ରାଜ୍ୟ ସରକାର ତୁରନ୍ତ ମନ୍ତ୍ରୀ ବିଦ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ସହ ସିବିଆଇ ତଦନ୍ତ କରାଇବାକୁ ସେ ଦାବି କରିଥିଲେ । ବାଲେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରିଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ସଦର କଂଗ୍ରେସ ନେତ୍ରୀ ମମତା କୁଣ୍ଡୁ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପାରମିତା ମହାନ୍ତି, ଜିଲା କଂଗ୍ରେସ କମିଟି ସମ୍ପାଦକ ପଶୁପତି ଉପାଧ୍ୟାୟ, ଜିଲା ଯୁବ କଂଗ୍ରେସ ସଭାପତି ରଂଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ପ୍ରମୁଖ ଯୋଗଦେଇ ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ କରା ନଯିବା ଦୁର୍ଭାଗ୍ୟର ବିଷୟ ବୋଲି କହିଥିଲେ । ମହିଳା ସଶକ୍ତୀରଣ ନାମରେ ଡିଣ୍ଡିମ ପିଟୁଥିବା ନବୀନ ସରକାରଙ୍କ ଶାସନରେ ନାରୀ ଅତ୍ୟାଚାରରେ ସମ୍ପୃକ୍ତ ଥିବା ନେତା ଓ ମନ୍ତ୍ରୀଙ୍କୁ ସୁରକ୍ଷା ଦେବା କେତେଦୂର ଯଥାର୍ଥ କି ବୋଲି ସେମାନେ ପ୍ରଶ୍ନ କରିଥିଲେ । ଏହା ଦ୍ୱାରା ଆଇନ ଶୃଙ୍ଖଳା ଉପରୁ ଜନସାଧାରଣଙ୍କ ବିଶ୍ୱାସ ତୁଟି ଗଲାଣି । ଏନେଇ ମୁଖ୍ୟମନ୍ତ୍ରୀ ଉଚିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ କଂଗ୍ରେସ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି କଂଗ୍ରେସ ନେତାମାନେ ଚେତାବନୀ ଦେଇଥିଲେ । ଏହି ବିକ୍ଷୋଭ ସମାବେଶରେ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ କର୍ମୀ ଓ ସମର୍ଥକ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା ।




## ମମିତା ମେହେର ହତ୍ୟା ଘଟଣାରେ କଂଗ୍ରେସର ୬ ଘଣ୍ଟିଆ ହରତାଳ

ଜଳେଶ୍ୱର, ୧୨/୧୧(ନି.ପ୍ର): ମମତା ମହେରଙ୍କ ନିଖୋଜ ଠାରୁ ମୃତ୍ୟୁ ଘଟଣା ଏପରିକି ଅପରାଧ ସଂପୃକ୍ତି ସଂପର୍କରେ ବିଭିନ୍ନ ସମୟରେ କଂଗ୍ରେସ ଆନ୍ଦୋଳନ ଜାରି ରଖିଛି । ବ୍ଲକ ଠାରୁ ଦିଲ୍ଲି ପର୍ଯ୍ୟନ୍ତ ଏପରି ଏକ ଜଘନ୍ନ ହତ୍ୟାକାଣ୍ଡ କୁ କଂଗ୍ରେସ ଗମ୍ଭିରତାର ସହ ବିଚାର କରି ପ୍ରତିବାଦ ଜାରି ରଖିଛି । ଆଜି ସମଗ୍ର ରାଜ୍ୟରେ ନ୍ୟାୟାଳୟର ନିଷ୍ପତ୍ତି ଅନୁଯାୟୀ ଓଡିଶା ବନ୍ଦ ପରିବର୍ତ୍ତେ ହରତାର ଅନୁଷ୍ଠିତ ହୋଇ ଯାଇଛି । ଚାରିଦଫା ଦାବି ମଧ୍ୟରେ ଏହି ହତ୍ୟାକାଣ୍ଡର ନିରପେକ୍ଷ ତଦନ୍ତ ଲାଗି ହାଇକୋର୍ଟର ଜଣେ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏସ୍‌ଆଇଟି ଗଠନ କରିବା, ମମିତା ପରିବାରକୁ ୧କୋଟି ଟଙ୍କା କ୍ଷତିପୂରଣ ଦେବା, ସଂପୃକ୍ତ ମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବାଦ୍‌ଦେବା ଓ ମନ୍ତ୍ରୀଙ୍କ ବିରୋଧରେ ୩୦୨ ଧାରାରେ ମାମଲା ରୁଜୁ କରିବା ଦାବିରେ ଏହି ହରତାର ଆରମ୍ଭ ହୋଇଥିଲା । ଜଳେଶ୍ୱର ଷ୍ଟେସନ ଛକଠାରେ ବ୍ଲକ କଂଗେୟସ ସଭାପତି ରାଜୀବ କୁମାର ପରିଡା, ନଗର ସଭାପତି ଗିରିଜା ଶଂକର ଦାସଙ୍କ ନେତୃତ୍ୱରେ ଏହି ହରତାଳ ଆରମ୍ଭ ହୋଇଥିଲା । ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଏଥିରେ ଯୋଗ ଦେଇ ମମତା ମେହେରଙ୍କ ହତ୍ୟାର ପର୍ଦ୍ଦାଫାସ ହେବାକୁ ଯାଉଥିବା ଘଟଣା ସଂପର୍କରେ ବର୍ଣ୍ଣନା କରି ସଂପୃକ୍ତ ମନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି ଦୋହରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଦାମଚନ୍ଦ୍ର ପାତ୍ର, ସବ୍ୟସାଚୀ ଦାସ, ଫରିଦ ମହମ୍ମଦ, ରିଆଜ୍ ଖାଁ, ହେମନ୍ତ ଗିରି, ମିହିର ଭୁୟାଁ, ଶଶାଙ୍କ ଜେନା, ରଣଜିତ୍ ଗିରି, ସଂଜିବ ଜେନା, କମଳ ମହାଳିକ, ଗତିକୃଷ୍ଣ ଦଳେଇ, ଜଗଦୀଶ ନନ୍ଦି, ସଂଦିପ ଜେନା, ମନୋରମା ଜେନା, ସୁଧିର ଦାସ, ସୁଶାନ୍ତ ଦେ, ନାରୟଣ ଦାସ, ଲକ୍ଷ୍ମିକାନ୍ତ ଗିରି, ରାମଚନ୍ଦ୍ର ସୀଟ, ସଂଗୀତା ରାୟ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଜଳେଶ୍ୱର ଚନ୍ଦନେଶ୍ୱର ମଧ୍ୟରେ କାଁଭାଁ ବସ୍ ଚଳାଚଳ କରିଥିବା ବେଳେ ଦିନ ୧୨ଟା ପରେ ସ୍ୱାଭାବିକ ହୋଇଥିଲା ।

## ଆଜିର ଜୀବନ ଶୈଳୀରେ ଦେଶବ୍ୟାପୀ କୋଭିଡ ପ୍ରଭାବରେ ଶିକ୍ଷା



ଉଦଳା,୧୨/୧୧ (ନି.ପ୍ର): ଖୁଣ୍ଟା ଡ଼ିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଦ୍ୱାରା ଜାତୀୟ ଶିକ୍ଷା ଦିବସ ପାଳିତ ହୋଇ ଯାଇଛି । ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ରଞ୍ଜନ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହିତ ଜାତୀୟ ଶିକ୍ଷା ଦିବସ ପାଳନର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରୀପାଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୁର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ରାଜନୀତି ବିଭାଗର ଅଧ୍ୟାପକ ପ୍ରମୋଦ କୁମାର ମିଶ୍ର ଓ ପ୍ରାଣୀ ବିଭାଗର ଅଧ୍ୟାପିକା ପ୍ରୀୟଦର୍ଶନୀ ଇପ୍‌ସିତା ଦାସ ସମ୍ମାନିତ ଅତିସଥି ଭାବେ ଯୋଗ ଦେଇ ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷା ମନ୍ତ୍ରୀ ଭାରତରତ୍ନ ମୌଲାନା ଆବୁଲ କାଲାମ ଆଜାଦ ଙ୍କ ଜନ୍ମ ଦିବସଟିକୁ ସମଗ୍ର ଭାରତ ବର୍ଷରେ କିପରି ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଉଛି ସେ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହା ପରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ 'ଆଜିର ଜୀବନ ଶୈଳୀରେ ଦେଶ ବ୍ୟାପୀ କୋଭିଡ୍-୧୯ ପ୍ରଭାବରେ ଶିକ୍ଷା' ଶିର୍ଷକ ବିଷୟ ବସ୍ତୁ ଉପରେ ବକ୍ତୃତା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଛାତ୍ର ଜ୍ୟୋତି ରଂଜନ ଦ୍ୱିବେଦୀ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା କବିତା ମହାନ୍ତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ଗୋଟିଏ ଦିନରେ ୨୬୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୨/୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୬୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୪୯୬୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୬୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୩ ହଜାର ୬୫୨ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୮୮୪ ରହିଛି । ଆଜି ଚିହ୍ନଟ ହୋଇଥିବା ୨୬୩ ଜଣଙ୍କ ମଧ୍ୟରୁ ୧୫୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୧୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୧୨୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀରରୁ ୨ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୨୧ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରେ ୯ ଜଣ ଓ ଗଂଜାମ ଜିଲ୍ଲାରେ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨ ଜଣ, ଯାଜପୁରରୁ ୧୦ ଜଣ ସଂକ୍ରମିତ ହୋଇଥିବା ବେଳେ, ଝାରସୁଗୁଡ଼ା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ନାହାନ୍ତି । ମୟୂରଭଞ୍ଜରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଓ ନୂଆପଡାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୭ ଜଣ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ନାହାନ୍ତି । ସମ୍ବଲପୁରରୁ ୬ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ନାହାନ୍ତି । ସୁନ୍ଦରଗଡ଼ରୁ ୯ ଜଣ ଓ ଷ୍ଟେଟ୍ ପୁଲରୁ ୩୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଟ୍ରାକ୍ଟର ଓଲଟି ଜଣଙ୍କର ମୃତ୍ୟୁ

ବସ୍ତା,୧୨।୧୧(ନିପ୍ର): ଟ୍ରାକ୍ଟର ଓଲଟି ହଳଦୀପଦ । ଫାଣ୍ଡି ଅଧୀନ ଚଷାଖଣ୍ଡ ଗାଁର ସେକ ରୈମୁଦ୍ଦିନ(୨୨ବର୍ଷ) ଶୁକ୍ରବାର ପ୍ରାଣହରାଇଛନ୍ତି ।ସେ ସେକ ସେଦିରୁଦ୍ଦିନଙ୍କ ପୁଅ ।ହଳଦୀପଦ । ଫାଣ୍ଡି ଅଧିକାରୀ ବିକ୍ରମ ମହାପାତ୍ର ଟ୍ରାକଟରକୁ ଜବତ କରିଛନ୍ତି ଏବଂ ମାମଲା ରୁଜୁ କରିଛନ୍ତି ।

## ପେଜଗଳା ପୋଲରେ ଦୁଇ ବାଇକ ସଂଘର୍ଷ : ୨ ଆହତ

ବସ୍ତା,୧୨।୧୧(ନିପ୍ର): ଶୁକ୍ରବାର ସନ୍ଧ୍ୟାରେ ଦୁଇ ବାଇକ ମଧ୍ୟରେ ସଂଘର୍ଷ ଘଟି ଦୁଇ ଜଣ ଗୁରୁତର ହୋଇଛନ୍ତି । ଗୁରୁତର ଦୁଇ ଜଣ ହେଲେ ବସ୍ତା ଥାନା ଅଧୀନ କୁଣ୍ଡେଇ ଗାଁର ମଧୁସୁଦନ ବେହେରାଙ୍କ ପୁଅ ଅଭୟ ।ଅନ୍ୟଜଣ ଙ୍କ ହେଲେ ମୟୁରଭଞ୍ଜ ଜିଲା ଅଁଳା ଗ୍ରାମ ନିବାସୀ । ତାଙ୍କର ନାମ ଜଣାପଡିନାହିଁ ।ଦୁଇ ଜଣଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଡାକ୍ତରଖାନା ରେ ଭର୍ତ୍ତିକରାଯାଇଛି ।

## ଜ୍ଞାନବିକାଶ ଶିଳ୍ପ ତାଲିମ କେନ୍ଦ୍ରରେ କ୍ୟାମ୍ପସ୍ ଚୟନ

ଜଳେଶ୍ୱର, ୧୨/୧୧(ନି.ପ୍ର): ଜଳେଶ୍ୱରର ଅନ୍ୟତମ ଅଗ୍ରଣୀ ଶିଳ୍ପ ତାଲିମ କେନ୍ଦ୍ର ଜ୍ଞାନବିକାଶ ଆଇଟିଆଇରେ କ୍ୟାମ୍ପସ୍ ଚୟନ କାର୍ଯ୍ୟ ଶେଷ ହୋଇଛି । ଦୀର୍ଘ ୨ବର୍ଷ ଧରି କୋଭିଡ୍ ତାଲାବନ୍ଦ ଯୋଗୁଁ ଏହି ସବୁ କାର୍ଯ୍ୟ ବନ୍ଦ ରହିଥିଲା । ମହାରାଷ୍ଟ୍ରର ଔରଙ୍ଗାବାଦସ୍ଥିତ ବିଜିଲି ଇନ୍ ଓ ଡିପି ଅଟୋ ଏନ୍‌ସିଲାରୀ କମ୍ପାନୀ ଦ୍ୱୟ ଦ୍ୱାରା କ୍ୟାମ୍ପସ୍ ଚୟନ ହୋଇଛି । ଭିଡିଓ କଲିଂ ମାଧ୍ୟମରେ ୨ ପ୍ରମୁଖ କମ୍ପାନୀର ପ୍ରତିନିଧିମାନେ ଯୋଗ ଦେଇ ଛାତ୍ର ଚୟନରେ ସହାୟତା କରିଥିଲେ । ୭୦ଜଣ ଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଏଥିରେ ଯୋଗଦେଇଥିବା ବେଳେ ଫିଟରରେ ୩୦ଜଣ ଓ ଇଲେକ୍ଟ୍ରିସିଆନ୍‌ରେ ୩୫ଜଣ ଚୟନ କରାଯାଇଥିବା ପ୍ରଶାସନୀକ ଅଧିକାରୀ ଅନୁପ କୁମାର ପଣ୍ଡା ସୂଚନା ଦେଇଛନ୍ତି । ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ଲେଲିନ୍ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଦୀପ କୁମାର ମହାନ୍ତି ଧନ୍ୟବାଦ ପଦାନ କରିଥିଲେ । ଆସନ୍ତା ୧୭ରେ ଏହି ପିଲାମାନେ ଔରଙ୍ଗାବାଦ ଯିବେ ବୋଲି ଜଣାପଡିଛି ।

# ବାରିପଦା ସହର ବିଜୁ ଜନତା ଦଳ ନଗର କମିଟିର ନୂତନ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ବାରିପଦା,୧୨/୧୧ (ନି.ପ୍ର): ବାରିପଦା ସହର ବିଜୁ ଜନତା ଦଳ ନଗର କମିଟିର ନୂତନ କର୍ମକର୍ତ୍ତାମାନଙ୍କ ସମ୍ବର୍ଦ୍ଧନା ସଭା ଆଜି ସ୍ଥାନୀୟ ସ୍ୱାସ୍ତିକ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଅଛି । ବାରିପଦା ନଗର କମିଟିର ସଭାପତି କୃଷ୍ଣାନନ୍ଦ ମହାନ୍ତି (ବାଦଲ)ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି ଯୋଗ ଦେଇ ନୂତନ କାର୍ଯ୍ୟକର୍ତାମାନଙ୍କୁ ସ୍ୱାଗତ କରିବା ସହିତ ଆଗାମୀ ପୌର ନିର୍ବାଚନରେ ସୁସଙ୍ଗିଂତ ହୋଇ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥବଲେ । ସଭାରେ ସମ୍ମାନିତ ଅତିଥିଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ ଓ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମାରାଣ୍ଡି ଯୋଗ ଦେଇ ଆଗାମୀ ପୌର ନିର୍ବାଚନ ନିମନ୍ତେ ଏବେଠାରୁ ପ୍ରସ୍ତୁତ ହୋଇ ପ୍ରତ୍ୟେକ ୱାର୍ଡରେ ଶୁଭେଚ୍ଛୁ ଓ କର୍ମୀମାନଙ୍କୁ ନେଇ ବୈଠକ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟ ଉପରେ ଆଲୋକପାତ କରିବା ପାଇଁ ଦିଗ୍‌ଦର୍ଶନ ଦେଇଥିଲେ । ଏହି ସଭାରେ ବାରିପଦା ନଗର କମିଟିର ନୂତନ କର୍ମକର୍ତାମାନଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ସଭାରେ ବାରିପଦା ସହରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ପ୍ରସ୍ତାବ ଆଗତ କରାଯାଇ ରାଜ୍ୟ ସଂଗଠନ ସମ୍ପାଦକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସଙ୍କ ମାଧମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁ ?କ୍ତ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ନିମନ୍ତେ ପଠାଯିବାର ସ୍ଥିର କରାଗଲା । ବନ୍ୟାଦାଉରୁ ବାରିପଦା ସହରକୁ ରକ୍ଷା କରିବା ନିମନ୍ତେ ଆଡିବନ୍ଧ ନିର୍ମାଣ, ନୂତନ ବସଷ୍ଟାଣ୍ଡ ନିର୍ମାଣ, ଶହୀଦସ୍ମୃତି ଭବନର ଲାଇଟ ଏବଂ ସାଉଣ୍ଡ କାର୍ଯ୍ୟର ବ୍ୟବସ୍ଥା, ଶ୍ରୀରାମଚନ୍ଦ୍ର ପାଠାଗାର ତୁରନ୍ତ ଉନ୍ନତିକରଣ ସହ ଏହାର ରକ୍ଷଣାବେକ୍ଷଣ ରାଜ୍ୟ ସରକାର ହାତକୁ ନେବା, ବାଦ ପଡିଥିବା ବସ୍ତିବାସିନ୍ଦାଙ୍କ ଗୃହର ସର୍ଭେ ଏବଂ ଜମି ପଟ୍ଟା ପ୍ରଦାନ, ବାରିପଦା ସହରରେ ସି.ସି.ଟିଭି ପ୍ରଚଳନ, ସହରର ବିଭିନ୍ନ ଖେଳପଡିଆରେ ଉନ୍ନତିକରଣ, ନୂତନ କଲ୍ୟାଣମଣ୍ଡପ ଏବଂ ପାର୍କ ନିର୍ମାଣ, ଅର୍ବାନ ବ୍ୟାଙ୍କର ପୁନରୁଦ୍ଧାର ନିମନ୍ତେ ଓ.ଟି.ଏ. ପ୍ରଚଳନ, ଷ୍ଟେସନବଜାରଠାରେ ଏକ ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ୱାର୍ଡ ନଂ ୧୭ଠାରେ ଏବଂ ବାରିପଦା ସହର ଓ ବୁଢାରାଉଳ ମଧ୍ୟରେ ଯୋଗାଯୋଗ ନିମନ୍ତେ ୨ଟି ବ୍ରିଜ ନିର୍ମାଣ ଓ ବାରିପଦା ସହରର ବିଭିନ୍ନ ସ୍ଥାନରେ ସୌନ୍ଦର୍ଯ୍ୟୀ କରଣ ଇତ୍ୟାଦି କାର୍ଯ୍ୟ ନିମନ୍ତେ ସର୍ବସମ୍ମତକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ସଭାକୁ ବାରିପଦା ନଗର ସଂଯୋଜକ ନିରୋଜ ସାହୁ ଓ ବରିଷ୍ଠ କାଉନସିଲର ଅନନ୍ତ ଦାସ ସଂଯୋଜନା କରିଥିବା ବେଳେ ସରୋଜ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମହିଳା ଜନତା ଦଳର ସଭାନେତ୍ରୀ ଦିପ୍ତୀଲତା ମିଶ୍ର, ଯୁବସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ ନାୟକଙ୍କ ସମେତ ପୂର୍ବତନ ନଗରପାଳ ରାଜଶିବନାରାୟଣ କିସ୍କୁ, ପୂର୍ବତନ ଉପ-ନଗରପାଳ ଜିତେନ୍ଦ୍ର ମହାନ୍ତି, ପୂର୍ବତନ ବରିଷ୍ଠ କାଉନସିଲର କୃଷ୍ଣଚନ୍ଦ୍ର ଦାସ, ବିଶିକେଶନ ପଟ୍ଟନାୟକ, ଦର୍ପନାରାୟଣ ପାଲ, ପ୍ରଭାତ ମହାନ୍ତି, ଶାନ୍ତନୁ ଦାସ, ମହେଶ ଭଂଜଦେଓ, ତ୍ରୈଲକେଶ ପଣ୍ଡା, ଦେବାଶିଷ ଦାସ, ସ୍ୱରୂପ ପଟ୍ଟନାୟକ, ଜଗବନ୍ଧୁ ମୁଖୀ, ଉଦୟନାଥ ଜେନା, ବୈଦ୍ୟନାଥ ରଥ, ଆଶିଷ ମହାନ୍ତି, ପର୍ଶୁରାମ ଶର୍ମା, ତପନ କର, ଶୈଳେନ୍ଦ୍ର ପାତ୍ର, ଜୟନ୍ତ ଦୁଗାର, ବିନୋଦ ଖଣ୍ଡେଲୱାଲ, ପ୍ରଭାତ ନାୟକ, ଅମର ସେଠୀ, କାହ୍ନୁଚରଣ ବେହେରା, ଇନ୍ଦୁ ଭୂଷଣ ପ୍ରଧାନ, ବିରାଜ ଦାସ, ଅଶୋକ ବିଶ୍ୱାଳ, ସଞ୍ଜୀବ ନାଥ, ଭାନୁ ପ୍ରତାପ ଭଂଦଦେଓ, ସେକ୍ ନିଜାମ, ମନୋଜ ସାମଲଙ୍କ ସମେତ ସମସ୍ତ ନୂତନ କାର୍ଯ୍ୟକର୍ତା ଉପସ୍ଥିତ ହୋଇ ଆଗାମୀ ଦିନରେ ବାରିପଦା ସହରରେ ବିଜୁ ଜନତା ଦଳକୁ ସୁସଂଗଠିତ କରି ପୌରନିର୍ବଚନରେ ବିଜୟଲାଭ କରିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ ।




## ରବିନାରାୟଣ ଶତପଥୀଙ୍କ ଶ୍ରାଦ୍ଧବାର୍ଷିକ ସ୍ମୃତିସଭା



ବାଲେଶ୍ୱର,୧୨/୧୧ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ବାଙ୍ଗରା ନୀଳକଣ୍ଠେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ରବିନାରାୟଣ ଶତପଥୀଙ୍କ ଚତୁର୍ଥ ବାର୍ଷିକ ଶ୍ରାଦ୍ଧ ଦିବସ ଅବସରରେ ଏକ ସ୍ମୃତିସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଶଶିଭୁଷଣ କର ଏଥିରେ ଅଧ୍ୟକ୍ଷତା ସହ ସ୍ୱର୍ଗତ ଶତପଥୀଙ୍କ ବହୁବିଧ ପ୍ରତିଭା ଓ ବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କର ଉଦ୍ୟମ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଜଣେ ଆଦର୍ଶବାଦୀ, ପରୋପକାରୀ, ମେଳାପୀ ବ୍ୟକ୍ତିତ୍ୱ ଭାବେ କେବଳ ବାଙ୍ଗରା ନୁହେଁ ବରଂ ଆଖପାଖ ଅଞ୍ଚଳ ପାଇଁ ସେ ପ୍ରେରଣା ଥିଲେ ବୋଲି ଶ୍ରୀ କର କହିଥିଲେ । ବିନୋଦ କୁମାର ପାଲ, ଦିବ୍ୟକାନ୍ତ ତ୍ରିପାଠୀ, ମାନସ ରଂଜନ ମିଶ୍ର, ଜ୍ୟୋସ୍ନାରାଣୀ ସିଂ, ଲକ୍ଷ୍ମୀଧର ଦାସ, ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ସ୍ୱର୍ଗତ ଶତନଥୀଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ ।

## ଦୁଲାରୀ ଦେବୀ ଜୀଙ୍କୁ କୃତଜ୍ଞତା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ୧୨/୧୧ (ନି.ପ୍ର): ଲୋକଙ୍କ ପଦ୍ମ ପୁରସ୍କାର ବିଜେତା ଦୁଲାରୀ ଦେବୀ ଜୀଙ୍କୁ ତାଙ୍କ ଉପହାର ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କୃତଜ୍ଞତା ଜଣାଇଛନ୍ତି । ଏକ ଟ୍ୱିଟରେ ଶ୍ରୀ ମୋଦୀ କହିଛନ୍ତି; (ପିପୁଲ୍ସ ପଦ୍ମ)ରେ ସମ୍ମାନିତ ବ୍ୟକ୍ତିମାନଙ୍କ ମଧ୍ୟରେ ଦୁଲାରୀ ଦେବୀ ଜୀ ରହିଛନ୍ତି । ମଧୁବନୀ, ବିହାରର ସେ ଜଣେ ପ୍ରତିଭାବାନ କଳାକାର । ପୁରସ୍କାର ସମାରୋହ ପରେ ଅନୌପଚାରିକ ଆଲୋଚନା ବେଳେ ସେ ମୋତେ ତାଙ୍କ କଳାକୃତି ଉପହାର ଦେଇଥିଲେ । ଧନ୍ୟବାଦର ସହ ଉପହାର ଗ୍ରହଣ କଲି ।"

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo